


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୮ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 18 August 2026

Vol.No. 36 ■ No.216 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ଆମେରିକା-ଇରାନ ଶାନ୍ତି ଚୁକ୍ତି ପାଇଁ ୬୦ ଦିନର ଅବଧି ଶେଷ: ମତଭେଦ ଜାରି



ନୂଆଦିଲ୍ଲୀ,୧୭/୮ : ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଶେଷ କରି ଶାନ୍ତି ଚୁକ୍ତିରେ ପହଞ୍ଚିବା ପାଇଁ ଧାର୍ଯ୍ୟ ୬୦ ଦିନର ସମୟସୀମା ସୋମବାର ଶେଷ ହୋଇଛି। ଜୁନ୍‌ରେ ଭର୍ସାଇଲ୍‌ସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱାକ୍ଷର କରିଥିବା ବୁଝାମଣାପତ୍ରରେ ଏହି ସମୟସୀମା ଧାର୍ଯ୍ୟ ହୋଇଥିଲା। ଏହି ସମୟ ମଧ୍ୟରେ ଯୁଦ୍ଧ ସ୍ଥାୟୀ ଭାବେ ଶେଷ କରିବା ସହ ଇରାନର ପରମାଣୁ କାର୍ଯ୍ୟକ୍ରମ ନେଇ ଚୁକ୍ତି ହେବାର ଲକ୍ଷ୍ୟ ରହିଥିଲା। କିନ୍ତୁ ସମୟସୀମା ଶେଷ ହୋଇଥିଲେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ମତଭେଦ ଆହୁରି ଗଭୀର ହୋଇଛି। ଜୁନ୍‌ର ଅନ୍ତରୀଣ ବୁଝାମଣାରେ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ଓ ଇରାନ ଉପରେ ଆମେରିକାର ନୌସେନା ଅବରୋଧ ହଟାଇବା ପ୍ରମୁଖ ସର୍ତ୍ତ ଥିଲା। ଏହାସହ ଦୁଇ ଦେଶର ପରମାଣୁ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହେବାର ଥିଲା। କିନ୍ତୁ ହର୍ମୁଜ୍ ପ୍ରଣାଳୀ ଖୋଲିବା ନେଇ ଏପର୍ଯ୍ୟନ୍ତ କୌଣସି ସହମତି ହୋଇନାହିଁ ଏବଂ ପରମାଣୁ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ମଧ୍ୟ ଆରମ୍ଭ ହୋଇପାରିନାହିଁ। ଚୁକ୍ତି ସ୍ୱାକ୍ଷରର ପ୍ରାୟ ଏକ ସପ୍ତାହ ପରେ ଇରାନ ଓମାନ ଉପକୂଳ ନିକଟ ଏକ ସମୁଦ୍ରପଥରେ ଯାଉଥିବା ଜାହାଜଗୁଡ଼ିକ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଏହି ପଥ ଆମେରିକାର ସାମରିକ ନିରୀକ୍ଷଣରେ ଥିଲା ଏବଂ ଇରାନର ନିୟନ୍ତ୍ରଣକୁ ଏଡ଼ାଇବା ପାଇଁ ବ୍ୟବହୃତ ହେଉଥିଲା। ଏହାର ଜବାବରେ ଆମେରିକା ଇରାନ ଉପରେ ଆକ୍ରମଣ କରିଥିଲା। ପରେ ଇରାନ ଜୋର୍ଡାନ, କୁଏତ୍ ଓ ବାହାରିନ ଭଳି ଦେଶରେ ଥିବା ଆମେରିକୀୟ ସାମରିକ ଘାଟିକୁ ଆକ୍ରମଣ କରିଥିଲା। ଏହା ପରେ ଆମେରିକା ଇରାନର ତୈଳ ବିକ୍ରି ପାଇଁ ଦେଇଥିବା ଅନୁମତି ପ୍ରତ୍ୟାହାର କରିବା ସହ ଇରାନର ବନ୍ଦରଗୁଡ଼ିକ ଉପରେ ଅବରୋଧ ପୁଣି ଲାଗୁ କରିଥିଲା। ଉଭୟ ଦେଶ ପରସ୍ପର ବିରୋଧରେ ଜୁନ୍ ଚୁକ୍ତି ଉଲ୍ଲଂଘନର ଦୋଷ ଲଦିଛନ୍ତି। ଏବେ ହର୍ମୁଜ୍ ପ୍ରଣାଳୀକୁ ନେଇ ମତଭେଦ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଇରାନ ଆମେରିକାର ଅବରୋଧ ହଟାଇବା, ଇରାନ ଚାରିପାଖରୁ ଆମେରିକୀୟ ସେନା ପ୍ରତ୍ୟାହାର ଏବଂ ଯୁଦ୍ଧରେ ହୋଇଥିବା କ୍ଷତି ପାଇଁ କ୍ଷତିପୂରଣ ଦାବି କରୁଛି। ଏହା ସହ ହର୍ମୁଜ୍ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ରହିବ ଏବଂ ଭବିଷ୍ୟତରେ ଜାହାଜଗୁଡ଼ିକରୁ ଶୁଳ୍କ ଆଦାୟ କରାଯାଇପାରେ ବୋଲି ଇରାନ କହୁଛି। ଟ୍ରମ୍ପ ଏହି ଦାବିଗୁଡ଼ିକୁ ଖାରଜ କରିଛନ୍ତି। ତାଙ୍କ ମତରେ ଯୁଦ୍ଧ ପାଇଁ ଇରାନକୁ ହିଁ କ୍ଷତିପୂରଣ ଦେବାକୁ ପଡ଼ିବ ଏବଂ ହର୍ମୁଜ୍ ଉପରେ ଆମେରିକାର ନିୟନ୍ତ୍ରଣ ରହିଛି। ଏପଟେ ଇରାନ ଉପରେ ଯୁଦ୍ଧ ଓ ଆର୍ଥିକ ଅବରୋଧର ପ୍ରଭାବ ବଢ଼ିଛି। ଦେଶର ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି ଏବଂ ଆର୍ଥିକ ସଙ୍କଟ ଯୋଗୁଁ ପୁଣି ସରକାର ବିରୋଧୀ ବିକ୍ଷୋଭ ଦେଖାଦେବାର ଆଶଙ୍କା ରହିଛି। ହର୍ମୁଜ୍ ଦେଇ ତୈଳ ଓ ଅନ୍ୟ ସାମଗ୍ରୀ ପରିବହନ ଯୁଦ୍ଧ ପୂର୍ବ ସ୍ତରକୁ ଫେରିନାହିଁ। ଫଳରେ ଇନ୍ଧନ ଓ ଅନ୍ୟ ଜିନିଷର ଦର ଆହୁରି ବଢ଼ିବା ଆଶଙ୍କା ରହିଛି। ପାକିସ୍ତାନ, ଯିଏ ଜୁନ୍‌ର ବୁଝାମଣାରେ ମଧ୍ୟସ୍ଥତା କରିଥିଲା, ଆଲୋଚନା ପୁଣି ଆରମ୍ଭ କରିବା ଓ ସମୟସୀମା ବଢ଼ାଇବା ପାଇଁ ଉଭୟ ପକ୍ଷ ସହ ଯୋଗାଯୋଗ ଜାରି ରଖିଛି।

## ନ୍ୟାୟିକ ବ୍ୟବସ୍ଥାରେ ଜଜ୍ ସଂକଟ: ଓଡ଼ିଶାରେ ପଡ଼ିରହିଛି ୧୮ ଲକ୍ଷରୁ ଅଧିକ ମାମଲା



ଭୁବନେଶ୍ୱର, ୧୭/୮ (ନି.ପ୍ର): ଓଡ଼ିଶା ହାଇକୋର୍ଟରେ ମାମଲା ସଂଖ୍ୟା ବଢୁଥିବା ବେଳେ ଦିନକୁ ଦିନ କମୁଛି ବିଚାରପତିଙ୍କ ସଂଖ୍ୟା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ହାଇକୋର୍ଟ ବାର ଆସୋସିଏସନ୍। ଖାଲି ପଡ଼ିଥିବା ବିଚାରପତି ପଦବୀ ତୁରନ୍ତ ପୂରଣ କରିବାକୁ ଦାବି କରିଛି ସଂଘ। ଏନେଇ ରାଷ୍ଟ୍ରପତି ଏବଂ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ଭେଟି ଅଭିଯୋଗ ଜଣାଇବାକୁ ବାର ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ୧ ଲକ୍ଷ ୭୦ ହଜାରରୁ ଅଧିକ ମାମଲା ବିଚାରାଧୀନ ରହିଛି। ହାଇକୋର୍ଟରେ ଅନୁମୋଦିତ ବିଚାରପତି ପଦ ସଂଖ୍ୟା ୩୩ ଥିବା ବେଳେ ଏବେ ମାତ୍ର ୧୭ ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ବଦଳି ପାଇଁ ନିକଟରେ ସୁପାରିଶ ହୋଇଛି। ଏହାସହ ଆସନ୍ତା ଅକ୍ଟୋବର ଓ ନଭେମ୍ବରରେ ଆଉ ଦୁଇ ଜଣ ବିଚାରପତି ଅବସର ନେବେ। ଫଳରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଆହୁରି କମି ୧୩ରେ ପହଞ୍ଚିବା ଆଶଙ୍କା ରହିଛି। ଅନୁମୋଦିତ ପଦର ଅଧାରୁ କମ୍ ବିଚାରପତିଙ୍କୁ ନେଇ ହାଇକୋର୍ଟ କିପରି ଚାଲିବ, ତାକୁ ନେଇ ପ୍ରଶ୍ନ ଉଠାଇଛି ବାର ଆସୋସିଏସନ୍। ତୁରନ୍ତ ଖାଲି ପଦବୀ ପୂରଣ କରିବାକୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦାବି କରିଛି ସଂଘ। କେବଳ ହାଇକୋର୍ଟ ନୁହେଁ, ରାଜ୍ୟର ଜିଲ୍ଲା ଓ ଅଧସ୍ତନ ଅଦାଲତଗୁଡ଼ିକରେ ମଧ୍ୟ ବିଚାରପତି ପଦ ଖାଲି ପଡ଼ିଛି। ଅନୁମୋଦିତ ୧,୧୮୩ଟି ପଦ ମଧ୍ୟରୁ ୮୫୪ ଜଣ ବିଚାରପତି କାର୍ଯ୍ୟରତ ଥିବା ବେଳେ ୩୨୯ଟି ପଦ ଖାଲି ରହିଛି। ଖାଲି ଜିଲ୍ଲା ଜଜ୍ ପଦ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ଦେଶର ରାଜ୍ୟଗୁଡ଼ିକ ମଧ୍ୟରେ ସପ୍ତମ ସ୍ଥାନରେ ରହିଛି। ଜିଲ୍ଲା ଓ ଅଧସ୍ତନ ଅଦାଲତରେ ୧୮ ଲକ୍ଷ ୬୮ ହଜାର ୩୨୩ଟି ମାମଲା ବିଚାରାଧୀନ ରହିଛି। ସେଥିମଧ୍ୟରୁ ୫ ବର୍ଷରୁ ଅଧିକ ସମୟ ଧରି ୭ ଲକ୍ଷ ୬୬ ହଜାର ୧୭୭ଟି ମାମଲା ଏବଂ ୧୦ ବର୍ଷରୁ ଅଧିକ ସମୟ ଧରି ୩ ଲକ୍ଷ ୭ ହଜାର ୨୧୬ଟି ମାମଲା ବିଚାରାଧୀନ ରହିଛି। ସାରା ଦେଶରେ ମଧ୍ୟ ନ୍ୟାୟାଧୀଶ ପଦ ଖାଲି ରହିବା ସମସ୍ୟା ଗମ୍ଭୀର ରହିଛି। ଦେଶରେ ଅନୁମୋଦିତ ୩୦ ହଜାର ୮୬୮ଟି ନ୍ୟାୟିକ ପଦ ମଧ୍ୟରୁ ୭ ହଜାର ୩୧୦ଟି ପଦ ଖାଲି ପଡ଼ିଛି। ବିଚାରପତିଙ୍କ ଅଭାବ ଯୋଗୁଁ ମାମଲା ଫଇସଲାରେ ବିଳମ୍ବ ହେଉଥିବାରୁ ନ୍ୟାୟିକ ବ୍ୟବସ୍ଥାରେ ଏହା ବଡ଼ ଚ୍ୟାଲେଞ୍ଜ ପାଲଟିଛି।

## ଭାଗଚାଷୀଙ୍କୁ ମିଳିବ କି ଆଇନଗତ ସ୍ୱୀକୃତି: ଯୁଗଳ ମହାପାତ୍ର କମିଟି ସୁପାରିଶ, ଫେବୃୟାରୀ-ମାର୍ଚ୍ଚ ସୁଦ୍ଧା ଆସିବ ଆଇନ



ଭୁବନେଶ୍ୱର, ୧୭/୮ (ନି.ପ୍ର): ରାଜ୍ୟରେ ଦୀର୍ଘବର୍ଷ ଧରି ନିଜର ହକ୍ ଓ ପରିଚୟ ପାଇଁ ସଂଘର୍ଷ କରୁଥିବା ଲକ୍ଷ ଲକ୍ଷ ଭାଗଚାଷୀଙ୍କୁ ଖୁବଶୀଘ୍ର ଆଇନଗତ ସ୍ୱୀକୃତି ମିଳିବ। ଏପରିକି ଆସନ୍ତା ଫେବୃୟାରୀ-ମାର୍ଚ୍ଚ ସୁଦ୍ଧା ବିଧାନସଭାରେ ଏ ସଂକ୍ରାନ୍ତ ବିଲ୍ ମଧ୍ୟ ଆସିବ। ରାଜ୍ୟରେ ପ୍ରକୃତ ଚାଷ କରୁଥିବା ଭାଗଚାଷୀମାନଙ୍କୁ ସରକାରୀ ସହାୟତା, ଋଣ ଓ କ୍ଷତିପୂରଣ ଯୋଗାଇବା ସହ ଜମିମାଲିକଙ୍କ ସ୍ୱାର୍ଥ ରକ୍ଷା କରିବା ଦିଗରେ ଏହି ପ୍ରସ୍ତାବିତ ଆଇନ ସହାୟକ ହେବ। ପୂର୍ବତନ ମୁଖ୍ୟ ସଚିବ ଯୁଗଳ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଶାସନିକ ଓ ଶାସନ ସଂସ୍କାର କମିଟି ଏହି ସୁପାରିଶ କରିଛନ୍ତି। ‘ପ୍ରକୃତ ଚାଷୀଙ୍କୁ ସ୍ୱୀକୃତି - ଓଡ଼ିଶାରେ ସମାବେଶୀ ଜମି ଲିଜ୍ ସଂସ୍କାର’ ଜରିଆରେ ରାଜ୍ୟରେ ନୂଆ ଜମି ଲିଜ୍ ଆଇନ ପ୍ରଣୟନ ପାଇଁ କମିଟି ସୁପାରିସ କରିଛି। ଏହି କମିଟିରେ ପୂର୍ବତନ ବରିଷ୍ଠ ପ୍ରଶାସକ ଓ.ପି. ଅଗ୍ରୱାଲ ଓ ଟି.ଏମ୍ ବିଜୟଭାସ୍କର ସଦସ୍ୟ ରହିଥିବାବେଳେ ଭୂସଂସ୍କାର ବିଶେଷଜ୍ଞ ପ୍ରଣବ ଆର. ଚୌଧୁରୀ ଓ ରାଜସ୍ୱ ବିଶେଷଜ୍ଞ ଧୀରେନ କୁମାର ଦାଶ ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିଛନ୍ତି। ସରକାରଙ୍କ ନିକଟରେ ମହାପାତ୍ର କମିଟି ଦାଖଲ କରିଥିବା ନିଜର ରିପୋର୍ଟରେ ରାଜ୍ୟର ଭାଗଚାଷୀଙ୍କୁ ସୁରକ୍ଷା ଦେବା ସହ ଜମି ମାଲିକଙ୍କ ସ୍ୱାର୍ଥ ରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଭାଗଚାଷୀଙ୍କୁ କୌଣସି ପରିସ୍ଥିତିରେ ଜମିର ମାଲିକାନା ଅଧିକାର ମିଳିବ ନାହିଁ। ଜମି ଉପରେ ମୂଳ ମାଲିକଙ୍କ ଅଧିକାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ନିର୍ଦ୍ଦିଷ୍ଟ ଅବଧି ପାଇଁ ଚାଷ ଉଦ୍ଦେଶ୍ୟରେ ଜମି ଚୁକ୍ତିନାମା (ଲ୍ୟାଣ୍ଡ ଲିଜିଂ ଏଗ୍ରିମେଣ୍ଟ) ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଉଭୟ ପକ୍ଷଙ୍କ ମଧ୍ୟରେ ବିଶ୍ୱାସ ବଢ଼ାଇବ। ବିନା ଷ୍ଟାମ୍ପ ଡ୍ୟୁଟିରେ କେବଳ ନାମମାତ୍ର ଶୁଳ୍କ ଦେଇ ଗ୍ରାମ ରାଜସ୍ୱ ଅଧିକାରୀ, ସରପଂଚ, ବ୍ୟାଙ୍କ ଅଫିସର କିମ୍ବା ନୋଟାରୀଙ୍କ ଜରିଆରେ ଏହି ଚୁକ୍ତି ସରଳ ଭାବେ ପ୍ରମାଣିତ ହୋଇପାରିବ। ବ୍ୟାଙ୍କ ଓ ସମବାୟ ସମିତି ଜରିଆରେ ପ୍ରକୃତ ଚାଷ କରୁଥିବା ବ୍ୟକ୍ତିଙ୍କୁ ସହଜରେ ଫସଲ ଋଣ ମିଳିବା ନିମନ୍ତେ ଆନୁଷ୍ଠାନିକ ବ୍ୟବସ୍ଥା ହେବା ସହ ସରକାରୀ ଯୋଜନା ଓ ସବସିଡ଼ିଯୁକ୍ତ ବିହନ,ସାର, କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ ସରକାରୀ ପ୍ରୋତ୍ସାହନ ରାଶି ସିଧାସଳଖ ଭାଗଚାଷୀଙ୍କୁ ମିଳିପାରିବ। ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଫସଲ ହାନି ଘଟିଲେ ବୀମା ରାଶି ଓ ସରକାରୀ ରିଲିଫ୍ ସହାୟତା

◆◆ପୃଷ୍ଠା ୭

## ବନ୍ୟାରେ ୬ ଜିଲ୍ଲାରେ ୮ ଲକ୍ଷ ଲୋକ ପ୍ରଭାବିତ: ଦୁଃସ୍ଥିତି ଆକଳନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୭/୮ (ନି.ପ୍ର): ଲଘୁଚାପ ଜନିତ ବର୍ଷା ଯୋଗୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ଉପୁଜିଛି। ସୋମବାର ଅପରାହ୍ଣ ସୁଦ୍ଧା ବନ୍ୟାରେ ୬ଟି ଜିଲ୍ଲାରେ ୬୬ଟି ବ୍ଲକର ୪୪୮ଟି ଗ୍ରାମପଞ୍ଚାୟତର ୧୩୦୪ଟି ଗାଁ, ୧୦ଟି ପୌରାଞ୍ଚଳର ୬୪ଟି ୱାର୍ଡ ପ୍ରଭାବିତ ହୋଇଛି। ଏଥିରେ ମୋଟ୍ ୭,୮୫,୧୯୯ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ତେବେ ଏହି ବନ୍ୟାରେ କାହାରି ମୃତ୍ୟୁ ହୋଇନଥିବା ସ୍ୱତନ୍ତ୍ର ରିଲିଫ କମିସନରଙ୍କ(ଏସ୍‌ଆରସି) କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ବୈତରଣୀ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ସାଳନ୍ଦୀ ନଦୀରେ ବନ୍ୟା ଯୋଗୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାବିତ ହୋଇଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜିଲ୍ଲାରେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତଙ୍କୁ ଯେପରି ଶୁଖିଲା ଓ ରନ୍ଧା ଖାଦ୍ୟ ସୁବିଧାରେ ଯୋଗାଇ ଦିଆଯିବ ସେଥିପାଇଁ ୬ଟି ଜିଲ୍ଲାରେ ୫୩୧ଟି ରିଲିଫ କେନ୍ଦ୍ର ଖୋଲିଛି। ଲୋକଙ୍କୁ ଉଦ୍ଧାର ପାଇଁ ୬ଟି ଜିଲ୍ଲାରେ ମୋଟ୍ ୩୯ଟି ଓଡ୍ରାଫ୍ ଟିମ୍, ୭ଟି ଏନ୍‌ଡିଆରଏଫ୍ ଟିମ୍, ୫୩ଟି ଅଗ୍ନିଶମ ଟିମ୍ ମୁତୟନ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୪୧ଟି ଘର ଭାଙ୍ଗିଥିବା ଏବଂ ୪୨,୨୧୬.୭ ହେକ୍ଟର ଚାଷ ଜମିରେ ପାଣି ମାଡ଼ିଥିବା ପ୍ରାରମ୍ଭିକ ରିପୋର୍ଟରୁ ଜାଣିବାକୁ ମିଳିଛି।

◆◆ପୃଷ୍ଠା ୭

## ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ କ୍ୟାପିଟାଲ ହସ୍ପିଟାଲ ଡାକ୍ତର

ଭୁବନେଶ୍ୱର, ୧୭/୮ (ନି.ପ୍ର): ଭିଜିଲାନ୍ସ ଜାଲରେ ଡାକ୍ତର ବାବୁ। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଆସିଷ୍ଟାଣ୍ଟ ସର୍ଜନ ସତ୍ୟଜିତ ବେହେରାଙ୍କୁ ଲାଞ୍ଚ ନେବା ବେଳେ ଧରିଲା ଭିଜିଲାନ୍ସ ଟିମ୍। ସେ ଏକ ଏନଜିଓ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଛନ୍ତି। ଏକକାଳୀନ ୩ଟି ସ୍ଥାନରେ ଚାଲିଛି ଚଢ଼ାଉ। ସୂଚନା ଅନୁସାରେ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ଅଜଣା ଅସହାୟ ରୋଗୀଙ୍କୁ ସହାୟତା କରିବା ପାଇଁ ଏକ ଏନ୍‌ଜିଓକୁ ନିୟୋଜିତ କରାଯାଇଥିଲା। ଉକ୍ତ ଏନ୍‌ଜିଓ ପକ୍ଷରୁ ନିୟୋଜିତ କର୍ମଚାରୀମାନଙ୍କ ୨ ମାସର ଦରମା ବିଲ୍ ଉଠାଇବା ପାଇଁ ଆବଶ୍ୟକ ୱାର୍କ ସାର୍ଟିଫିକେଟ୍‌ରେ ଦସ୍ତଖତ କରିବା ପାଇଁ ଲାଞ୍ଚ ମାଗୁଥିଲେ ଡାକ୍ତର ବାବୁ।

## ଲାଞ୍ଚ ମାମଲାରେ ଜାମ୍ମୁ-କାଶ୍ମୀର ପୋଲିସ ସବ୍-ଇନ୍ସପେକ୍ଟରଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ,୧୭/୮ : ସେଣ୍ଟ୍ରାଲ୍ ବ୍ୟୁରୋ ଅ୍ ଇନଭେଷ୍ଟିଗେସନ୍ (ସିବିଆଇ) ଜାମ୍ମୁ କାଶ୍ମୀର ପୋଲିସର ସବ୍-ଇନ୍ସପେକ୍ଟର ଦାନିଶ ହମିଦଙ୍କୁ ୧୦,୦୦୦ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିର କରିଛି। ଅଭିଯୁକ୍ତ ଜଣକ ଜାମ୍ମୁର ଜାନିପୁର ପୋଲିସ ଷ୍ଟେସନରେ ଅବସ୍ଥାପିତ ଥିଲେ।ସିବିଆଇ ଅନୁଯାୟୀ, ବୈବାହିକ ବିବାଦ ସମ୍ବନ୍ଧୀୟ ଏକ ମାମଲାରେ ଅଭିଯୋଗକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ ପଞ୍ଜୀକୃତ ନକରିବା ପାଇଁ ଅଭିଯୁକ୍ତ ସବ୍-ଇନ୍ସପେକ୍ଟର ୨୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଆଲୋଚନା ପରେ ସେ ୧୦,୦୦୦ ଟଙ୍କା ଲାଞ୍ଚ ନେବାକୁ ରାଜି ହୋଇଥିଲେ।ଅଭିଯୋଗ ଆଧାରରେ ଅଗଷ୍ଟ ୧୬ ତାରିଖରେ ସିବିଆଇ ଏକ ମାମଲା ରୁଜୁ କରିଥିଲା। ଏହା ପରେ ଏଜେନ୍ସି ଏକ ଜାଲ ବିଛାଇଥିଲା ଏବଂ ଅଭିଯୋଗକାରୀଙ୍କ ଠାରୁ ୧୦,୦୦୦ ଟଙ୍କା ଲାଞ୍ଚ ଦାବି ଏବଂ ଗ୍ରହଣ କରୁଥିବାବେଳେ ଅଭିଯୁକ୍ତ ସବ୍-ଇନ୍ସପେକ୍ଟରଙ୍କୁ ରେଡ୍ ହ୍ୟାଣ୍ଡେଡ ଧରିଥିଲା। ଏହି ମାମଲାରେ ତଦନ୍ତ ଜାରି ରହିଛି ବୋଲି ସିବିଆଇ କହିଛି।

## ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି : ହାଇକୋର୍ଟଙ୍କ ଶୁଣାଣି ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୭/୮ : କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ସୁପ୍ରିମକୋର୍ଟରୁ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ମିଳିଛି। ସୋମବାର ଶୀର୍ଷକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ରାହୁଲ ଗାନ୍ଧୀଙ୍କ ଆବେଦନ ଉପରେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନୋଟିସ୍ ଜାରି କରିଛନ୍ତି। ଯେଉଁଥିରେ ଉଭୟ ଏଜେନ୍ସିକୁ ଅଭିଯୋଗଗୁଡ଼ିକର ତଦନ୍ତ ଏବଂ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କୁ ଅଗଷ୍ଟ ୨୦ ତାରିଖରେ ହେବାକୁ ଥିବା ଶୁଣାଣିକୁ ସ୍ଥଗିତ ରଖିବାକୁ କହିଛନ୍ତି। ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ଏହି ମାମଲାରେ ସିବିଆଇ ଏବଂ ଇଡି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାହୁଲଙ୍କ ଆବେଦନର ଏକ କପି ଅଭିଯୋଗକାରୀଙ୍କୁ ଦିଆଯାଉ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ

◆◆ପୃଷ୍ଠା ୭

## ଜେଏସ୍ଏସ୍‌ସି-ସିଜିଏଲ୍ ପରୀକ୍ଷା ବାତିଲ ହେଲା: ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ତଦନ୍ତ ହେବ



ନୂଆଦିଲ୍ଲୀ,୧୭/୮ : ଛାତ୍ର ଓ ଚାକିରି ଆଶାୟୀମାନଙ୍କ ଆନ୍ଦୋଳନ ଭିତରେ ଆଜି ଝାଡ଼ଖଣ୍ଡ ସରକାର ଜେଏସ୍ଏସ୍‌ସି-ସିଜିଏଲ୍ ପରୀକ୍ଷା ବାତିଲ କରିଛନ୍ତି। ଏଥିସହ ୨୦୧୪ ମସିହାରୁ ଟିଡିପିଏଲ୍ ଦ୍ୱାରା ପରିଚାଳିତ ସମସ୍ତ ପରୀକ୍ଷାରେ ହୋଇଥିବା ତ୍ରୁଟିବିଚ୍ୟୁତିର ତଦନ୍ତ ସିଆଇଡି କରିବ ବୋଲି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଘୋଷଣା କରିଛନ୍ତି। ସେହିଭଳି ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଗଠିତ କମିଟି ଦ୍ୱାରା ପରୀକ୍ଷା ଅନିୟମିତତାର ପୃଥକ୍ ତଦନ୍ତ ହେବ। ମୁଖ୍ୟମନ୍ତ୍ରୀ ସୋରେନ କହିଛନ୍ତି ଯେ, ଟିଡିପିଏଲ୍ ଦ୍ୱାରା ପରିଚାଳିତ ଓ ପ୍ରକାଶିତ ସମସ୍ତ ପରୀକ୍ଷା ଓ ଏହାର ଫଳ ପ୍ରକାଶକୁ ବାତିଲ କରାଯାଇଛି।

◆◆ପୃଷ୍ଠା ୭

# ଦେଶପ୍ରେମର ଭାବାବେଗ ସହିତ ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ରାଉରକେଲା,୧୭/୦୮ (ନି.ପ୍ର): ଦେଶପ୍ରେମ ଓ ଜାତୀୟ ଗର୍ବର ଭାବାବେଗରେ ଅଗଷ୍ଟ ୧୫ ତାରିଖରେ ଇସ୍ପାତ ଷ୍ଟାଡିୟମ ଠାରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ଭାରତର ୮୦ତମ ସ୍ୱାଧୀନତା ଦିବସ ମହାଆଡ଼ମ୍ବର ଓ ଉତ୍ସାହର ସହ ପାଳିତ ହୋଇଥିଲା। ଦିବସର କାର୍ଯ୍ୟକ୍ରମ ଜାତୀୟ ବନ୍ଦନାରୁ ଆରମ୍ଭ ହୋଇଥିଲା। ଏହା ପରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଜାତୀୟ ପତାକା, ତ୍ରିରଙ୍ଗା ଉତ୍ତୋଳନ କରିଥିଲେ ଏବଂ ଏଥି ସହିତ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ପରେ ଶ୍ରୀ ବର୍ମା ୬୧ଟି କଣ୍ଟିଜେଣ୍ଟ୍‌କୁ ନେଇ ଆୟୋଜିତ ଚିତ୍ତାକର୍ଷକ ପ୍ୟାରେଡ୍‌ର ନିରୀକ୍ଷଣ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଜ୍ଞାନ ଜ୍ୟୋତି ପବ୍ଲିକ୍ ସ୍କୁଲ୍‌ର ବ୍ୟାଣ୍ଡ୍‌ର ଉତ୍ସାହଜନକ ସୁରର ତାଳେ ମାର୍ଚ୍ଚ ପାଷ୍ଟରେ କଣ୍ଟିଜେଣ୍ଟ୍‌ଗୁଡ଼ିକ ଶୃଙ୍ଖଳିତ ଓ ନିଖୁଣ ପଦକ୍ଷେପରେ ଅଗ୍ରସର ହୋଇଥିଲେ। ଏହି ଅବସରରେ ମଞ୍ଚରେ ଶ୍ରୀ ବର୍ମାଙ୍କ ସହ ସିଆଇଏସଏଫ ର ଡିଆଇଜି ଶ୍ରୀ ବିଷ୍ଣୁ ସ୍ୱରୂପ ଉପସ୍ଥିତ ଥିଲେ। ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଉପସ୍ଥିତ ସମସ୍ତଙ୍କୁ ଜାତୀୟ ସଙ୍ଗୀତ ଏବଂ ଜାତୀୟ ବନ୍ଦନା ର ସମୂହ ଗାନରେ ନେତୃତ୍ୱ ଦେଇଥିଲେ। ୮୦ତମ ସ୍ୱାଧୀନତା ଦିବସର ଏହି ଐତିହାସିକ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଶ୍ରୀ ବର୍ମା କହିଥିଲେ,



“ଯେତେବେଳେ ଭାରତ ଆଲୋକ ଓ ସ୍ୱାଧୀନତାର ପ୍ରଥମ ସକାଳ ଦେଖିଥିଲା, ସେତେବେଳେ ନିଜର ଭବିଷ୍ୟତ ଗଢ଼ିବା ପାଇଁ ଏକ ଦୃଢ଼ ଭିତ୍ତିର ଆବଶ୍ୟକତା ଥିଲା। ରାଉରକେଲା ଇସ୍ପାତ କାରଖାନା ସେହି ମହାନ ଜାତୀୟ ସ୍ୱପ୍ନରୁ ଜନ୍ମ। ଆମେ କେବଳ ଏକ ଉତ୍ପାଦନ ୟୁନିଟ୍ ନୁହେଁ; ଆମେ ଏକ ଆତ୍ମନିର୍ଭର ଭାରତର ସ୍ମାରକ।”ଶ୍ରୀ ବର୍ମା। ଆରଏସପିର ପରିବର୍ତ୍ତନମୂଳକ ଭବିଷ୍ୟତ ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରାୟ ୩୦,୦୦୦ କୋଟି ଟଙ୍କାର ବୃହତ୍ ଗ୍ରିନ୍‌ଫିଲ୍ଡ ଆଧୁନିକୀକରଣ ଓ ସମ୍ପ୍ରସାରଣ ପ୍ରକଳ୍ପ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଶ୍ୱ ବଜାରର ଅସ୍ଥିରତା, କଞ୍ଚାମାଲର ବଢୁଥିବା ମୂଲ୍ୟ ଏବଂ ତୀବ୍ର ପ୍ରତିଯୋଗିତା ଭଳି ଆହ୍ୱାନ ସତ୍ତ୍ୱେ ପ୍ଲାଣ୍ଟ ଶକ୍ତି ଓ ଜଳ ବ୍ୟବହାର ହ୍ରାସ କରିବା ସହ ଇଣ୍ଡଷ୍ଟ୍ରି ୪.୦, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଶପ୍-ଫ୍ଲୋର୍ ଡିଜିଟାଲାଇଜେସନ୍ ଆପଣାଇ ସ୍ଥାୟୀ ବିକାଶ ଦିଗରେ ଦ୍ରୁତଗତିରେ ଅଗ୍ରସର ହେଉଥିବା ସେ କହିଥିଲେ। ଭଗବାନ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ରଥଯାତ୍ରାରୁ ପ୍ରେରଣା ନେଇ ସମସ୍ତଙ୍କୁ ଏକତ୍ରିତ ହୋଇ ଏକ ଦଳ ଭାବେ ଆରଏସପିକୁ ଆଗକୁ ନେବାକୁ ସେ ଆହ୍ୱାନ ଜଣାଇଥିଲେ। ଯେପରି ଲକ୍ଷ ଲକ୍ଷ ଭକ୍ତ ଏକତ୍ରିତ ହୋଇ ମହାପ୍ରଭୁଙ୍କ ରଥ ଟାଣିଥାନ୍ତି, ସେହିପରି ଆରଏସପି ପରିବାର ଏକତାର ସହ ଆଗେଇବାକୁ ସେ ଆହ୍ୱାନ ଦେଇଥିଲେ। ଆରଏସପି ପରିବାରକୁ ଉତ୍ସାହିତ କରି ଭାରପ୍ରାପ୍ତ ନିର୍ଦ୍ଦେଶକ କହିଥିଲେ ଯେ, ସମ୍ଭାବନା ସମ୍ପର୍କରେ ଚିନ୍ତାଧାରାକୁ ପରିବର୍ତ୍ତନ କରି ‘ଜିରୋ ହାର୍ମ’, ‘ଜିରୋ ୱେଷ୍ଟ’ ଏବଂ ରେକର୍ଡ ଭଙ୍ଗକାରୀ ଦକ୍ଷତା ଭଳି ଅସମ୍ଭବ ଲାଗୁଥିବା ଲକ୍ଷ୍ୟ ହାସଲ କରିବାକୁ ହେବ। ଏକ ଅଧିକ ସଶକ୍ତ ଆରଏସପି ଏବଂ ଆତ୍ମନିର୍ଭର ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଶ୍ରୀ ବର୍ମା ସିଆଇଏସଏଫ କର୍ମଚାରୀମାନଙ୍କର ଉତ୍କୃଷ୍ଟ ସେବା ପାଇଁ ସେମାନଙ୍କୁ ସମ୍ମାନିତ କରିଥିଲେ। ଏହାସହ ଆରଏସପି ଅଗ୍ନିଶମ ବାହିନୀ ଦଳକୁ ଏକ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସେ ମୋଟିଭେସନାଲ୍ ଆୱାର୍ଡ ସ୍କିମ୍ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ପ୍ୟାରେଡ୍‌ର ଶ୍ରେଷ୍ଠ ପ୍ରଦର୍ଶନକାରୀ କଣ୍ଟିଜେଣ୍ଟ୍‌ଗୁଡ଼ିକୁ ମଧ୍ୟ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂଘତିର ସଭାନେତ୍ରୀ ଶ୍ରୀମତୀ ନମ୍ରତା ବର୍ମା, ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (ଏମ.ଡି – ସି.ଏମ.ଏଲ.ଓ) ଶ୍ରୀ ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ(କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଳାଇ, ନିର୍ବାହୀ ନିର୍ଦ୍ଦେଶକ (ଏମ୍.ଏମ୍.) ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଶ୍ରୀ ଏମ୍. ପି. ସିଂହ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲ ଚୌଧୁରୀ, ନିର୍ବାହୀ ନିର୍ଦ୍ଦେଶକ (ବିତ୍ତ ) ଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ସି ଜି ଏମ (ବିତ୍ତ ) ଶ୍ରୀ ରାଜେଶ ଦାସଗୁପ୍ତା, ସି.ଏମ୍.ଓ. ଭାରପ୍ରାପ୍ତ (ଏମ ଆଣ୍ଡ ଏଚ.ଏସ) ଡାକ୍ତର ଜେ. କେ. ଆଚାର୍ଯ୍ୟ, ଦୀପିକା ମହିଳା ସଂଘତିର ସମସ୍ତ ଉପ-ସଭାନେତ୍ରୀ ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଡାକ୍ତର (ଶ୍ରୀମତୀ) ପ୍ରତିଜ୍ଞା ପଳାଇ, ଶ୍ରୀମତୀ ରୀତା ରାଣୀ, ଶ୍ରୀମତୀ ନବନୀତା ପାଲଚୌଧୁରୀ ଙ୍କ ସମେତ ପ୍ଲାଣ୍ଟର ବହୁ ବରିଷ୍ଠ ଅଧିକାରୀ, ଟ୍ରେଡ୍ ୟୁନିଅନ୍ ଓ ଏକ୍ଜିକ୍ୟୁଟିଭ୍ ଆସୋସିଏସନ୍‌ର ପ୍ରତିନିଧି ଏବଂ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ଥିଲେ। ସିଲିକନ୍ ଷ୍ଟିଲ୍ ମିଲ୍‌ର ଶ୍ରୀ ଅନିଲ କୁମାର ମଲ୍ଲିକ ଏବଂ ଶ୍ରୀମତୀ ଆକାଙ୍କ୍ଷା ମଲ୍ଲିକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏକ ଅନୁରୂପ କାର୍ଯ୍ୟକ୍ରମ ସେକ୍ଟର–୨୨ସ୍ଥିତ ମିନି ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ସେଠାରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ୍‌ର ନିରୀକ୍ଷଣ କରିଥିଲେ ଏବଂ ୩୩ଟି କଣ୍ଟିଜେଣ୍ଟ୍‌କୁ ନେଇ ଆୟୋଜିତ ରଙ୍ଗାରଙ୍ଗ ମାର୍ଚ୍ଚ ପାଷ୍ଟର ଅଭିବାଦନ ଗ୍ରହଣ କରିଥିଲେ। ଏଠାରେ ମଧ୍ୟ ପ୍ୟାରେଡ୍‌ର ଶ୍ରେଷ୍ଠ କଣ୍ଟିଜେଣ୍ଟ୍‌ଗୁଡ଼ିକୁ ସେ ପୁରସ୍କୃତ କରିଥିଲେ। ୧୦,୦୦୦ ଟଙ୍କାର ନଗଦ ପୁରସ୍କାର ସହିତ ଡି ଆଇ ସି ସ୍ୱତନ୍ତ୍ର ପୁରସ୍କାର ଶ୍ରୀ ଗାନ୍ଧୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା। ଏସଏସଆରଭିଏମ - ଆଇ ଇ ଏମ ଏସ , ସେକ୍ଟର–୨୨ ପ୍ୟାରେଡ୍‌ରେ ବ୍ୟାଣ୍ଡ୍ ପରିବେଷଣ କରିଥିଲା।

ସେହିପରି ସେକ୍ଟର–୨ସ୍ଥିତ ଦୀପିକା ମହିଳା ଜାଗୃତି ସଂସ୍ଥାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂଘତିର ଉପସଭାନେତ୍ରୀ , ସଚିବ, ପରିଚାଳନା କମିଟିର ସଦସ୍ୟ ଏବଂ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କ ଉପସ୍ଥିତିରେ ଶ୍ରୀମତୀ ନମ୍ରତା ବର୍ମା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ଜଳେଶ୍ୱର ଅଉଲାଦ୍ ଏ ଅଲୀ ଫାଉଣ୍ଡେସନ୍ ପକ୍ଷରୁ ୮୦ ତମ ପବିତ୍ର ସ୍ୱାଧୀନତା ଦିବସ ପାଳିତ

ଜଳେଶ୍ୱର ,୧୭/୦୮ (ନି.ପ୍ର): ଜଳେଶ୍ୱର ଶାସନ ବାଡ ସ୍ଥିତ ଅଉଲାଦ୍ ଏ ଅଲୀ ଫାଉଣ୍ଡେସନ୍ ପକ୍ଷରୁ ପବିତ୍ର ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପବିତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ କାଉନସିଲର ମୀର ଆବାସ ଅଲ୍ଲି ଏବଂ ଆୟୋଜିତ ସଭାର ସଭାପତିତ୍ୱ କରିଥିଲେ। ଫାଉଣ୍ଡେସନ୍ ସଭାପତି ମୀର ନାସିରୁଦ୍ଦିନ ବକ୍ତବ୍ୟରେ ୮୦ ତମ ସ୍ୱାଧୀନତା ଦିବସ ପାଳନ ର ଆଭିମୁଖ୍ୟ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅସ ହଯୋଗ ଆନ୍ଦୋଳନ, ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟ ହିନ୍ଦ,ଦିଲ୍ଲୀ ଚଲୋ, ଡାକରା ଜୟ ରାଜଗୁରୁ , ବାଜି ରାଉତ, ଲକ୍ଷ୍ମଣ ନାୟକ ପ୍ରଭୃତି ଙ୍କ ପ୍ରାଣବଳି ରେ ସ୍ୱାଧୀନତା



ପାଇ ପାରି ପାରିଛୁ।ଏ ଦିବସ ରେ ସଂଗ୍ରାମୀ ସହିଦଙ୍କୁ କୋଟି କୋଟି ପ୍ରଣାମ ବୋଲି କହିଥିଲେ। କୋଷାଧ୍ୟକ୍ଷ ମୀର ରୌଶନ ଅଲୀ ଓ ସମ୍ପାଦକ ସୟଦ ସଦ୍ଦାମ ହୁସେନ, ଏବଂ ଫାଉଣ୍ଡେସନ ର ସୟଦ ସାହିଲ ହୁସେନ ଏସ୍.କେ. ତାଜୁ,ଏସ୍.କେ.ସଫିକ୍,ଏସ୍.କେ. ବାବୁ,ମୁସ୍ତାକ ସାହା,ଏସ୍.କେ. ତୁପାନ,ରାହିଲ ସାହା,ସାହିଲ ସାହା,ଏସ୍.କେ. ଅକ୍ତର ଏସ୍.କେ. ସୁଲତାନ ,ଫାଉଣ୍ଡେସନ୍ ସମସ୍ତ ସଦସ୍ୟ ମାନଙ୍କ ସ୍ୱାଧୀନତାର ଗାଥା ଉପସ୍ଥାପନ କରିଥିଲେ। ମୀର ଅସିରୁଦ୍ଦିନ, ମୀର ମହେରାଜ, ଗରିବ ଖାନ,ଏସ୍.କେ. ରିୟାଜ,ଏସ୍.କେ. ସଲିମ, ଏସ୍.କେ. ତାଇରୁଦ୍ଦିନ, ମୀର ରାଜୁ ଅଲୀ,ଏସ୍.କେ. ଗୁନ୍ନୁ,ଏମ୍.ଡି. ଫୟାଜ କାଦ୍ରୀ, ପ୍ରଭୃତି ଉପସ୍ଥିତ ଥିଲେ । ସଭାଶେଷର ଧନ୍ୟବାଦ ଅର୍ପଣ କରିଥିଲେ ଏସ୍.କେ. ହିରୋ।

# ବିଶିଷ୍ଟ ସମାଜସେବୀ ମଧୁସୂଦନ ଦାସଙ୍କ ପରଲୋକ

ବାସୁଦେବପୁର,୧୭/୦୮ (ନି.ପ୍ର): ବାସୁଦେବପୁର ସହରର ବିଶିଷ୍ଟ ସମାଜସେବୀ ତଥା ବାସୁଦେବପୁର ଶାଖା ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟକର୍ତ୍ତା ମଧୁସୂଦନ ଦାସ ଓରଫ୍ ଗଦା ଭାଇ ଙ୍କର ପବିତ୍ର ସ୍ୱାଧୀନତା ଦିବସରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଦାସଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶେଷ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମଧୁସୂଦନ ଦାସଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନାମୟୀ ଦାସ, ତିନି ପୁତ୍ର ବ୍ରଜ ମୋହନ ଦାସ, ନିହାର ରଞ୍ଜନ ଦାସ, ସୌମ୍ୟ ରଞ୍ଜନ ଦାସ ଓ ଏକମାତ୍ର କନ୍ୟା ସନ୍ଧ୍ୟାରାଣୀ ଦାସ, ଜ୍ୱାଇଁ କମଳାକାନ୍ତ ଜେନା, ସମାଜସେବୀ ଚନ୍ଦ୍ରକାନ୍ତ ଦାସ, ବିଟୁ ଦାସ, ବାଉନ ଦାସ, ଲବ ଦାସ, କୁଶ ଦାସ, ଅକ୍ଷୟ ଦାସ, ଗଣେଶ ଦାସ , ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ପ୍ରମୁଖ ଏହି ଅବସରରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାସୁଦେବପୁର ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରିୟ ବିଶ୍ୱ ବିଦ୍ୟାଳୟର ପ୍ରତିମା ଭଉଣୀ, ସାରଥି ଭଉଣୀ, ଶାନ୍ତି ଭଉଣୀ,ରତିକାନ୍ତ ଭାଇ ଓ ଅନ୍ୟାନ୍ୟ ଭାଇ ଭଉଣୀ ଯୋଗ ଦେଇ ତାଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ମଧୁସୂଦନ ଦାସଙ୍କ ପରଲୋକରେ ବାସୁଦେବପୁର ବ୍ଲକ ତଥା ଭଦ୍ରକ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି।

# ଜମ୍ଭେଶ୍ୱରପୁର ଯୁବ ସଂଗଠନ ତରଫରୁ ସ୍ୱାଧୀନତା ଦିବସ ପାଳନ ଓ ବୃକ୍ଷରୋପଣ

ବାଲେଶ୍ୱର ,୧୭/୦୮ (ନି.ପ୍ର): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଜମ୍ଭେଶ୍ୱରପୁର ଗ୍ରାମର ଯୁବ ସଂଗଠନ ତରଫରୁ ଅଶିତମ ସ୍ୱାଧୀନତା ଦିବସପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟ ବାସନ୍ତପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ପ୍ରଭାତ ଫେରିକାର୍ଯ୍ୟକ୍ରମକୁ ସଂଗଠନ ତରଫରୁ ସ୍ୱାଗତ କରିବା ସହ ପ୍ରତିଛାତ୍ରଛାତ୍ରୀଙ୍କୁ ଦିବସକୁ ସ୍ମରଣୀୟ ପାଇଁ ଉପହାର ପ୍ରଦାନକରାଯାଇଥିଲା। ଶିକ୍ଷାବିତ ବୃନ୍ଦାବନ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଗଠନ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ପୁର୍ବ ସୁରୀ ଙ୍କ ଅମର ବଳିଦାନ ସ୍ମରଣ କରିବାସହ ଜାତୀୟ ସଙ୍ଗୀତ



ଗାନ କରାଯାଇଥିଲା। ଏହି ଅବସରରେ ମାନବଧିକାର କର୍ମୀ ସୁଧାକର ସେଠୀଙ୍କ ନେତୃତ୍ୱରେ ଦିବସକୁ ସ୍ମରଣ ରଖିବା ପାଇଁ ଗାଁ ପଡିଆରେ ଫଳଗଛ ରୋପଣ କରାଯାଇଥିଲା। ଯୁବସମାଜ ସେବୀ ସତ୍ୟନାରାୟଣ ଆଚାର୍ଯ୍ୟ, ସଂଗଠନରୁ ଅଜିତ କୁମାର ଦାସ,ସୁଜିତ୍ କୁମାର ବାରିକ୍, ଅଜିତ୍ କୁମାର ଦାସ, ସରୋଜ ଦାସ, ସଂଜିପ ନାୟକ, ଦେବାଶିଷ ରାୟ, ହଗୁରୁ ସିଂ, ରାହୁଲ ଦାସ, ରାଜେଶ୍ ଦାଶ, ଲାୟୁସୁ ପ୍ରଧାନ, ଅଜିତ୍ କୁମାର ବାରିକ୍, ସାଗର ନାୟକ, ବିଭୂଷରଣ ମହାନ୍ତି, କାଳୁଚରଣ ଦାସ, ଶମ୍ଭୁନାଥ ଦାସ, କମଳେଶ କୁମାର ଦାଶ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତରହି ସମସ୍ତକାର୍ଯ୍ୟ ପରିଚାଳନା କରିଥିଲେ।

# ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦ ଦ୍ୱାରା ‘କଦମ୍ବ ଫୁଟିଲା ସହି’ ବର୍ଷା କବିତା କୋଲାଜ୍ ଅନୁଷ୍ଠିତ

ବାଲେଶ୍ୱର: ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ସଂସଦ କାର୍ଯ୍ୟାଳୟ ପରିସରରେ ‘କଦମ୍ବ ଫୁଟିଲା ସହି’ ଶୀର୍ଷକ ବର୍ଷା କବିତା କୋଲାଜ୍ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ତଥା ବିଶିଷ୍ଟ କଥାକାର ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ଆସରକୁ ସଂସଦର ସାଧାରଣ ସମ୍ପାଦକ ଡ. ରାଧାରଞ୍ଜନ ପଟ୍ଟନାୟକ ସଞ୍ଚାଳନ କରିବା ସହ କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବାଲେଶ୍ୱର ଆଇନ କଲେଜର ଅନ୍ୟତମ ପ୍ରତିଷ୍ଠାତା ତଥା ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତଃ ପ୍ରଶାନ୍ତ ଚାନ୍ଦଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ସଂସଦର ସାଂସ୍କୃତିକ ସମ୍ପାଦକ ତଥା ସଙ୍ଗୀତ ବିଶାରଦ ଅମୃତାଂଶୁ




ପଟ୍ଟନାୟକ ଜଗନ୍ନାଥ ଭଜନ ପରିବେଷଣ କରି ଆସରକୁ ଭାବମୟ କରିଥିଲେ। ଏହି ସମାରୋହରେ ‘ସମାଜ’ (ଉତ୍ତର ଓଡ଼ିଶା ସଂସ୍କରଣ)ର ସମ୍ବାଦ ବ୍ୟୁରୋ ମୁଖ୍ୟ କୁଳମଣି ବାରିକ ବରେଣ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମେଘ ମାଟିକୁ ଶୀତଳ କରୁଥିବା ବେଳେ କବି ଓ ଲେଖକ ସମାଜକୁ ଶାନ୍ତ ଓ ସ୍ନିଗ୍ଧ କରିଥାନ୍ତି। ଆଜିର ଯୁଦ୍ଧବିଭୀଷିକାମୟ ପୃଥିବୀରେ ଏଭଳି କବିତା ପାଠ ଆଶା ଓ ବିଶ୍ୱାସର ଏକ ଅଭିନବ ପ୍ରୟାସ। ବର୍ଷା ଜୀବନ ସଞ୍ଚାର କରେ ଏବଂ ସୃଜନଶୀଳତାର ନୂତନ ଆଲୋକ ଦେଖାଏ। ଅନ୍ୟତମ ଅତିଥି କବି ଅଭୟ ଦାସ ବର୍ଷାକୁ ଶୀତଳତାର ଆହ୍ଲାଦ ଓ କବି ହୃଦୟରେ ନୂତନ ଶବ୍ଦର ଉନ୍ମେଷ ବୋଲି ବ୍ୟାଖ୍ୟା କରିଥିଲେ। ସେହିପରି କବି କାଳୀପଦ ପଣ୍ଡା ନିଜ ଅନୁଭୂତିରୁ କହିଥିଲେ ଯେ, ଓଳି ତଳେ କାଗଜ ଡଙ୍ଗା ଭସାଇବାର ସ୍ମୃତି ଆଜି ବିରଳ। ସେ କାଳିଦାସଙ୍କ ‘ମେଘଦୂତ’ର ଉଦାହରଣ ଦେଇ ବର୍ଷାକୁ ଜଗତର ରାଣୀ ଭାବେ ଅଭିହିତ କରିଥିଲେ। ?ଛାତ୍ର ସଂସଦର ପ୍ରଥମ ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଫେସର ଡ. ରମାକାନ୍ତ ନାୟକ ଯୋଗଦେଇ ‘କଦମ୍ବ’କୁ ଉଲ୍ଲାସ ଓ ଉଦ୍ଦୀପନାର ପ୍ରତୀକ ଭାବେ ଦର୍ଶାଇବା ସହ ପଠିତ କବିତାଗୁଡ଼ିକର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଚର୍ଚ୍ଚା କରିଥିଲେ। ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପାଣିଗ୍ରାହୀ ଏଭଳି ସୃଜନଶୀଳ ଆସର ମାନବୀୟ ସମ୍ପର୍କକୁ ଅଧିକ ଦୃଢ଼ କରେ ବୋଲି ମତବ୍ୟକ୍ତ କରିଥିଲେ। ?ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀ ନିମନ୍ତ୍ରିତ କବି ଓ ଅତିଥିମାନଙ୍କୁ ସ୍ୱାଗତ କରି କହିଥିଲେ ଯେ,ସଂସଦ ସାରା ବର୍ଷ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ, ବୃକ୍ଷରୋପଣ ଓ ଅନ୍ୟାନ୍ୟ ସଚେତନତାମୂଳକ କାର୍ଯ୍ୟକ୍ରମ କରିଆସୁଥିବା ବେଳେ ‘କଦମ୍ବ ଫୁଟିଲା ସହୀ’ ଭଳି ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠାନ ପାଇଁ ଏକ ନୂତନ ଫର୍ଦ୍ଦ ଯୋଡ଼ି ପାରିଛି ।କେବଳ ସେତିକି ନୁହେଁ , ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସଂସଦ ତାର ଗାରିମା ବଜାୟ ରଖିପାରିଛି ବୋଲି ସେ ପ୍ରକାଶ କରିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ?ଏହି ସାରସ୍ୱତ ଆସରରେ କବି ଅଭୟ ଦାସ, ଡ. ରମାକାନ୍ତ ନାୟକ, ମନସ୍ୱିନୀ ଦେବୀ, ଜ୍ୟୋତ୍ସ୍ନା ରାଣୀ ରାୟ, ପ୍ରତିମା ପଣ୍ଡା, ପ୍ରବୀର କମିଲା, ପ୍ରୀତିଲେଖା ଦାସ, ଜୟନ୍ତ ହଂସରାଜ,ପୀତମ୍ବର ଦାସ, ଦୀନବନ୍ଧୁ ଲେଙ୍କା, ଡ. ରାଧାରଞ୍ଜନ ପଟ୍ଟନାୟକ, ଚିତ୍ରାରାଣୀ ପାତ୍ର, ସୁଧାକର ସେଠୀ, ଅଜୟ କୁମାର ରାଉଳ,ସଂଗୀତା ରଥ ,ରଶ୍ମି ରଞ୍ଜନ ଦାସ ଓ କଲ୍ୟାଣୀ ନନ୍ଦ ପ୍ରମୁଖ ସ୍ୱରଚିତ ବର୍ଷା ଭିତ୍ତିକ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନାରେ ଶ୍ରୀ ରାମଚନ୍ଦ୍ର ସେଠୀ, ଦେବାଶିଷ ପାଣି, ଡ. ଶତ୍ରୁଘ୍ନ ମଲ୍ଲିକ, ପାର୍ଥସାରଥୀ ଆଶ, ପ୍ରଶାନ୍ତ ପାଢୀ ,ଯଶୋଦାନନ୍ଦନ ଆଶ, ଶରତ କୁମାର ମିଶ୍ର ଓ ହିମାଂଶୁ ଦାସ , ରଶ୍ମିରଞ୍ଜନ ଦାସ ,ଦିଲ୍ଲୀପ କୁମାର ପଣ୍ଡା ଶରତ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସଂସଦର ସାଂସ୍କୃତିକ ସମ୍ପାଦକ ଅମୃତାଂଶୁ ପଟ୍ଟନାୟକ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସହଯୋଗ କାମନା କରିଥିଲେ।

# ଜାତୀୟ ମୁକ୍ତି ସଂଗ୍ରାମକୁ ଅବିଭାଜ୍ୟ ଗଞ୍ଜାମ ଜିଲ୍ଲାର ଦାନ ସମ୍ପର୍କିତ ଆଲୋଚନାଚକ୍ର

ଗଞ୍ଜାମ,୧୭/୦୮ (ନି.ପ୍ର): ଦେଶର ଅଶୀତମ ସ୍ୱାଧୀନତା ମହୋତ୍ସବ ପାଳନ ଅବସରରେ ବ୍ରହ୍ମପୁର ଜାତୀୟ ସ୍ମାରକୀ ଭବନ ଉତ୍କଳ ଆଶ୍ରମ ଠାରେ ଉତ୍କଳ ଆଶ୍ରମ ନ୍ୟାସ, କଳିଙ୍ଗ ସାହିତ୍ୟ ସମାଜ ଏବଂ ଉତ୍କଳ ସମ୍ମିଳନୀ ମିଳିତ ଆନୁକୁଲ୍ୟରେ ଜାତୀୟ ମୁକ୍ତି ସଂଗ୍ରାମକୁ ଅବିଭାଜ୍ୟ ଗଞ୍ଜାମ ଜିଲ୍ଲାର ଦାନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ସାହିତ୍ୟ ସମାଜ ସଭାପତି ତଥା ଉତ୍କଳ ଆଶ୍ରମ ନ୍ୟାସ ସମ୍ପାଦକ ଡଃ. ସିଦ୍ଧାର୍ଥ ଶଙ୍କର ପାଢୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଉତ୍କଳ ଆଶ୍ରମ ନ୍ୟାସ ବରିଷ୍ଠ ସଦସ୍ୟ କୃଷ୍ଣ ଚରଣ ସିଂହ ପୌରୋହିତ୍ୟ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ସମୂହ ଉନ୍ନୟନ କମିଟି ପ୍ରାକ୍ତନ ଅଧ୍ୟକ୍ଷ ରାଜନୀତି ବିଜ୍ଞାନ ବିଶାରଦ ପ୍ରଫେସର ଡକ୍ଟର ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ଲକ୍ଷ୍ମୀ ନାରାୟଣ ରାଉତ, ମୁଖ୍ୟ ବକ୍ତା ଗବେଷକ ଡ଼. ଅନନ୍ତ ରାମ କର କୌଣ୍ଡନ୍ୟ, ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ ସଭାପତି ଡଃ. ସୁବ୍ରତ କୁମାର ସାହୁ, ଡାକ୍ତର ସଂକର୍ଷଣ ପାତ୍ର ଏବଂ କାର୍ଯ୍ୟକ୍ରମ ସଂଯୋଜକ କଳିଙ୍ଗ ସାହିତ୍ୟ ସମାଜ ଉପସଭାପତି ଡଃ. ବନମାଳୀ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଆଲୋଚନା ପ୍ରସଙ୍ଗରେ ଜାତୀୟ ମୁକ୍ତି ସଂଗ୍ରାମକୁ ଅବିଭାଜ୍ୟ ଗଞ୍ଜାମ ଜିଲ୍ଲାର ଅବଦାନ ସମ୍ପର୍କରେ ମୁଖ୍ୟବକ୍ତା ଗବେଷକ ଡଃ. କର ମତବ୍ୟକ୍ତ କରିଥିଲେ ଯେ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଏହି ଜିଲ୍ଲାର ସଂଗ୍ରାମୀ ମାନଙ୍କ ଅବଦାନ ଅତୁଳନୀୟ । ଇଂରାଜୀ ଶାସନ ବିରୁଦ୍ଧରେ ସିପାହୀ ବିଦ୍ରୋହ ପୂର୍ବରୁ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଠାରେ ଘୁମୁସର ରାଜ୍ୟରେ ପାଇକ ମେଳି ଏବଂ ପାରଳାଖେମୁଣ୍ଡି ବିଦ୍ରୋହ ସଂଗଠିତ ହୋଇଥିଲା। ଏହି ସମୟରେ ମଧ କାଟିଙ୍ଗିଆ ରାଜାଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହରେ ବିବ୍ରତ ଇଂରାଜୀ ସରକାର ରାଜାଙ୍କ ମୁଣ୍ଡକୁ ଗୁଳି କରି ହତ୍ୟା କରିଥିଲେ। ଖୋର୍ଦ୍ଧାର ପାଇକ ବିଦ୍ରୋହ ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ବିଦ୍ରୋହ ସଂଗଠିତ ହୋଇଥିଲା । ଏପରିକି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆହ୍ୱାନରେ ଅନୁଷ୍ଠିତ ଜାତୀୟ ସଂଗ୍ରାମରେ ଗଞ୍ଜାମ ଜିଲ୍ଲା ବାସୀ ଯୋଗଦାନ କରିବା ସହ ମହାତ୍ମାଗାନ୍ଧୀ ବାପୁଙ୍କ ଡାକରାରେ ଅନୁଷ୍ଠିତ ଅହିଂସା ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଅସହଯୋଗ ଆନ୍ଦୋଳନରେ ଗଞ୍ଜାମ ଜିଲ୍ଲାର ନେତୃତ୍ୱ ସର୍ବାଗ୍ରେ ଥିଲା। ସମ୍ମାନିତ ଅତିଥି ପ୍ରଫେସର ଡକ୍ଟର ରାଉତ ଗଞ୍ଜାମ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀଙ୍କ ବିଶଦ ବିବରଣୀ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଚୌଧୁରୀ ଜାତୀୟ ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ହେଉ ଗଞ୍ଜାମ ଜିଲ୍ଲାର ରାଜନ୍ୟ ବର୍ଗ ଏବଂ ନେତୃବର୍ଗଙ୍କ ଅବଦାନ ଯଥାର୍ଥରେ ପ୍ରଣିଧାନ ଯୋଗ୍ୟ। ଗାନ୍ଧିଜୀଙ୍କ ବ୍ରହ୍ମପୁର ଗସ୍ତ ଏବଂ ରହଣୀ ସମୟରେ ପ୍ରମାଣିତ ହୋଇଥିଲା ଯେ ଓଡ଼ିଶାର କଟକ ଜିଲ୍ଲା ଏବଂ ଗଞ୍ଜାମ ଜିଲ୍ଲାର ଜନସାଧାରଣ କଂଗ୍ରେସ ଆନ୍ଦୋଳନର ନେତୃତ୍ୱ ନେଲେ ସମଗ୍ର ଓଡ଼ିଶାରେ କଂଗ୍ରେସ ସୁଦୃଢ ହେବ ଏବଂ ଆନ୍ଦୋଳନକୁ ବଳ ମିଳିବ। ସଭାରେ ପୌରୋହିତ୍ୟ କରିଥିବା କୃଷ୍ଣ ଚରଣ ସିଂହ ଗଞ୍ଜାମ ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀ ମାନଙ୍କ ଏକ ତାଲିକା ପାଠ କରି ସେମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

# ଲଗାଣ ବର୍ଷାରେ ଗୁରୁଣ୍ଡିଆରେ ଜଳ ପ୍ରଳୟ: ରୁକୁଡ଼ା ଡ୍ୟାମ୍‌ର ୪ ଗେଟ୍ ଖୋଲିବା ପରେ ୮ ଘର ଜଳବନ୍ଦୀ

ବଣାଇଗଡ଼,୧୭/୦୮ (ନି.ପ୍ର): ଦୁଇଦିନ ଧରି ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଉପଖଣ୍ଡରେ ଲଗାଣ ବର୍ଷା ଜନଜୀବନକୁ ବେଶ୍ ପ୍ରଭାବିତ କରିଛି। ଗୁରୁଣ୍ଡିଆ ବ୍ଲକର ଶିଶୁଡ଼ିହି, ସାଲେଇଡ଼ିହି ଓ ଘଣ୍ଟପୋଷ ଅଞ୍ଚଳରେ ବର୍ଷାଜଳ ଓ ଡ୍ୟାମ୍‌ରୁ ଛଡ଼ାଯାଇଥିବା ପାଣି ଯୋଗୁଁ ଜଳ ପ୍ରଳୟ ସଦୃଶ ପରିସ୍ଥିତି ସୃଷ୍ଟି ହୋଇଛି। ଏବେବି ୮ଟି ଘର ପାଣି ଘେରରେ ରହିଥିବା ବେଳେ ଦୁଇଟି ପରିବାରଜଳବନ୍ଦୀ ଅବସ୍ଥାରେ ଥିବା ଜଣାପଡ଼ିଛି। ଗୁରୁଣ୍ଡିଆ ବ୍ଲକର ମୃଷାପୋଷସ୍ଥିତ ମଧ୍ୟମ ଜଳସେଚନ ରୁକୁଡ଼ା ପ୍ରକଳ୍ପର ଚାରିଟି ଗେଟ୍ ଆଜି ଭୋର ସମୟରେ ଖୋଲାଯାଇଥିଲା। ହଠାତ୍ ପାଣି ଛଡ଼ାଯିବାରୁ ଶିଶୁଡ଼ିହି, ଘଣ୍ଟପୋଷ ଓ ସାଲେଇଡ଼ିହି ଅଞ୍ଚଳରେ ପାଣି



ପଶିଯାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପାଣି ଛାଡ଼ିବା ପୂର୍ବରୁ ସେମାନଙ୍କୁ କୌଣସି ସୂଚନା ଦିଆଯାଇନଥିଲା। ଫଳରେ ଲୋକେ ହଠାତ୍ ଆସିଥିବା ପାଣିରୁ ରକ୍ଷା ପାଇଁ ଯିଏ ଯେମିତି ପାରିଛନ୍ତି, ସୁରକ୍ଷିତ ସ୍ଥାନକୁ ଚାଲିଆସିଛନ୍ତି। ଅନେକ ପରିବାର ଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ଅଭାବରେ ପ୍ରଶାସନିକ ସହାୟତାକୁ ଅପେକ୍ଷା କରିଛନ୍ତି। ଅନ୍ୟପକ୍ଷରେ ଧାତିକିପୋଷର କ୍ଷେତ୍ରବାସୀ ପ୍ରଧାନ ଓ ତାଙ୍କ ପତ୍ନୀ ସକାଳେ ବିଜାଡ଼ିହି ପୋଲ ତଳେ ପୋଟଳ ତୋଳିବାକୁ ଯାଇଥିବା ବେଳେ ହଠାତ୍ ଡ୍ୟାମ୍‌ର ପାଣି ଆସିଯାଇଥିଲା। ପାଣିରୁ ରକ୍ଷା ପାଇଁ ଉଭୟେ ନିକଟସ୍ଥ ଏକ ଗଛ ଉପରେ ଆଶ୍ରୟ ନେଇଥିଲେ। ପ୍ରାୟ ତିନି ଘଣ୍ଟା ପରେ ଘଟଣା ସମ୍ପର୍କରେ ଖବର ପାଇ ବିଜେପି ସାଧାରଣ ସମ୍ପାଦକ ଅଭିରାମ ମହାକୁଳ ଘଟଣାସ୍ଥଳରେ ପହଞ୍ଚିଥିଲେ।

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥର ବୈଜ୍ଞାନିକ କହିବା ଅନୁସାରେ, ଯେଉଁ ମହିଳାମାନେ ଲଗାତାର ଅନ୍ତରାଳରେ କେଶ ରଙ୍ଗ କରନ୍ତି ଏବଂ ଷ୍ଟ୍ରେଟନିଙ୍ଗ କରନ୍ତି ସେମାନଙ୍କ ପ୍ରତି ବିପଦ ରହିଛି । ଏସବୁ କରୁଥିବା ମହିଳାଙ୍କଠାରେ ସ୍ତନ କର୍କଟ ହେବାର ଆଶଙ୍କା ଅଧିକ ଥାଏ । ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ କ୍ୟାନସରରେ ପ୍ରକାଶିତ ଲେଖାରେ ମହିଳାମାନଙ୍କୁ ସତର୍କ କରାଯାଇଛି ।

ଏହି ବିଷୟ ଉପରେ ଆମେରିକାର କ୍ୟାନ୍ସର ସୋସାଇଟି ବି ଗବେଷଣା କରିଛି । ଷ୍ଟଡିରୁ ଜଣାପଡ଼ିଛି , ହେୟାର କଲରରେ ଥିବା କେମିକାଲ୍ସ ଯେପରି ଆରୋମେଟିକ୍ ଆମିନ୍ସରେ କ୍ୟାନ୍ସର ରିସ୍କ ରହିଛି । ଆଜିକା ଦିନରେ ଅଧିକାଂଶ ପରୁଷ ଓ ମହିଳା ହେୟାର କଲର କରୁଥିବାବେଳେ , ସୌନ୍ଦର୍ଯ୍ୟ ଦୃଷ୍ଟିରୁ ମହିଳାମାନେ ହେୟାର ଷ୍ଟ୍ରେଟନିଙ୍ଗ କରୁଛନ୍ତି । ଏଠି ପ୍ରଶ୍ନ ଉଠୁଛି, ତାହେଲେ କ'ଣ ହେୟାର କଲର ବା ଷ୍ଟ୍ରେଟନର୍ ବ୍ୟବହାର କରୁଥିବା ସବୁ ମହିଳାଙ୍କୁ ବ୍ରେଷ୍ଟ କ୍ୟାନ୍ସର ହୋଇପାରେ ?

ସବୁଠୁ ବଡ଼ ପ୍ରଶ୍ନ କେଶରେ କଲର୍ କଲେ ତାହା ଶରୀରକୁ ଭିତରେ କିପରି ପହଞ୍ଚୁଛି ? ଏବଂ କ୍ୟାନ୍ସରରୁ ବଞ୍ଚିବାର ଉପାୟ କ'ଣ ?

ଡାକ୍ତରଙ୍କ କହିବା କଥା, ହେୟାର କଲରରେ ଫିନୋଲ୍ ଏମିନ୍ ଏବଂ ଫର୍ମେଲ୍ଡିହାଇଡ୍ ନାମକ କେମିକାଲ ଥାଏ । ଏହା ପ୍ରାକୃତିକ ନୁହେଁ । ଏହାକୁ କୃତ୍ରିମ ଉପାୟରେ ପ୍ରସ୍ତୁତ କରାଯାଏ । ତେଣୁ ଯେକୌଣସି ଜିନିଷ ଯାହା କୃତ୍ରିମ ତାହା ଶରୀର ପାଇଁ କ୍ଷତିକାରକ । ଏପରି କେମିକାଲର ବ୍ୟବହାରରେ କିଛି ପ୍ରକାରର କ୍ୟାନ୍ସର ହେବାର ଆଶଙ୍କା ରହିଥାଏ । ବିଶେଷ କରି ବ୍ଲାଡର୍ କ୍ୟାନ୍ସର ବା ମୁତ୍ରାଶୟ କ୍ୟାନସର ଏବଂ ବ୍ରେଷ୍ଟ କ୍ୟାନ୍ସର ହେବାର ଆଶଙ୍କା ରହୁଛି ।

ଯେବେ ଆପଣ କେଶ ରଙ୍ଗ କରନ୍ତି , ସେ ସମୟରେ ସେସବୁ କେମିକାଲ ମୁଣ୍ଡର ତ୍ୱଚା ଦେଇ ଶରୀରକୁ ପ୍ରବେଶ କରୁଥିବାବେଳେ କିଛି । ଏହାବ୍ୟତୀତ ଯେବେ ହେୟାର କଲର୍ କରୁ ତା'ର ବାସ୍ନା ନାକ ଦେଇ , ଶ୍ୱାସନଳୀ ଦେଇ ଶରୀରକୁ ପ୍ରବେଶ କରେ ଏବଂ




କ୍ୟାନ୍ସର ହେବାର ଆଶଙ୍କା ବଢ଼ିଯାଏ । ଖାଲି ଯିଏ କେଶ କଲର କରେ ତାଙ୍କ ପାଇଁ ବିପଦ ନୁହେଁ ବରଂ ଯିଏ କେଶରେ କଲର୍ ଲଗାଇବାରେ ସାହାଯ୍ୟ କରନ୍ତି ତାଙ୍କୁ ମଧ କ୍ୟାନ୍ସର ହେବାର ଆଶଙ୍କା ରହିଛି ବୋଲି କହୁଛନ୍ତି ବିଶେଷଜ୍ଞ ।

ଏବେ ପ୍ରଶ୍ନ ଏହି ବିପଦରୁ ବର୍ତ୍ତିବା କିପରି । ଏଥିପାଇଁ ସରଳ ଉପାୟ ହେଉଛି କେମିକାଲ ଫ୍ରି ହେୟାର କଲର୍ ବ୍ୟବହାର କରନ୍ତୁ । ଆଉ ଯଦି ହେୟାର କଲର କିଣୁଛନ୍ତି ଏଥିରେ ବ୍ୟବହାର କେମିକାଲ ବିଷୟରେ ଜାଣନ୍ତୁ । କେଶ କଲର କରିବା ପୂର୍ବରୁ ପ୍ୟାଚ୍ ଟେଷ୍ଟ କରନ୍ତୁ । କଲର କରିବା ସମୟରେ ହାତରେ ଗ୍ଲୋବ୍ସ ପିନ୍ଧନ୍ତୁ ।

ଏସବୁ ପରେ ବି ଡାକ୍ତରଙ୍କ ବଡ଼ ପରାମର୍ଶ ହେଉଛି , କେଶ ବାରମ୍ବାର କଲର କରିବାରୁ ନିବୃତ୍ତ ରୁହନ୍ତୁ ଆଉ ଯଦି କରିବାକୁ ଚାହୁଁଛନ୍ତି ତାହେଲେ ପ୍ରକୃତିକ ହେନା ବ୍ୟବହାର କରନ୍ତୁ ଯାହା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କେଶ ପାଇଁ ବି ବରଦାନ ।

# ଡାର୍କ ଚକୋଲେଟ୍ ବନାମ ମିଲ୍କ ଚକୋଲେଟ୍

ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଚକୋଲେଟ୍ କାହାକୁ ବା ଭଲ ନ ଲାଗେ ? ରାଗିଥିବା ପିଲାଙ୍କୁ ମନେଇବା ପାଇଁ ଦରକାର ପଡ଼େ ଚକୋଲେଟ୍ ତ ପ୍ରେମ ନିବେଦନ ହେଉ ବା ଉପହାରରେ, ଚକୋଲେଟ୍ ହେଉଛି ସମସ୍ତଙ୍କ ପ୍ରିୟ। ଚକୋଲେଟ୍ ଯେ କେବଳ ରାପରରେ ଗୁଡ଼େଇ ହୋଇ ଆସେ ତାହା ନୁହେଁ, ତାକୁ କେକ୍, ଲସି, ମିଠା ଆଦି ସବୁଥିରେ ବ୍ୟବହାର କରାଯାଏ। ଛୋଟ ଛୋଟ କ୍ୟାଣ୍ଡିଠାରୁ ଆରମ୍ଭ କରି ମିଲ୍କ, ଡାର୍କ ଓ ଫ୍ରୁଟ୍ ଚକୋଲେଟ୍ ବଜାରରେ ମିଳୁଛି। କିନ୍ତୁ, ଆପଣ ଜାଣନ୍ତି କି ବିଭିନ୍ନ ପ୍ରକାରର ଚକୋଲେଟ୍ ମଧ୍ୟରୁ କେତେକ ଶରୀରର କ୍ଷତି କରୁଥିବାବେଳେ କେତେକ ସ୍ୱାସ୍ଥ୍ୟକର ବି ହୋଇଥାଏ। ଆସନ୍ତୁ ଜାଣିବା, ଡାର୍କ ଚକୋଲେଟ୍ ଓ ମିଲ୍କ ଚକୋଲେଟ୍ ମଧ୍ୟରେ କେଉଁଟା ଅଧିକ ସ୍ୱାସ୍ଥ୍ୟକର।

ଡାର୍କ ଚକୋଲେଟ୍ ଓ ମିଲ୍କ ଚକୋଲେଟ୍ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି, ସେଗୁଡ଼ିକର ଉପାଦାନ। ଉଭୟ ଚକୋଲେଟ୍ କୋକୋ ଗଛରୁ ମିଳୁଥିବା ଉପାଦାନରୁ ହିଁ ପ୍ରସ୍ତୁତ ହୋଇଥାଏ। ତେବେ ମିଲ୍କ ତୁଳନାରେ ଡାର୍କ ଚକୋଲେଟ୍‌ରେ କୋକୋର ପରିମାଣ ଅଧିକ ଥାଏ। ଡାର୍କ ଚକୋଲେଟ୍‌ରେ ପ୍ରାୟ ୫୦-୯୦% କୋକୋ ଥିଲାବେଳେ ମିଲ୍କ ଚକୋଲେଟ୍‌ରେ ମାତ୍ର ୧୦-୫୦% କୋକୋ ଥାଏ। କୋକୋ ପ୍ରତିଶତର ଏହି ପାର୍ଥକ୍ୟ ଯୋଗୁଁ ଉଭୟଙ୍କ ସ୍ୱାଦ ଭିନ୍ନ ହୋଇଥାଏ। ଡାର୍କ ଚକୋଲେଟ୍ ସାଧାରଣତଃ ମିଠା ସ୍ୱାଦଯୁକ୍ତ ମିଲ୍କ ଚକୋଲେଟ୍ ତୁଳନାରେ ଅଧିକ ପିତା ଲାଗିଥାଏ। ଏହି ଚକୋଲେଟ୍‌ଗୁଡ଼ିକ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି, କ୍ଷୀରର ପରିମାଣ। ମିଲ୍କ ଚକୋଲେଟ୍ ଭାବେ ନାମିତ ହେବା ପାଇଁ ଏଥିରେ ଅତି କମ୍‌ରେ ୧୨% କ୍ଷୀରର କଠିନ ଅଂଶ ରହିବା ଆବଶ୍ୟକ। ଅନ୍ୟପଟେ ଡାର୍କ ଚକୋଲେଟ୍‌ରେ କ୍ଷୀର ନଥାଏ। ଏହା ବଦଳରେ ଚକୋଲେଟ୍‌କୁ ଚିକ୍କଣ କରିବା ପାଇଁ କୋକୋ ବଟର ବ୍ୟବହାର କରାଯାଏ। ଏହି ବଟର କୋକୋ ବିନ୍‌ସରୁ ମିଳିଥାଏ। ଉଭୟ ଚକୋଲେଟ୍‌ରେ ଚିନି ମଧ ଏକ ପ୍ରମୁଖ ଉପାଦାନ। ଓଜନ ହିସାବରେ ମିଲ୍କ ଚକୋଲେଟ୍‌ରେ ଅଧିକ ଚିନି ଥାଏ। ତେଣୁ ଅଧିକ ମିଠା ସ୍ୱାଦ ଦେଇଥାଏ। କୋକୋରୁ ମିଳୁଥିବା ଗାଢ଼ ଓ ପିତା ସ୍ୱାଦକୁ ବଜାୟ ରଖିବା ପାଇଁ ଡାର୍କ



ଚକୋଲେଟ୍‌ରେ କମ୍ ଚିନି ଥାଏ। ଏହି ଦୁଇ ଚକୋଲଟ୍ ମଧ୍ୟରୁ କୌଣସିଟିକୁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକର କୁହାଯାଇପାରିବ ନାହିଁ। କିନ୍ତୁ, ମିଲ୍କ ଚକୋଲେଟ୍ ତୁଳନାରେ ଡାର୍କ ଚକୋଲେଟ୍ ସ୍ୱାସ୍ଥ୍ୟକର ବିକଳ୍ପ ଅଟେ। ଡାର୍କ ଚକୋଲେଟ୍‌ରେ ଚିନି କମ୍ ଥାଏ ଏବଂ କ୍ଷୀର ଆଦୌ ନଥାଏ। କୋକୋର ଉଚ୍ଚ ପ୍ରତିଶତ ଯୋଗୁଁ ଡାର୍କ ଚକୋଲେଟ୍ ଖାଇବା ଦ୍ୱାରା କିଛି ନିର୍ଦ୍ଦିଷ୍ଟ ଲାଭ ମିଳିଥାଏ। କୋକୋ ଗଛ ସହ ଅନେକ ଗଛରେ ଫ୍ଲାଭାନୋଲ୍ ମିଳିଥାଏ। ଅଧିକ କୋକୋ ପ୍ରତିଶତ ଥିବାରୁ ଡାର୍କ ଚକୋଲେଟ୍‌ରେ ଅଧିକ ପରିମାଣର ଫ୍ଲାଭାନୋଲ୍ ଥାଏ। ଏକ ରିପୋର୍ଟ ଅନୁଯାୟୀ, ନାଇଟ୍ରିକ୍ ଅକ୍ସାଇଡ୍ ଉତ୍ପାଦନ ସହ ଫ୍ଲାଭାନୋଲ୍ ଜଡ଼ିତ, ଯାହା ରକ୍ତବାହୀ ନଳୀକୁ ଆରାମ ଦେଇ ରକ୍ତ ସଞ୍ଚାଳନକୁ ସୁଧାରିଥାଏ। ରକ୍ତବାହୀ ନଳୀକୁ ଆରାମ ଦେବା ଦ୍ୱାରା ରକ୍ତଚାପ ମଧ କମିଥାଏ। ସାମଗ୍ରିକ ଭାବେ ସୁସ୍ଥ ରହିବା ପାଇଁ ରକ୍ତ ସଞ୍ଚାଳନରେ ସୁଧାର ଆଣିବା ଅତ୍ୟନ୍ତ ଜରୁରି। ଏହା ଆପଣଙ୍କୁ ହୃଦ୍‌ରୋଗ ଓ ଷ୍ଟ୍ରୋକ୍‌ରୁ ରକ୍ଷା କରି ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ବୃଦ୍ଧି କରାଉଥିବାରୁ ଚିନ୍ତାଶକ୍ତିରେ ସୁଧାର ଆଣିଥାଏ। ଏହାବ୍ୟତୀତ, ଡାର୍କ ଚକୋଲେଟ୍ ଆପଣଙ୍କ ମନୋଭାବକୁ ମଧ ଭଲ କରିପାରେ। ପଲିଫେନୋଲ୍‌ସ ହେଉଛି ଗଛରେ ମିଳୁଥିବା ଏପରି କିଛି ଯୌଗିକ ପଦାର୍ଥ, ଯେଉଁଥିରେ ଫ୍ଲାଭାନୋଲ୍ ଥାଏ। ରିପୋର୍ଟ ଅନୁଯାୟୀ, ପଲିଫେନୋଲ୍‌ସ ହେଉଛି ଆଣ୍ଟିଅକ୍ସିଡାଣ୍ଟ, ଯାହା କର୍ଟିସୋଲ୍ କମ୍ କରିଥାଏ। ତେଣୁ ଡାର୍କ ଚକୋଲେଟ୍ ଖାଇବା ଦ୍ୱାରା ମାନସିକ ଚାପ କମି ସମଗ୍ର ମନୋଭାବକୁ ସୁଧାରିବାରେ ସାହାଯ୍ୟ କରେ। ଡାର୍କ ଚକୋଲେଟ୍‌ରେ କମ୍ ଚିନି ଓ ଫ୍ୟାଟ୍ ପରିମାଣ ଏବଂ ଅଧିକ ଫ୍ଲାଭାନୋଲ୍ ଯୋଗୁଁ, ମିଲ୍କ ଚକୋଲେଟ୍ ତୁଳନାରେ ଡାର୍କ ଚକୋଲେଟ୍‌ର ଅନେକ ଲାଭ ରହିଛି।




ଖରାଦିନ ଆସିଲେ ହିଁ ଆମ ମନକୁ ପ୍ରଥମେ ଆସେ କଟନ୍ ବା ସୂତା କପଡ଼ା। ଏହା ହାଲୁକା, ଆରାମଦାୟକ ଏବଂ ଏଥିରେ ପବନ ସହଜରେ ଯାତାୟାତ କରିପାରେ। ସୂତା ସୁଟ୍,ଶାଢ଼ି ହେଉ କିମ୍ବା ବେଡସିଟ୍ ଏସବୁ ଦେଖିବାକୁ ଯେତିକି ଶାନ୍ତିପୂର୍ଣ୍ଣ,ପିନ୍ଧିବାକୁ ମଧ ସେତିକି ଆରାମଦାୟକ। ହେଲେ ଏହି ଆରାମ ସହିତ ଆସିଥାଏ ଏକ ବଡ଼ ମୁଣ୍ଡବିନ୍ଧା ! ସେଇଟା ହେଉଛି କପଡ଼ାରୁ ରଙ୍ଗ ଛାଡ଼ିବା। ଅନେକ ସମୟରେ ଗାଢ଼ ରଙ୍ଗର କଟନ୍ କପଡ଼ା ଧୋଇବା ମାତ୍ରେ ହିଁ ପାଣିରେ ରଙ୍ଗ ଛାଡ଼ିବାକୁ ଲାଗେ। ଫଳରେ କପଡ଼ାର ଚମକ କମିଯାଏ ଏବଂ ଏହା ଫିକା ଦେଖାଯାଏ। କେବଳ ସେତିକି ନୁହେଁ ସାଙ୍ଗରେ ଧୋଉଥିବା ଅନ୍ୟ ଦାମୀ କପଡ଼ାରେ ମଧ ରଙ୍ଗ ଲାଗି ତାହା ନଷ୍ଟ ହୋଇଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ଲୋକ ପାଣିରେ କେବଳ ଲୁଣ ମିଶାଇ କପଡ଼ା ଭିଜାଇଥାନ୍ତି କିନ୍ତୁ ଏହି ଘରୋଇ ଉପାୟ ସବୁବେଳେ କାମ ଦିଏନାହିଁ। ତେବେ ଆଦୌ ଚିନ୍ତା କରନ୍ତୁ ନାହିଁ, ଆଜି ଆମେ ଆପଣଙ୍କୁ ଜଣାଇବୁ ଯେ ଲୁଗା ସଫା କରୁଥିବା ପ୍ରଫେସନାଲ୍ ଲୋକମାନେ ବ୍ୟବହାର କରୁଥିବା ଏକ ସ୍ପେଶାଲ୍ ସିକ୍ରେଟ୍ ଟ୍ରିକ୍ ଯାହା ଆପଣଙ୍କ କପଡ଼ାର ରଙ୍ଗକୁ ସବୁଦିନ ପାଇଁ ଲକ୍ କରିଦେବ। ଏଥିପାଇଁ କୌଣସି ଦାମୀ କେମିକାଲ୍ ଦରକାର ନାହିଁ। ଆପଣଙ୍କୁ କେବଳ ଦୁଇଟି ସାଧାରଣ ଜିନିଷ ଦରକାର ଏକ ହେଉଛି ଫିଟିକିରି ଆଉ ଗୋଟିଏ ହେଉଛି ଲୁଣ । ଏହି ଦୁଇଟିର ମିଶ୍ରଣ କପଡ଼ାରେ ଥିବା ଦାଗକୁ ପ୍ରଥମ ଥରରେ ହିଁ ବାହାର କରିଦିଏ ଏବଂ ବାକି ରଙ୍ଗକୁ କପଡ଼ା ସହିତ ସବୁଦିନ ପାଇଁ ଫିକ୍ସ କରିଦିଏ। ଏଥିପାଇଁ ଆପଣ ପ୍ରଥମେ ଏକ ବାଲ୍ଟିରେ ସଫା ଥଣ୍ଡା ପାଣି ନିଅନ୍ତୁ। ଗୋଟିଏ ମୁଠା ଫିଟିକିରିକୁ ଗୁଣ୍ଡ କରି ସେହି ପାଣିରେ ମିଶାନ୍ତୁ। ଯେତିକି ଫିଟିକିରି ନେଇଛନ୍ତି, ତାର ଦୁଇଗୁଣ ପରିମାଣର ଲୁଣ ସେହି ପାଣିରେ ମିଶାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ ସେହି ନୂଆ କିମ୍ବା ରଙ୍ଗ ଛାଡୁଥିବା କଟନ୍ କପଡ଼ାକୁ ଖୋଲି ସେହି ପାଣିରେ ବୁଡ଼ାଇ ଦିଅନ୍ତୁ। ଡରନ୍ତୁ ନାହିଁ, ଏହି ପାଣିରେ ଗୋଟିଏ କପଡ଼ାର ରଙ୍ଗ ଅନ୍ୟ କପଡ଼ାରେ ଲାଗିବ ନାହିଁ। ଏହାକୁ ପ୍ରାୟ ୨ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ୨ ଘଣ୍ଟା ପରେ କପଡ଼ାଗୁଡ଼ିକୁ ଭଲଭାବେ ଚିପୁଡ଼ି ବାହାର କରିଦିଅନ୍ତୁ ଏବଂ ସଫା ପାଣିରେ ଆଉ ଥରେ ଭଲଭାବେ ଧୋଇ ଦିଅନ୍ତୁ, ଯେପରି ଫିଟିକିରି ଓ ଲୁଣର ଅଂଶ ବାହାରିଯିବ। ଫିଟିକିରି ପାଣି ଯୋଗୁଁ କପଡ଼ା ସାମାନ୍ୟ ଶକ୍ତ ହୋଇଯାଇପାରେ। ଏହାକୁ ନରମ କରିବା ପାଇଁ ଶେଷରେ ଏକ ବାଲ୍ଟି ପାଣିରେ ଦୁଇ ଚାମଚ ଧଳା ସିରକା ମିଶାଇ କପଡ଼ାକୁ ଅଧା ଘଣ୍ଟା ଭିଜାଇ ରଖନ୍ତୁ। ଆପଣଙ୍କ କପଡ଼ା ପୂର୍ବପରି ସଫ୍ଟ ଏବଂ ମୁଲାୟମ ହୋଇଯିବ। ତେବେ ଆଉ ବିଳମ୍ବ କାହିଁକି ? ଏହି ଗରମରେ ଆପଣଙ୍କ କପଡ଼ାର ରଙ୍ଗକୁ ସୁରକ୍ଷିତ ରଖିବା ପାଇଁ ଆଜି ହିଁ ଏହି ସ୍ପେଶାଲ୍ ଟ୍ରିକ୍ ଆପଣାନ୍ତୁ।

# ସଫା ଛୁରି ବ୍ୟବହାର କରିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ : ଏଫ୍ଏସ୍ଏସ୍ଏଆଇ



ଖାଦ୍ୟ ବ୍ୟବୟାୟ ମାନେ ବ୍ୟବହାର କରୁଥିବା ଛୁରି ସମସ୍ତ ପ୍ରକାର ସଫା ସୁତୁରା ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ) ପକ୍ଷରୁ ଏହି ମର୍ମରେ ସମସ୍ତ ଖାଦ୍ୟ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ କୁହାଯାଇଛି ଯେ ଖାଦ୍ୟ ପ୍ରସ୍ତୁତି, ପ୍ୟାକେଜିଂ, ଗଚ୍ଛିତ ରଖିବା ଏବଂ ପରିଚାଳନାରେ ବ୍ୟବହାର ହେଉଥିବା ସମସ୍ତ ଉପକରଣ, ବାସନକୁସନ, ଖାଦ୍ୟ ରଖାଯାଉଥିବା ବା ଘୋଡ଼ାଯାଉଥିବା ପାତ୍ର ଆଦି ଖାଦ୍ୟ-ଗ୍ରେଡ୍, ଅଣବିଷାକ୍ତ ଏବଂ କ୍ଷୟ ପ୍ରତିରୋଧୀ ସାମଗ୍ରୀରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ। ଏଥିସହିତ ଖାଦ୍ୟ ସଂକ୍ରମଣକୁ ରୋକିବା ଲାଗି ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଥିବା ନିୟମକୁ ନିଶ୍ଚିତ କରିବା ଉଚିତ । ଖାଦ୍ୟ ସୁରକ୍ଷା ଓ ମାନକ ( ଖାଦ୍ୟ ବ୍ୟବସାୟ ପଞ୍ଜୀକରଣ ଓ ଲାଇସେନ୍ସିଂ) ନିୟମ ୨୦୧୧ର ଅନୁଚ୍ଛେଦ ୪ ଅନୁଯାୟୀ, ଖାଦ୍ୟ ସଂସ୍ପର୍ଶରେ ଆସୁଥିବା ସମସ୍ତ ଉପକରଣକୁ ନିୟମିତ ବ୍ୟବଧାନରେ ଜୀବାଣୁମୁକ୍ତ କରାଯିବା ସହ ପର୍ଯ୍ୟାପ୍ତ ଭାବେ ସଫା କରାଯିବା ନେଇ ନିୟମ ରହିଛି। ଏହା ସତ୍ତ୍ୱେ କେତେକ ଖାଦ୍ୟ ବ୍ୟବସାୟୀ କଳଙ୍କି ଲାଗିଥିବା, ଭାଙ୍ଗିରୁଜି ଯାଇଥିବା, ରଙ୍ଗ ଲାଗିଥିବା ଏବଂ ଅନ୍ୟାନ୍ୟ ଦୃଷ୍ଟିରୁ ଅନୁପଯୁକ୍ତ ଥିବା ଛୁରି, ବ୍ଲେଡ୍ ଓ ଅନ୍ୟାନ୍ୟ କାଟିବା ଉପକରଣ ଖାଦ୍ୟ ପ୍ରସ୍ତୁତି ଓ ପରିଚାଳନାରେ ବ୍ୟବହାର କରୁଛନ୍ତି। ଏଭଳି ଛୁରି ଖାଦ୍ୟର ଭୌତିକ, ରାସାୟନିକ ଏବଂ ସୂକ୍ଷ୍ମ ଜୈବିକ ସଂକ୍ରମଣ କରିବା ସମ୍ଭାବନା ରହିଛି। ଅନୁପଯୁକ୍ତ ଛୁରିକୁ ତୁରନ୍ତ ଏଭଳି କାର୍ଯ୍ୟରୁ ବାଦ୍ ଦିଆଯିବା ଆବଶ୍ୟକ। ନିୟମ ପାଳନରେ ବିଫଳ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ଉପରେ କଡ଼ା ନଜର ରଖିବା ଲାଗି କର୍ତ୍ତୃପକ୍ଷ କମିସନର ଓ ଇନ୍ସପେକ୍ଟରମାନଙ୍କୁ କହିଛନ୍ତି।




ଦେଶରେ ଦିନକୁ ଦିନ ମଦ୍ୟପାନକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପୁରୁଷ ତ ପୁରୁଷ ମହିଳା ମଧ ମଦ୍ୟପାନ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ପ୍ରତିବର୍ଷ ପର୍ବପର୍ବାଣୀ ହେଉ କିମ୍ବା ଛୁଟିଦିନ ପଡ଼ିଲେ ମଦ ବିକ୍ରିର ରେକର୍ଡ ଭାଙ୍ଗିଥାଏ । ମଦ ଦେହ ପ୍ରତି କ୍ଷତିକାରକ ଜାଣି ସୁଦ୍ଧା ଅନେକ ଲୋକ ଏହି ନିଶାଦ୍ରବ୍ୟକୁ ପିଇଥା'ନ୍ତି । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବର୍ତ୍ତମାନ ଚେତାବନୀ ଦେଇଛି ଯେ ଗୋଟିଏ ବୁନ୍ଦା ମଦ୍ୟପାନ ମଧ ଅନେକ ପ୍ରକାରର କର୍କଟ ରୋଗ ସୃଷ୍ଟି କରିପାରେ । ଅତ୍ୟଧିକ ମଦ ପିଇଲେ ଫ୍ୟାଟି ଲିଭର, ଲିଭର୍ ଡ୍ୟାମେଜ୍ ଏବଂ ଲିଭର୍ ସିରୋସିସ୍ ରୋଗ ହେବା ସାଧାରଣ କଥା । ସ୍ୱାସ୍ଥ୍ୟ ପାଇଁ ଏହା ଏତେ ଖରାପ ଯେ କଥା ଯାଇ ଯକୃତ ପ୍ରତିରୋପଣ ପର୍ଯ୍ୟନ୍ତ ପହଞ୍ଚିଥାଏ । ମଦର ପ୍ରଥମ ବୁନ୍ଦା ଲିଭରକୁ କ୍ଷତି ପହଞ୍ଚାଇବା ଆରମ୍ଭ କରେ । ଯେତେ ଲମ୍ବା ସମୟ ଧରି ମଣିଷ ମଦ୍ୟପାନ କରାଯାଏ ଏହା ସେତେ ଗୁରୁତର ହୋଇପାରେ । ତଥାପି ଆୟୁର୍ବେଦ ସାହାଯ୍ୟରେ ଏହି କ୍ଷତିକୁ ପ୍ରତିହତ କରାଯାଇପାରିବ । ଆୟୁର୍ବେଦ ବିଶେଷଜ୍ଞ ଡକ୍ଟର ତନ୍ମୟ ଗୋସ୍ୱାମୀଙ୍କ ଅନୁସାରେ ୧୦ ଗ୍ରାମ୍ ଖଜୁରି , ୧୦ ଗ୍ରାମ୍ କିସମିସ୍ , ୨ ଗ୍ରାମ୍ ତେନ୍ତୁଳି , ୧୦ ଗ୍ରାମ୍ ଡାଳିମ୍ବ ଦାନା ଏବଂ ୧୦ ଗ୍ରାମ୍ ଅଁଳାକୁ ନେଇ ଭଲଭାବରେ ଗ୍ରାଇଣ୍ଡିଂ କରନ୍ତୁ । ଏହା ପେଷ୍ଟ୍ ହେବା ପରେ ଅଧ ଲିଟର ପାଣିରେ ମିଶାନ୍ତୁ । ଏହା ଏକପ୍ରକାର ରସ ପରି ହୋଇଯିବ । ଏହି ରସକୁ ୫୦-୫୦ ମିଲି ପିଇବାକୁ ଦିଅନ୍ତୁ । ତିନି ଦିନ ମଧ୍ୟରେ ଲିଭର୍ ଡ୍ୟାମେଜ୍ କମ୍ ହେବାକୁ ଲାଗିବ । ମଦକୁ ମେଟାବୋଲାଇଜ୍ କରିବାର କାମ କରେ ଲିଭର୍ । ଯାହାଦ୍ୱାରା ଲିଭରରେ ଆସିଟାଲଡିହାଇଡ୍ ନାମକ ଏକ ଉତ୍ପାଦ ସୃଷ୍ଟି ହୋଇଥାଏ । ଯାହା ଲିଭରକୁ ଖରାପ କରିବାର କାମ କରିଥାଏ । ଏହି ଆୟୁର୍ବେଦିକ ଉପାୟ ଆସିଟାଲଡିହାଇଡ୍ କୁ କମ୍ କରିବାରେ ସହାୟକ ହୁଏ । ତେବେ ଯେମିତି ଆପଣ ମଦ ପିଇବା ବନ୍ଦ କରିବେ କିଛି ଦିନ ମଧ୍ୟରେ ହିଁ ଶରୀର ଉପରେ ଏହାର ଫରକ ପଡ଼ିବା ଆରମ୍ଭ ହେବ । ତେବେ ଯଦି ସମୟ ପୂର୍ବରୁ ମଦ ପିଇବା ବନ୍ଦ କରାଯାଏ ଲିଭରର କୋଷିକା କିଛି ସପ୍ତାହରେ ହିଁ ପୁନଃ ତିଆରି ହେବା ଆରମ୍ଭ କରେ । ୩୦ ଦିନ ପରେ ସ୍ୱାସ୍ଥ୍ୟ ଉପରେ ଏହାର ଭଲ ରେଜଲ୍ଟ ଦେଖିବାକୁ ମିଳେ । କିନ୍ତୁ ଯଦି ମଦ ପିଇବା ପରେ ଅନ୍ୟ ରୋଗ ଯେଭଳି ଆଲକୋହଲିକ୍ ହେପାଟାଇଟିସ୍ ଏବଂ ସିରୋସିସ୍ ଭଳି ରୋଗ ହୁଏ ତେବେ ଠିକ୍ ହେବାକୁ ଅଧିକ ସମୟ ଲାଗେ । ଏଭଳି ମାମଲାରେ ଶରୀରର ଅନ୍ୟ ଅଙ୍ଗକୁ ଯେମିତି ମଦ ନ ଖାଇବ ତେଣୁ ଅତିଶୀଘ୍ର ମଦ୍ୟପାନ କରିବା ଛାଡ଼ନ୍ତୁ ।

# ଫାରା ବନାମ ଏଫସିଆରଏ: ସ୍ୱଚ୍ଛତା ନା କ୍ଷମତାର ଅପବ୍ୟବହାର ?

ଭାରତରେ ନାଗରିକ ସମାଜ ବା ସିଭିଲ୍ ସୋସାଇଟିର ସ୍ୱାଧୀନତା ଏବଂ ବିଦେଶୀ ପାଣ୍ଠି ନିୟନ୍ତ୍ରଣକୁ ନେଇ ଦୀର୍ଘ ଦିନ ଧରି ଏକ ବୌଦ୍ଧିକ ତଥା ରାଜନୈତିକ ବିତର୍କ ଲାଗିରହିଛି। ଯେତେବେଳେ ବି କେନ୍ଦ୍ର ସରକାରଙ୍କ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ଆଇନ ବା ଏଫସିଆରଏ (**FCRA**) ର ବୈଧତା ଏବଂ କଠୋରତା ଉପରେ ପ୍ରଶ୍ନ ଉଠେ, ସେତେବେଳେ ସରକାର ନିୟମିତ ଭାବରେ ଗୋଟିଏ ପ୍ରକାରର ଯୁକ୍ତି ଉପସ୍ଥାପନ କରନ୍ତି । ସରକାରଙ୍କ କହିବା କଥା ହେଉଛି ଯେ ପାଶ୍ଚାତ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକ ମଧ୍ୟ ବିଦେଶୀ ପାଣ୍ଠିକୁ ନିୟନ୍ତ୍ରଣ କରନ୍ତି, ତେଣୁ ଭାରତ ନିଜ ଦେଶର ସୁରକ୍ଷା ପାଇଁ ଏପରି କଲେ ଅସୁବିଧା କେଉଁଠି ? ଏହି ପ୍ରସଙ୍ଗରେ ସରକାର ବାରମ୍ୱାର ଆମେରିକାର ଫରେନ୍ ଏଜେଣ୍ଟସ୍ ରେଜିଷ୍ଟ୍ରେସନ୍ ଆକ୍ଟ (**FARA**) ଏବଂ ବ୍ରିଟେନ୍, ଅଷ୍ଟ୍ରେଲିଆ ତଥା କାନାଡାର ସ୍ୱଚ୍ଛତା ଆଇନର ଉଦାହରଣ ଦେଇଥାନ୍ତି । କିନ୍ତୁ ବାସ୍ତବରେ ଏହି ତୁଳନା ସମ୍ପୂର୍ଣ୍ଣ ଭାବରେ ବିଭ୍ରାନ୍ତିକର, ତଥ୍ୟହୀନ ଏବଂ ଏକ ମିଥ୍ୟା ସମାନତା ଉପରେ ଆଧାରିତ ଅଟେ । ସରକାରଙ୍କ ଏହି ଯୁକ୍ତିକୁ ଯଦି ଗଭୀର ଭାବରେ ବିଶ୍ଳେଷଣ କରାଯାଏ, ତେବେ ଏହା ସ୍ପଷ୍ଟ ହେବ ଯେ ଭାରତର ଏଫସିଆରଏ ଏବଂ ପାଶ୍ଚାତ୍ୟ ଦେଶର ଆଇନ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି । ପାଶ୍ଚାତ୍ୟ ଆଇନଗୁଡ଼ିକ କେବଳ ସ୍ୱଚ୍ଛତା ଉପରେ ପର୍ଯ୍ୟବସିତ ଥିବାବେଳେ, ଭାରତର ଆଇନ ରାଷ୍ଟ୍ରକୁ ଅସୀମ କ୍ଷମତା ପ୍ରଦାନ କରିଥାଏ ଯାହା ଦ୍ୱାରା ସରକାର ନିଷ୍ପତ୍ତି ନିଅନ୍ତି ଯେ କିଏ ବିଦେଶୀ ପାଣ୍ଠି ପାଇବେ ଏବଂ କିଏ ନୁହେଁ । ଏହା କେବଳ ଏକ ପଞ୍ଜୀକରଣ ପ୍ରକ୍ରିୟା ନୁହେଁ, ବରଂ ନାଗରିକ ସମାଜର କଣ୍ଠରୋଧ କରିବାର ଏକ ଶକ୍ତିଶାଳୀ ଅସ୍ତ୍ର ପାଲଟିଛି।

ପାଶ୍ଚାତ୍ୟ ଦେଶର ଆଇନ, ବିଶେଷକରି ଆମେରିକାର ଫାରା (**FARA**) କିପରି କାର୍ଯ୍ୟ କରେ ତାହା ବୁଝିବା ନିହାତି ଆବଶ୍ୟକ । ୧୯୩୮ ମସିହାରେ ପ୍ରଣୟନ କରାଯାଇଥିବା ଏହି ଆଇନର ମୂଳ ଉଦ୍ଦେଶ୍ୟ ହେଉଛି କେବଳ ସ୍ୱଚ୍ଛତା ବଜାୟ ରଖିବା । ଯଦି କୌଣସି ସଂସ୍ଥା ବା ବ୍ୟକ୍ତି ବିଦେଶୀ ସଂସ୍ଥା ପାଇଁ ରାଜନୈତିକ ବା ଅନ୍ୟ କୌଣସି କାର୍ଯ୍ୟ କରୁଛନ୍ତି, ତେବେ ସେମାନଙ୍କୁ କେବଳ ନିଜର ଆର୍ଥିକ ତଥ୍ୟ, କାର୍ଯ୍ୟକଳାପ ଏବଂ ସମ୍ପର୍କ ବିଷୟରେ ଆମେରିକାର ନ୍ୟାୟ ବିଭାଗକୁ ଜଣାଇବାକୁ ପଡ଼ିଥାଏ । ଫାରା କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ବାରଣ କରେ ନାହିଁ କିମ୍ବା ପାଣ୍ଠି ଗ୍ରହଣ କରିବା ପାଇଁ ସରକାରଙ୍କ ପୂର୍ବ ଅନୁମତି ଲୋଡ଼ା କରେ ନାହିଁ । ଏହାର ଅର୍ଥ ହେଉଛି, ଆପଣ କେବଳ ସରକାରଙ୍କୁ ଜଣାନ୍ତୁ ଯେ ଆପଣଙ୍କୁ କିଏ ପାଣ୍ଠି ଦେଉଛି, ତା'ପରେ ଆପଣ ନିଜର ମତ ରଖିବାକୁ, ପ୍ରଚାର କରିବାକୁ କିମ୍ବା ଆନ୍ଦୋଳନ କରିବାକୁ ସମ୍ପୂର୍ଣ୍ଣ ସ୍ୱାଧୀନ । ସେଠାରେ ସ୍ୱଚ୍ଛତା ହିଁ ଏକମାତ୍ର ସମାଧାନ । ଏହା ଆମେରିକାର ସମ୍ବିଧାନ ପ୍ରଦତ୍ତ ବାକ୍ ସ୍ୱାଧୀନତା ଏବଂ ଆବେଦନ କରିବାର ଅଧିକାରକୁ ସୁରକ୍ଷା ପ୍ରଦାନ କରିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କେବଳ ବିଦେଶୀ ପାଣ୍ଠି ପାଇବା ମାତ୍ରେ କୌଣସି ସଂସ୍ଥାକୁ ଫାରା ଅଧୀନରେ ପଞ୍ଜୀକରଣ କରିବାକୁ ପଡ଼େ ନାହିଁ, ଯେପର୍ଯ୍ୟନ୍ତ ସେହି ସଂସ୍ଥା ବିଦେଶୀ ଦାତାଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ବା ନିୟନ୍ତ୍ରଣରେ କାର୍ଯ୍ୟ ନକରିଛି । ଉଦାହରଣ ସ୍ୱରୂପ, ଏକ ଡାକ୍ତରଖାନା ବା ଶିକ୍ଷାନୁଷ୍ଠାନ ଯଦି ନିଜ ଇଚ୍ଛା ଅନୁଯାୟୀ ବିଦେଶୀ ଅନୁଦାନ ଗ୍ରହଣ କରି ଖର୍ଚ୍ଚ କରେ, ତେବେ ସେଠାରେ କୌଣସି ପଞ୍ଜୀକରଣର ଆବଶ୍ୟକତା ନଥାଏ ।

ଏହା ବିପରୀତରେ ଭାରତର ଏଫସିଆରଏ ବ୍ୟବସ୍ଥାକୁ ଦେଖିଲେ ଏକ ସମ୍ପୂର୍ଣ୍ଣ ଭିନ୍ନ ତଥା ଭୟାନକ ଚିତ୍ର ସାମ୍ନାକୁ ଆସେ । ଏଫସିଆରଏ କେବଳ ଆର୍ଥିକ ସ୍ୱଚ୍ଛତା କଥା କହେ ନାହିଁ, ବରଂ ଏହା ବିଦେଶୀ ପାଣ୍ଠି ଗ୍ରହଣ କରିବା ପୂର୍ବରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଅନୁମତି ନେବାକୁ ବାଧ କରେ । ଏହି ଅନୁମତି ବା ଲାଇସେନ୍ସ ପ୍ରତ୍ୟେକ ପାଞ୍ଚ ବର୍ଷରେ ନବୀକରଣ ହେବା ଆବଶ୍ୟକ ଏବଂ ସରକାର ଚାହିଁଲେ ବିନା କୌଣସି ସ୍ପଷ୍ଟ କାରଣରେ ଏହାକୁ ପ୍ରତ୍ୟାଖ୍ୟାନ, ସ୍ଥଗିତ କିମ୍ବା ବାତିଲ କରିପାରିବେ । ଏହି ଆଇନରେ 'ଜାତୀୟ ସ୍ୱାର୍ଥ', 'ରାଜନୈତିକ କାର୍ଯ୍ୟକଳାପ', 'ଜନ ସ୍ୱାର୍ଥ' ଏବଂ 'ଅର୍ଥନୈତିକ ସ୍ୱାର୍ଥ' ଭଳି ଅତ୍ୟନ୍ତ ଅସ୍ପଷ୍ଟ ଏବଂ ବ୍ୟାପକ ଶବ୍ଦାବଳୀର ବ୍ୟବହାର କରାଯାଇଛି, ଯାହାର କୌଣସି ନିର୍ଦ୍ଦିଷ୍ଟ ଆଇନଗତ ସଂଜ୍ଞା ନାହିଁ । ଫଳସ୍ୱରୂପ, ସରକାର ଏହି ଶବ୍ଦଗୁଡ଼ିକର ମନଇଚ୍ଛା ବ୍ୟାଖ୍ୟା କରି ଯେକୌଣସି ସଂସ୍ଥାର ଲାଇସେନ୍ସ ବାତିଲ କରିଦେଉଛନ୍ତି । ଫାରା ଯେଉଁଠି କହୁଛି 'ଆମକୁ ତଥ୍ୟ ଦିଅ ଏବଂ ନିଜ ଇଚ୍ଛାରେ କାମ କର', ସେଠାରେ ଏଫସିଆରଏ କହୁଛି 'ଆମେ ନିଷ୍ପତ୍ତି ନେବୁ ତୁମେ ପାଣ୍ଠି ପାଇବ କି ନାହିଁ, ଏବଂ କାହିଁକି ମନା କଲୁ ତାହା କହିବାକୁ ଆମେ ବାଧ ନୋହୁଁ' । ଏହା ହିଁ ଦୁଇ ଆଇନ ମଧ୍ୟରେ ଥିବା ସବୁଠାରୁ ବଡ଼ ଏବଂ ମୌଳିକ ପାର୍ଥକ୍ୟ ।

ନିକଟ ଅତୀତରେ ଏଫସିଆରଏରେ ହୋଇଥିବା ବିଭିନ୍ନ ସଂଶୋଧନଗୁଡ଼ିକ ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଦେଇଛି । ୨୦୨୦ ମସିହାରେ ହୋଇଥିବା ସଂଶୋଧନ ଅନୁଯାୟୀ ଗୋଟିଏ ଏନଜିଓ ଅନ୍ୟ ଏକ ଏନଜିଓକୁ ବିଦେଶୀ ପାଣ୍ଠି ପ୍ରଦାନ କରିବା ଉପରେ ରୋକ୍ ଲଗାଯାଇଥିଲା, ଯାହା ଫଳରେ ତୃଣମୂଳ ସ୍ତରରେ କାମ କରୁଥିବା ଛୋଟ ଛୋଟ ସଂସ୍ଥାଗୁଡ଼ିକ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଲେ । ଏହି ସଂଶୋଧନଗୁଡ଼ିକ କେବଳ ଅର୍ଥକୁ ନିୟନ୍ତ୍ରଣ କରୁନାହିଁ, ବରଂ ଲୋକଙ୍କ ବିଶ୍ୱାସ, ବିଚାର ଏବଂ ସାମ୍ବିଧାନିକ ଅଧିକାରକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ପ୍ରୟାସ କରୁଛି । ନୂତନ ନିୟମ ଅନୁଯାୟୀ ଧର୍ମ ପ୍ରଚାର, ରାଜନୈତିକ ବା ଆଦର୍ଶଗତ ବିଚାର ଥିବା କଳାତ୍ମକ କାର୍ଯ୍ୟ ଏବଂ ସାମ୍ବିଧାନିକ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପାଇଁ ବିଦେଶୀ ପାଣ୍ଠି ବ୍ୟବହାର ଉପରେ କଟକଣା ଲଗାଯାଇଛି । ଏହାଦ୍ୱାରା ମାନବାଧିକାର କର୍ମୀ, ନୀତିଗତ ଗବେଷଣା କରୁଥିବା ସଂସ୍ଥା ଏବଂ ସାମାଜିକ ନ୍ୟାୟ ପାଇଁ ଲଢୁଥିବା ଅନୁଷ୍ଠାନଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ ହୋଇଛନ୍ତି । ଏତିକିରେ କଥା ସରିନାହିଁ, ୨୦୨୬ ମସିହାରେ ଆଗତ ହୋଇଥିବା ନୂତନ ସଂଶୋଧନ ବିଲ୍ ଅନୁଯାୟୀ, ଯଦି କୌଣସି ସଂସ୍ଥାର ଲାଇସେନ୍ସ ବାତିଲ ହୁଏ ବା ସେମାନେ ତାହା ଫେରାଇ ଦିଅନ୍ତି, ତେବେ ସେହି ସଂସ୍ଥାର ବିଦେଶୀ ପାଣ୍ଠିରୁ ତିଆରି ହୋଇଥିବା ସମ୍ପତ୍ତି ଯେପରିକି ସ୍କୁଲ, ଡାକ୍ତରଖାନା ବା ଅନାଥାଶ୍ରମକୁ ସରକାର ନିଜ ଅକ୍ତିଆରକୁ ନେଇପାରିବେ । ପାଶ୍ଚାତ୍ୟ ଦେଶର କୌଣସି ଆଇନରେ ଏଭଳି ଭୟଙ୍କର ବ୍ୟବସ୍ଥା ନାହିଁ । ଆମେରିକାର ଫାରା କେବେହେଲେ କୌଣସି ଖବରକାଗଜ ସଂସ୍ଥାର ଅଫିସ୍ ଜବତ କରିନାହିଁ କିମ୍ବା ବ୍ରିଟେନର ଆଇନ କୌଣସି ସାମାଜିକ ଅନୁଷ୍ଠାନର ସମ୍ପତ୍ତି ଛଡ଼ାଇ ନେଇନାହିଁ । ଏହା ଏକ ପ୍ରକାରର ରାଷ୍ଟ୍ରୀୟ ଜବରଦଖଲ ଯାହାକୁ ଗଣତାନ୍ତ୍ରିକ ପ୍ରକ୍ରିୟା ଆଢୁଆଳରେ କରାଯାଉଛି ।

ଏହି କଠୋର ଆଇନର ପ୍ରଭାବ ଏବଂ ଭୟାବହତା ସରକାରୀ ତଥ୍ୟରୁ ସ୍ପଷ୍ଟ ବାରି ହୋଇପଡ଼େ । ମାର୍ଚ୍ଚ ୨୦୨୬ ସୁଦ୍ଧା ଭାରତରେ ପ୍ରାୟ ୨୧,୯୩୩ ରୁ ଊର୍ଦ୍ଧ୍ୱ ବେସରକାରୀ ସଂସ୍ଥା (**NGO**) ସେମାନଙ୍କର ଏଫସିଆରଏ ଲାଇସେନ୍ସ ହରାଇଛନ୍ତି। ଏଥିମଧ୍ୟରୁ ଅଧିକାଂଶ ସଂସ୍ଥା ସଂଖ୍ୟାଲଘୁ ଅଧିକାର, ବାକ୍ ସ୍ୱାଧୀନତା, ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ । ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (**CPR**), ୱାର୍ଲ୍ଡ ଭିଜନ୍ ଇଣ୍ଡିଆ ଏବଂ ଅକ୍ସଫାମ୍ ଇଣ୍ଡିଆ ଭଳି ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକ ମଧ୍ୟ ଏହି ଆଇନର ଶିକାର ହୋଇଛନ୍ତି। ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଭାରତର ଏହି ପଦକ୍ଷେପକୁ ତୀବ୍ର ସମାଲୋଚନା କରାଯାଇଛି। ସେପ୍ଟେମ୍ବର ୨୦୨୪ ରେ ପ୍ରକାଶିତ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (**FATF**)ର ମ୍ୟୁଚୁଆଲ୍ ଇଭାଲୁଏସନ୍ ରିପୋର୍ଟରେ ଭାରତକୁ ଏନଜିଓ ପରିଚାଳନା କ୍ଷେତ୍ରରେ କେବଳ 'ଆଂଶିକ ଅନୁପାଳନକାରୀ' (**partially compliant**) ଭାବରେ ଦର୍ଶାଯାଇଛି । ଏଫଏଟିଏଫ୍ ସ୍ପଷ୍ଟ ଭାବରେ ସତର୍କ କରାଇଦେଇଛି ଯେ ଆତଙ୍କବାଦୀ ପାଣ୍ଠି ରୋକିବା ଆଳରେ ଏଫସିଆରଏ ଆଇନର ଅପବ୍ୟବହାର କରାଯାଇ ବୈଧ ନାଗରିକ ସମାଜର କଣ୍ଠରୋଧ କରାଯାଉଛି । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ସରକାର ବିନା କୌଣସି ପରାମର୍ଶରେ ଏହି ନିୟମ ଲାଗୁ କରିଛନ୍ତି ଯାହା ସଂସ୍ଥାଗୁଡ଼ିକର କାର୍ଯ୍ୟଶୈଳୀକୁ ନଷ୍ଟ କରିଦେଇଛି । ଏଫଏଟିଏଫ୍ ପରାମର୍ଶ ଦେଇଛି ଯେ ସରକାର ଏକ ରିସ୍କ-ବେସଡ୍ (**risk-based**) ବା ବିପଦ-ଆଧାରିତ ଦୃଷ୍ଟିକୋଣ ଆପଣାଇବା ଉଚିତ୍, ନଚେତ୍ ସମସ୍ତ ସଂସ୍ଥାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଏବଂ ହଇରାଣ କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଏହା ପୂର୍ବରୁ ୨୦୧୬ ମସିହାରେ ମିଳିତ ଜାତିସଂଘର ତିନି ଜଣ ସ୍ୱତନ୍ତ୍ର ରିପୋର୍ଟରମାନେ ମଧ୍ୟ ଏଫସିଆରଏ ଆଇନକୁ ରଦ୍ଦ କରିବା ପାଇଁ ଭାରତ ସରକାରଙ୍କୁ ନିବେଦନ କରିଥିଲେ, କାରଣ ଏହା ଆନ୍ତର୍ଜାତୀୟ ମାନବାଧିକାର ମାନଦଣ୍ଡକୁ ଉଲ୍ଲଂଘନ କରୁଛି ।

ଅବଶ୍ୟ ଏହି ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ ଏକ ପ୍ରତିଯୁକ୍ତି ରଖାଯାଏ ଯେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୬,୨୦୦ ସଂସ୍ଥା ପଞ୍ଜୀକୃତ ଅଛନ୍ତି ଏବଂ ସେମାନେ ସ୍ୱାସ୍ଥ୍ୟ, ଶିକ୍ଷା ତଥା ବିପର୍ଯ୍ୟୟ ପରିଚାଳନା ପାଇଁ ବାର୍ଷିକ ପ୍ରାୟ ୨୩,୦୦୦ କୋଟି ଟଙ୍କାର ବିଦେଶୀ ପାଣ୍ଠି ପାଉଛନ୍ତି । ତେଣୁ ସରକାରଙ୍କ ଯୁକ୍ତି ହେଉଛି ଯେ ସେମାନେ ସମସ୍ତଙ୍କୁ ବାରଣ କରୁନାହାଁନ୍ତି। ଏକ ସାର୍ବଭୌମ ରାଷ୍ଟ୍ର ହିସାବରେ ନିଜ ଦେଶ ଭିତରକୁ ଆସୁଥିବା ଅର୍ଥର ହିସାବ ରଖିବା ଏବଂ ଏହାର ଅପବ୍ୟବହାର ରୋକିବା ସରକାରଙ୍କର ଅଧିକାର ତଥା କର୍ତ୍ତବ୍ୟ । ଏହାକୁ କୌଣସି ସଚେତନ ନାଗରିକ ଅସ୍ୱୀକାର କରୁନାହାଁନ୍ତି। କିନ୍ତୁ ବିବାଦର ମୂଳ କାରଣ ସ୍ୱଚ୍ଛତା ନୁହେଁ, ବରଂ ଅନୁମତି ପ୍ରଦାନ କରିବାର ଏକଚାଟିଆ କ୍ଷମତା । ଯଦି ଏକ ଆଇନ କେବଳ ତଥ୍ୟ ପ୍ରଦାନ ବା ସ୍ୱଚ୍ଛତା ଦାବି କରୁଥାନ୍ତା, ତେବେ କୌଣସି ସଚ୍ଚୋଟ ସଂସ୍ଥା ଏହାକୁ ବିରୋଧ କରନ୍ତେ ନାହିଁ । କିନ୍ତୁ ଏଫସିଆରଏ ସରକାରୀ ଅଧିକାରୀମାନଙ୍କୁ ଏଭଳି କ୍ଷମତା ଦେଇଛି ଯେ ସେମାନେ ବିନା କାରଣରେ, କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ଯେକୌଣସି ସଂସ୍ଥାର ପାଣ୍ଠି ବନ୍ଦ କରିଦେଇପାରିବେ ଏବଂ ସେମାନଙ୍କର ବର୍ଷ ବର୍ଷର ପରିଶ୍ରମରେ ଗଢ଼ିଉଠିଥିବା ସମ୍ପତ୍ତିକୁ ଛଡ଼ାଇ ନେଇପାରିବେ । ଏହା ଆଦୌ ନିୟନ୍ତ୍ରଣ ନୁହେଁ, ଏହା ହେଉଛି କ୍ଷମତାର ଅପବ୍ୟବହାର ଯାହା ନାଗରିକ ସମାଜକୁ ସରକାରଙ୍କ ଦୟା ଉପରେ ନିର୍ଭରଶୀଳ କରାଇଦେଉଛି ।

ପରିଶେଷରେ ଏହା ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ ପାଶ୍ଚାତ୍ୟ ଦେଶର ସ୍ୱଚ୍ଛତା ଆଇନ ସହିତ ଭାରତର ଏଫସିଆରଏର ତୁଳନା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ବିଭ୍ରାନ୍ତିକର ଅଟେ । ଆମେରିକାର ଫାରା ଭଳି ଆଇନ କେବଳ ଗୋଟିଏ ଫର୍ମ ପୂରଣ କରିବାକୁ କହୁଥିବା ବେଳେ, ଏଫସିଆରଏ ଏକ ବନ୍ଦ କବାଟ ସଦୃଶ ଯାହାକୁ ସରକାର ନିଜ ଇଚ୍ଛା ଅନୁଯାୟୀ ଖୋଲିପାରିବେ ବା ବନ୍ଦ କରିପାରିବେ । ଗୋଟିଏ ଆଇନ ନାଗରିକଙ୍କ ସ୍ୱାଧୀନତାକୁ ସମ୍ମାନ ଦେଇ କେବଳ ସ୍ୱଚ୍ଛତା ଆଶା କରୁଥିବା ବେଳେ, ଅନ୍ୟଟି ସମସ୍ତଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିଥାଏ ଏବଂ ଅନୁଦାନ ଗ୍ରହଣ କରିବାକୁ ଏକ ଅଧିକାର ପରିବର୍ତ୍ତେ ସରକାରଙ୍କ ଅନୁକମ୍ପା ଭାବରେ ବିବେଚନା କରିଥାଏ। ଗରିବ ଓ ଅସହାୟ ଲୋକଙ୍କ ସେବା କରିବା, ସେମାନଙ୍କ ପାଇଁ ବିଦ୍ୟାଳୟ ବା ଚିକିତ୍ସାଳୟ ନିର୍ମାଣ କରିବା କୌଣସି ରାଜନୈତିକ କ୍ଷମତାରେ ଥିବା ବ୍ୟକ୍ତିଙ୍କ ଇଚ୍ଛାଧୀନ ହେବା ଉଚିତ୍ ନୁହେଁ । ଏକ ପ୍ରକୃତ ଗଣତାନ୍ତ୍ରିକ ରାଷ୍ଟ୍ର କେବେହେଲେ ନିଜ ଦେଶର ନାଗରିକ ସମାଜ ଏବଂ ସେବାକାରୀ ସଂସ୍ଥାଗୁଡ଼ିକ ଉପରେ ଏଭଳି ଲଗାମ ଲଗାଏ ନାହିଁ । ସରକାର ଏହି ବାସ୍ତବତାକୁ ହୃଦୟଙ୍ଗମ କରି ଏଫସିଆରଏ ଆଇନର ପୁନର୍ବିଚାର କରିବା ଆବଶ୍ୟକ ଏବଂ ଆନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଏକ ସ୍ୱଚ୍ଛ ତଥା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରଣୟନ କରିବା ଉଚିତ୍ ।

# ଅବିସ୍ମରଣୀୟ କବି ପ୍ରଧାନମନ୍ତ୍ରୀ ଅଟଳ ବିହାରୀ



## ଡକ୍ଟର ଲକ୍ଷ୍ମଣ ସାହୁ

ମଣିଷର ଚରିତ୍ର କ'ଣ ହେବା ଉଚିତ୍ ଯଦି ପ୍ରଶ୍ନର କେବେ ଦିଆଯାଏ କେବଳ ଗୋଟିଏ ଉତ୍ତର ହେବା ଉଚିତ୍ - ଅପମାନିତ ହେବାଠାରୁ ଦୁଇଗୁଣ ନମ୍ର ହେବା । ଇତିହାସ ସାକ୍ଷ୍ୟ ଦିଏ ଯେ ରୁଦ୍ରତାର ପ୍ରତିକ୍ରିୟାରେ ରୁଦ୍ରତା ଏକ ସାମାଜିକ ଦ୍ୱନ୍ଦ ସୃଷ୍ଟି କରେ ଯାହାର କୌଣସି ମୂଳଦୁଆ ନାହିଁ କି ଭବିଷ୍ୟତ ନାହିଁ । ଅଟଳ ବିହାରୀ ବାଜପେୟୀ ହେଉଛନ୍ତି ସମସ୍ତଙ୍କର ମନର ବ୍ୟକ୍ତିତ୍ୱ, ଯିଏ ବ୍ୟଙ୍ଗାତ୍ମକ ଢଙ୍ଗରେ ଜୀବନ ବିତାଇଛନ୍ତି ଓ ଆଜି ଏକ ଉଜ୍ଜ୍ୱଳ ଚରିତ୍ର ପାଲଟିଛନ୍ତି । ସେ ଜାଣିଥିଲେ ଯେ ଯେତିକି ଉଜ୍ଜ୍ୱଳତା ଅଛି, ସେଥିରେ କାଦୁଅ ଫିଙ୍ଗି ଦିଆଯିବ । ତେଣୁ ଜବାହରଲାଲ ନେହେରୁଙ୍କ ଠାରୁ ତାବାରା ପର୍ଯ୍ୟନ୍ତ ନେତାମାନେ ତାଙ୍କୁ ଦମନ କରିବାକୁ ଚେଷ୍ଟା କଲେ ମଧ ସେ କବିତା ମାଧମରେ ଉତ୍ତର ଦେବେ । ଭାରତ ଏହାର ରାଜନୀତିରେ ଜଣେ ସମ୍ବେଦନଶୀଳ କବିଙ୍କ ନିର୍ମଳତଛମସତାଯୃ ଥ ଥ ବ୍ୟକ୍ତିତ୍ୱ ପାଇଥିବାରୁ ଆଶୀର୍ବାଦ ପ୍ରାପ୍ତ, ଯାହାର ଉଜ୍ଜ୍ୱଳ ସ୍ୱାକ୍ଷର ଆଜି କେନ୍ଦ୍ରରେ ସରକାର ଶାସନ କରୁଛି । ଯେ ନିକଟରେ ରିଲିଜ୍ ହୋଇଥିବା 'ମାୟା ଅଟଲ୍ ହୁନ୍' ମୁଖ୍ୟ ଭୂମିକାରେ ପଙ୍କଜ ତ୍ରିପାଠୀଙ୍କ ଯାହା ସବୁ ଦେଖାଯାଇଛି ତାହା ଏକ ବଡ଼ ପ୍ରଭାବ ପକାଇଛି । ରାଷ୍ଟ୍ରିୟ ସ୍ୱୟଂସେବକ ସଂଗଠନ ସର୍ବଦା ଲୋକମାନଙ୍କ ସହିତ ପରିପୂର୍ଣ୍ଣ ଥିଲେ।


ସେ ସ୍ୱରାଜଙ୍କ ବିଷୟରେ ଚିନ୍ତା କରୁଥିଲେ । ୧୯୪୨ ସୁଦ୍ଧା, ୧୬ ବର୍ଷ ବୟସରେ, ବାଜପେୟୀ ରାଷ୍ଟ୍ରିୟ ସ୍ୱୟଂସେବକ ଏକ ସଂଗଠନର (**RSS**) ଜଣେ ସକ୍ରିୟ ସଦସ୍ୟ ହୋଇଥିଲେ । ଯଦିଓ ଆରଏସଏସ ଭାରତ ଛାଡ ଆନ୍ଦୋଳନରେ ଭାଗ ନ ନେବାକୁ ନିଷ୍ପତ୍ତି ନେଇଥିଲା, ୧୯୪୨ ଅଗଷ୍ଟ ୬ ରେ ବାଜପେୟୀ ଏବଂ ତାଙ୍କ ବଡ଼ ଭାଇ ପ୍ରେମଙ୍କୁ ୨୪ ଦିନ ପାଇଁ ଭାରତ ଛାଡିବା ସମୟରେ ଗିରଫ କରାଯାଇଥିଲା । ସେ ଏକ ଲିଖିତ ବିବୃତ୍ତି ଦେବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା ଯେ ସେ ମାଓବାଦୀଙ୍କ ଅଂଶ ହୋଇଥିବାବେଳେ ସେ ୨୭ ଅଗଷ୍ଟ ୧୯୪୨ରେ ବେତେଶ୍ୱର ଠାରେ ହୋଇଥିବା ସନ୍ତ୍ରାସବାଦୀ ଘଟଣାରେ ଭାଗ ନେଇନଥିଲେ । ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କ ଜୀବନସାରା ବାଜପେୟୀଙ୍କୁ ଏହି ଅଭିଯୋଗ ବିଷୟରେ ସ୍ମରଣ କରାଯାଇଛି। ଭାରତ ଛାଡିବା ଆନ୍ଦୋଳନରେ ଅଂଶଗ୍ରହଣ ଏକ ମିଥ୍ୟା ଗୁଜବ । କିନ୍ତୁ ଯେଉଁ ଦିନ ଦେଶକୁ ତିନି ଭାଗରେ ବିଭକ୍ତ କରାଯାଇଥିଲ । ସେହି ଦିନଠାରୁ ତାଙ୍କ ମନରେ ଅବିଚ୍ଛେଦ୍ୟ ଭାରତର ଶୈଳୀ ଅନ୍ତର୍ଭୁକ୍ତ ହୋଇଥିଲା।

ବ୍ରିଟିଶମାନଙ୍କ ଦ୍ୱାରା ଭାରତର ବିଭାଜନ ତାଙ୍କୁ ଯନ୍ତ୍ରଣା ଦେଇଥିଲା କିନ୍ତୁ ସେହି ସମୟରେ ଅଟଳ ବିହାରୀ ବାଜପେୟୀ ମଧ ବୁଝିଥିଲେ ଯେ ତତ୍କାଳୀନ କଂଗ୍ରେସ ସରକାରଙ୍କ ଏକଚାଟିଆତା ଭାରତର ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ଥିଲା । ଏହି ଆଇନକୁ ଅତିକ୍ରମ କରି ସେ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖି ସିଧାସଳଖ ରାଜସ୍ଥାନ ସମ୍ବାଦପତ୍ର କାର୍ଯ୍ୟାଳୟରେ ଯୋଗ ଦେଇଥିଲେ । ଶ୍ୟାମପ୍ରସାଦ ମୁଖାର୍ଜୀ ନିଜେ ସେହି ଖବର ପଢି କଂଗ୍ରେସରୁ ଇସ୍ତଫା ଦେଇଥିଲେ । ରାଷ୍ଟ୍ରିୟ ସେବା ସଂଗଙ୍କ ପ୍ରେରଣା ଅନୁଯାୟୀ ରାଷ୍ଟ୍ରୀୟ ଜନତା ପାର୍ଟି ଗଠନ କରିଥିଲେ । ଦଳରେ ଅଟଳ ବିହାରୀ ବାଜପେୟୀ, ଦିନ୍ଦୟାଲ ଉପାଧ୍ୟାୟ ଏ ଅନ୍ୟମାନେ ଥିଲେ । ପରେ ଜାମ୍ମୁ କାଶ୍ମୀରରେ ଧାରା ୩୭୦ ରଦ୍ଦକୁ ଦୃଢ ବିରୋଧ କରୁଥିବାବେଳେ ଶ୍ୟାମା ପ୍ରସାଦଙ୍କ ହଠାତ୍ ଗିରଫ ଓ ଜେଲରେ ମୃତ୍ୟୁ ଅଟଳଜୀଙ୍କ ମାନସିକତାକୁ ଦୋହଲାଇ ଦେଇଥିଲା । ପରେ ସେ ୧୯୫୭ ମସିହାରେ ବଳରାମପୁରରୁ ଜିତିଥିଲେ ଯେ ଯଦି ସେ ଲୋକରେ ପହଞ୍ଚି ନଥାନ୍ତେ ତେବେ ଦେଶ ତାଙ୍କ କଥା ଶୁଣିବ ନାହିଁ । ବିଧାନସଭା କଂଗ୍ରେସ ବିରୋଧରେ ଟିକିଏ ଲୋକସଭାରେ ପ୍ରବେଶ କଲାବେଳେ ଜୋରରେ ସ୍ୱର ଦେଖାଇବା ପରିବର୍ତ୍ତେ ସେ ସେମାନଙ୍କ ପ୍ରତି ଭଦ୍ର ବ୍ୟବହାର କରି ଭାଷଣ ଦେଇଥିଲେ । ଏଥିରେ ଜବାହରଲାଲ ନେହେରୁ ପ୍ରଭାବିତ ହୋଇଥିଲେ । ତା'ପରେ ୨୯୬୨ ମସିହାରେ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା ଓ ଅଟଳଜୀ ସୀମା ସୁରକ୍ଷା ପ୍ରସଙ୍ଗକୁ ବିରୋଧୀ ଭାବରେ ସ୍ୱର ଉଠାଇଥିଲେ। ଯାହା ଫଳରେ ନେହେରୁ ସରକାର ଅସୁବିଧାରେ ପଡ଼ିଥିଲେ। ତା'ପରେ ୨୯୬୫ ଭାରତ-ପାକ୍ ଯୁଦ୍ଧରେ ରାଷ୍ଟ୍ରୀୟ ଜନତା ପାର୍ଟି ଲାଲ ବାହାଦୂର ଶାସ୍ତ୍ରୀଙ୍କ ପାଖରେ ଠିଆ ହୋଇ ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ରାଜି ହୋଇଥିଲେ । କିନ୍ତୁ ସେଠାରେ ମଧ ବିପଦ ରହିଛି । ତାସକେଣ୍ଟରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷର କଲାବେଳେ ଶାସ୍ତ୍ରୀଜୀଙ୍କ ମୃତ୍ୟୁ ହୋଇଥିଲା । ଇନ୍ଦିରା ଗାନ୍ଧୀ ଦାୟିତ୍ୱ ଗ୍ରହଣ କରିଥିଲେ । ସେହି ସମୟରେ ଦୁଇଟି କ୍ରମାଗତ ଯୁଦ୍ଧ ଦ୍ୱାରା ଭାରତର ଅର୍ଥନୀତି ପ୍ରାୟ ପଙ୍ଗୁ ହୋଇଯାଇଥିଲା, ଯେଉଁଠାରେ ସେ ମୂଲ୍ୟ ବୃଦ୍ଧି କରିଥିଲେ।

ଇତି ମଧ୍ୟରେ, ଆହ୍ଲାବାଦ କୋର୍ଟରେ ହୋଇଥିବା ଏକ ରାୟରେ ଇନ୍ଦିରା ସରକାରଙ୍କ ପତନ ଅନିବାର୍ଯ୍ୟ ଥିଲା । ୧୯୭୫ ଜୁନ୍ ୨୫ ରୁ ସାରା ଭାରତରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ଯେଉଁଠାରେ ଗଣମାଧ୍ୟମକୁ ଦମନ କରାଯାଇଥିଲା, ସେଠାରେ ଅଟଳଜୀଙ୍କ ପରି ବ୍ୟକ୍ତି ବିଶେଷଙ୍କୁ ଗିରଫ କରାଯାଇ କାରାଗାରରେ ରଖାଯାଇଥିଲା ଓ ବାଳକମାନଙ୍କୁ ଜବରଦଖଲ ହଇରାଣ କରାଯାଇଥିଲା । ଏଥିରେ ଅନେକ ପୁଅ ସଂକ୍ରମଣରେ ମୃତ୍ୟୁ ବରଣ କରିଥିଲେ ! ଏହାର ନେତୃତ୍ୱ ନେଇଥିଲେ ଇନ୍ଦିରାଙ୍କ ସାନପୁଅ ସଞ୍ଜୟ ଗାନ୍ଧୀ । ଜରୁରୀକାଳୀନ ପରିସ୍ଥିତି ପରେ, ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଅଟଳଜୀଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ପାର୍ଟିର ନାମ ଆଜିର ଭାରତୀୟ ଜନତା ଦଳ ଅର୍ଥାତ୍ ବିଜେପି ଓ ମରାର୍ଜୀ ଦେଶାଇଙ୍କ ୟୁନାଇଟେଡ୍ ଫ୍ରଣ୍ଟ ସରକାର କ୍ଷମତାସୀନ କେନ୍ଦ୍ର ବିରୋଧରେ ବହୁ ସଂଖ୍ୟକ ଆସନ ସହିତ ଗଠନ କରାଯାଇଥିଲା । ସେଠାରେ ମଧ ଇନ୍ଦିରା ଗାନ୍ଧୀ ସରକାରଙ୍କ ଭିତରୁ ଉଚ୍ଛେଦ ପ୍ରବର୍ତ୍ତାଇ ଚରଣ ସିଂଙ୍କୁ ପ୍ରଧାନମନ୍ତ୍ରୀ ହେବାକୁ ବାଧ କରିଥିଲେ । ଆଭ୍ୟନ୍ତରୀଣ ବିବାଦ ହେତୁ ୟୁନାଇଟେଡ୍ ଫ୍ରଣ୍ଟ ଭାଙ୍ଗି ପୁଣି ଇନ୍ଦିରା ସରକାର ଗଠନ ହେଲା । ଏହା ପରେ, 'ଅପରେସନ୍ ବ୍ଲୁ ଷ୍ଟାର'କାରଣରୁ ଇନ୍ଦିରାଙ୍କ ମୃତ୍ୟୁ, ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ଓ ଆତଙ୍କବାଦୀଙ୍କୁ ଦମନ କରିବା ଭାରତୀୟ ରାଜନୀତିରେ ଅଶାନ୍ତ ସ୍ରୋତ ଆଣିଥିଲା। ଅଯୋଧ୍ୟାରେ ବାବ୍ରି ମସଜିଦ ଭାଙ୍ଗିବା ଘଟଣା ସହିତ ଅଟଳ ବିହାରୀ ବାଜପେୟୀ ଅତ୍ୟଧିକ ବିବ୍ରତ ହୋଇ ସକ୍ରିୟ ରାଜନୀତିରୁ ଓହରିଯିବାକୁ ଶପଥ ନେଇଥିଲେ ।

କିନ୍ତୁ ୧୯୯୬ ରେ ହର୍ଷଦ ମେହେଟ୍ଟା ଠକେଇରେ ନରସିଂହ ରାଓଙ୍କ ସରକାର ପତନ ପରେ ବିଜେପି ଓ ଏହାର ମିଳିତ ସହଯୋଗୀ ଯେତେବେଳେ ଅଟଳଜୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା, ସେତେବେଳେ ସେ ତୁରନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଗ୍ରହଣ କଲେ । କାରଣ ତାଙ୍କ ବିନା ଦେଶରେ ଅନ୍ୟ କୌଣସି ବିକଳ୍ପ ନଥିଲା । ଜଣେ କାର୍ଯ୍ୟନିର୍ବାହୀ କଂଗ୍ରେସ ସରକାର ଅନୁସରଣ କରିବା ପରେ ଅଟଳଜୀ ୧୯୯୯ ରେ ପୁନର୍ବାର ପ୍ରଧାନମନ୍ତ୍ରୀ ହୋଇଥିଲେ । ଏଥର ବିଜେପି ଏକକ ଭାବରେ ୧୮୨ ଟି ଆସନ ଜିତିଥିଲା।। ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ପୋଖରାନରେ ସଫଳ ପରମାଣୁ ପରୀକ୍ଷଣ ଦ୍ୱାରା ବିଶ୍ୱ ଚକିତ ହୋଇଯାଇଥିଲା, ଯାହା ପ୍ରଥମ ଥର ପାଇଁ ଏପିଜେ ଅବଦୁଲ କଲାମଙ୍କ ନେତୃତ୍ୱରେ ଭାରତକୁ ଆଣବିକ ଶକ୍ତିରେ ପରିଣତ କରିଥିଲା । ଭାରତର ଏହି ବିକାଶ ବୃଦ୍ଧି ଯୋଗୁଁ ଆମେରିକା, ୟୁରୋପ ଓ ଏସିଆ ମଧ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତାଙ୍କ ଅଧୀନରେ ଇଣ୍ଡୋ-ପାକ୍ ଯାତ୍ରା ଆରମ୍ଭ ହୋଇଥିଲା । କିନ୍ତୁ କଥାରେ ଅଛି, ତୁମେ ଜଣେ ବନ୍ଧୁକୁ ଠିକ୍ କରିପାରିବ, କିନ୍ତୁ ତୁମେ ଯେତେ ଚେଷ୍ଟା କଲେ ମଧ ତୁମେ ଖରାପ ପଡ଼ୋଶୀକୁ ବଦଳାଇ ପାରିବ ନାହିଁ । କାର୍ଗିଲ ଯୁଦ୍ଧ ଆରମ୍ଭ ହେଲା । ଆମେରିକାର କଳଙ୍କ ସତ୍ତ୍ୱେ ଅଟଳ ବିହାରୀଙ୍କ ନେତୃତ୍ୱରେ ପାକିସ୍ତାନର ସୈନ୍ୟବାହିନୀକୁ ଦୃଢ ପ୍ରତିକ୍ରିୟା ଦେଇ ଭାରତ ଏହି ଯୁଦ୍ଧରେ ଜିତିଥିଲା । ବିଶ୍ୱ ରାଜନୀତିରେ ଭାରତ ଏକ ଷ୍ଟାଣ୍ଡଆଉଟ୍ ହୋଇଗଲା । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନ୍ୟାନ୍ୟ କାର୍ଯ୍ୟକଳାପ ମଧ୍ୟରେ ଗୋଲଡେନ୍ ଚତୁର୍ଭୁଜ ପ୍ରକଳ୍ପ (ଇଂରାଜୀରେ ଏଛ ପ୍ରୋଜେକ୍ଟ) ଭାରତର ଚାରି କୋଣକୁ ରାସ୍ତା ଦେଇ ସଂଯୋଗ କରିବା ପାଇଁ ଆରମ୍ଭ କରାଯାଇଥିଲା । ବିଶେଷ କରି ଦିଲ୍ଲୀ, କୋଲକାତା, ଚେନ୍ନାଇ ଓ ମୁମ୍ବାଇ ରାଜପଥ ଦ୍ୱାରା ସଂଯୋଗ ହୋଇଥିଲା । ବିଶ୍ୱାସ କରାଯାଏ ଯେ ଶେର ଶାହ ସୁରିଙ୍କ ସମୟ ଅପେକ୍ଷା ଅଟଳଜୀଙ୍କ ଶାସନ କାଳରେ ଭାରତରେ ଅଧିକ ରାସ୍ତା ନିର୍ମାଣ କରାଯାଇଥିଲା ।

ଅଟଳ ବିହାରୀ ବାଜପେୟୀ କେବଳ ଜଣେ ରାଜନେତା ନୁହଁନ୍ତି ଜଣେ କବି ମଧ ଥିଲେ । 'ଅମର ଅନନତି କବିତା' ହେଉଛି ଅଟଳଜୀଙ୍କ ପ୍ରସିଦ୍ଧ କବିତା ସଂଗ୍ରହ । ବାଜପେୟୀ କବିତାର ସୃଜନଶୀଳତା ଓ ସ୍ୱାଦର ଗୁଣଗୁଡିକ ଉତ୍ତରାଧିକାରୀ ହୋଇଥିଲେ ।ତାଙ୍କ ପିତା କୃଷ୍ଣ ବିହାରୀ ବାଜପେୟୀ ଗ୍ୱାଲିଅର୍ ରାଜ୍ୟରେ ତାଙ୍କ ସମୟର ଜଣେ ଜଣାଶୁଣା କବି ଥିଲେ । ସେ ବ୍ରଜଭଶା ଏବଂ ଖାରୀ ବଲିରେ କବିତା ରଚନା କରିଥିଲେ। ସାହିତ୍ୟିକ ଓ କବିତା ପାରିବାରିକ ପରିବେଶ ହେତୁ କବିତା ରକ୍ତ କ୍ରମାଗତ ଭାବରେ ତାଙ୍କ ଶିରାରେ ପ୍ରବାହିତ ହୁଏ । ତାଙ୍କର ପ୍ରଥମ କବିତା ହେଉଛି ତାଜମହଲ । 'ଜଣେ ସମ୍ରାଟ ସୁନ୍ଦର ତାଜମହଲ ନିର୍ମାଣ କରିଥିଲେ, ସେ ଆମର ଗରିବ ଲୋକଙ୍କ ପ୍ରେମକୁ ପରିହାସ କରିଥିଲେ' ଭଳି ରୋମାଣ୍ଟିକ ପ୍ରେମରେ ଲିପ୍ତ ରହିବା ପରିବର୍ତ୍ତେ ତାଜମହଲର କାରିଗରମାନଙ୍କ ଶୋଷଣ ଉପରେ ମଧ ଧ୍ୟାନ ଦେଇଥିଲେ । ବାସ୍ତବରେ ତାଙ୍କ କବିତା କାହାର ହୃଦୟରୁ ବଞ୍ଚିତ ହୋଇପାରିବ ନାହିଁ । ଖୁବ୍ ମନଛୁଆଁ ଓ ହୃଦୟସ୍ପର୍ଶୀ । ଅଟଳଜୀ କିଶୋର ଅବସ୍ଥାରେ ଏକ ଚମତ୍କାର କବିତା ଲେଖିଥିଲେ - 'ହିନ୍ଦୁ ଟାନ୍-ମ୍ୟାନ୍ ହିନ୍ଦୁ ଜିବାନ୍, ରାଗ୍-ରାଗ୍ ହିନ୍ଦୁ ମେରା ଧାନିଆ', ଯାହା ଦର୍ଶାଏ ଯେ ସେ ପିଲାଦିନରୁ ଦେଶ ପ୍ରେମୀ ଥିଲେ ଏଥିରୁ ସ୍ପଷ୍ଟ ହୁଏ । ଯିଏ ପୁରା ଦେଶର ଶବ୍ଦ ଦ୍ୱାରା ଆକର୍ଷିତ ହୋଇଥିଲେ, ସେହି ବ୍ୟକ୍ତି କାହାଠାରୁ ଏତେ ଶକ୍ତି ପାଇଲେ ଯଦିଓ ଆପଣ ଜାଣନ୍ତି, ଆପଣଙ୍କୁ ଆଶ୍ଚର୍ଯ୍ୟ ହେବାକୁ ପଡିବ - ଅବିରତ ଭକ୍ତ ପ୍ରେମରୁ।



କୁହାଯାଏ ସେ କଲେଜ ଜୀବନରେ ରାଜକୁମାରୀଙ୍କୁ ଭେଟିଥିଲେ ଯେତେବେଳେ ସେ ଛାତ୍ର ରାଜନୀତି କରୁଥିଲେ, ପରେ ସେହି ସାକ୍ଷାତ ତାଙ୍କ ହୃଦୟରେ ପ୍ରେମ ସୃଷ୍ଟି କରିଥିଲା । କିନ୍ତୁ ସେହି ସମ୍ପର୍କ ଅସମ୍ପୂର୍ଣ୍ଣ ରହିଥାଏ । ବୋଧହୁଏ ସେଇଥିପାଇଁ, ଆଉ ଜଣେ ଘର ମାଲିକ ନୁହଁନ୍ତି, ସେ ଦେଶ ପାଇଁ ସବୁକିଛି ନଷ୍ଟ କରିଦେଲେ। ସେ ଭାଗ୍ୟବାନ ଥିଲେ, ନଚେତ୍ ଦେଶର ଉତ୍ଥାନ କୈଣସି ସ୍ଥାନରେ ଅଟକି ଯାଇଥାନ୍ତେ । ଅଟଳ ମହାମେରୁ ଭଳି ଅଟଳଜୀ ସେ ଅତୀତରେ ଭାରତର ସମସ୍ତ ସଙ୍କଟର ସାକ୍ଷୀ ରହିଥିଲେ ଓ ସେଠାରୁ ସମସ୍ତ ଶକ୍ତି ଓ ଅଭିଜ୍ଞତା ପ୍ରଦାନ କରିଥିଲେ । ସେ ଶକ୍ତିଶାଳୀ ହେଲେ । ସେ ତାଙ୍କ ପୂର୍ବପୁରୁଷମାନଙ୍କୁ ସମ୍ମାନ କରୁଥିଲେ, ପ୍ରତ୍ୟେକ ଅଶ୍ଳୀଳତାକୁ ତାଙ୍କର ଅସ୍ତ୍ରଶସ୍ତ୍ର ଭାବରେ କେବେ ଗ୍ରହଣ କରିନଥିଲେ ।

ଦେଖିବାକୁ ଗଲେ ବର୍ତ୍ତମାନର ରାଜ୍ୟରେ ଜାତୀୟ କଂଗ୍ରେସର ସ୍ଥିତି ବୋଧହୁଏ ସେହି କାରଣରୁ ତାଙ୍କ ପ୍ରତିଭାକୁ ସଠିକ୍ ଭାବରେ ପ୍ରଶଂସା କରାଯାଇ ନ ଥିବାରୁ ସେ ତାଙ୍କ କଠୋର ପଥରେ ଲାଗି ରହି ପାରିନଥିଲେ । ଭାରତ ଇତିହାସରେସେ ଅବିସ୍ମରଣୀୟ ରହିବେ। କେବଳ ରାଜନୈତିକ ଦାର୍ଶନିକ ଦ୍ୱାରା ତାଙ୍କୁ ତାଙ୍କ ଜୀବନର ପରିପ୍ରେକ୍ଷୀରେ ମାପିବା ଠିକ୍ ନିଷ୍ପତ୍ତି ନୁହେଁ...!!!

+ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪,
ମୋ: ୯୦୪୦ ୧୫୧୪୭୫

# ବେଣୁଧର ମହାପାତ୍ର ଥିଲେ ସ୍ୱାଧିନ ଚିନ୍ତାଧାରାର ଜଣେ ବିରଳ ରାଜନେତା

## ସୁବ୍ରତ କୁମାର ମହାନ୍ତି

ବେଣୁଧର ମହାପାତ୍ର ନାମଟି କହିଲେ ଉଦଳା ନିର୍ବାଚନ ମଣ୍ଡଳିର ପ୍ରାୟ ସମସ୍ତେ ବୁଝି ଯାଆନ୍ତି ତାଙ୍କୁ । ଶାନ୍ତ, ସରଳ ସ୍ୱଭାବ ସାଙ୍ଗକୁ ଜଣେ ସ୍ୱାଧିନ ଚିନ୍ତାଧାରାର ରାଜନେତା ଭାବରେ ତାଙ୍କର ଥିଲା ସ୍ୱତନ୍ତ୍ର ପରିଚୟ । ଜଣେ ରାଜନେତା ସ୍ୱାଧିନ ଭାବେ ନିଜର ମତ ଉପସ୍ଥାପନ ପାଇଁ ସୁଯୋଗ ନପାଇବା ଗଣତନ୍ତ୍ର ମନ୍ଦିରକୁ ଆଦୌ ଶୋଭାପାଏ ନାହିଁ ବୋଲି ସେ ମୁକ୍ତ କଣ୍ଠରେ କହୁଥିଲେ । ଏପରିକି ଦଳିୟ ହୁଇପ ମଧ କୌଣସି ରାଜନେତାଙ୍କ ଉପରେ ନ ରହିବା ଉଚିତ ବୋଲି ସେ ମତ ଦେଉଥିଲେ । ଏହିଭଳି ସ୍ୱାଧିନତା ରାଜନେତା ମାନେ ପାଇଲେ ଗଣତନ୍ତ୍ର ମନ୍ଦିର ବେଶ ସୁଦୃଢ଼ ହେବ ବୋଲି କହୁଥିଲେ । ଉଦଳା ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥି ଭାବରେ ସେ ଦୁଇଥର ସ୍ୱାଧିନ ଓ ଥରେ କଂଗ୍ରେସ ଟିକଟରୁ ଲଢ଼ିଥିଲେ । ତାଙ୍କ ଠାରେ ଥିବା ମୁକ୍ତ ବିଚାରଧାରାର ଚିତ୍ର ସାଧାରଣ ଜନତାଙ୍କ ପାଖରେ ପହଂଚିପାରିନଥିଲା । ଏ ସନ୍ଦେଶ ଲୋକଙ୍କ ପାଖରେ ପହଂଚିବା ବେଳକୁ ବେଣୁଧର ମହାପାତ୍ର ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଗଲେ । ଏହା ଉଦଳା ରାଜନୀତି ପାଇଁ ଅବଶୋଷର ବାତାବରଣ ଖେଳାଇ ଦେଇଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଏହିଭଳି ଜଣେ ମୁକ୍ତ ବିଚାର ଧାରାର ସ୍ୱାଭିମାନି ରାଜନେତାଙ୍କର ଅବର୍ତମାନ ଉଦଳା ପାଇଁ ସୃଷ୍ଟି କରିଛି ଏକ ବିରାଟ ଶୂନ୍ୟସ୍ଥାନ ବୋଲି ଅନେକ ତାଙ୍କର ଶୋକବାର୍ତାରେ କହିଛନ୍ତି । ଅନେକ ସମୟରେ ରାଜ୍ୟସଭା ସାଂସଦଙ୍କ ନିର୍ବାଚନ କ୍ଷେତ୍ରରେ ଭୋଟ ଦେବାକୁ ଯାଉଥିବା ରାଜନେତାଙ୍କ ଉପରେ ଦଳିୟ ହୁଇପ ଦେଖିବାକୁ ମିଳେ । ଏପରିକି ଗତ ରାଷ୍ଟ୍ରପତି ନିର୍ବାଚନ ସମୟରେ ମଧ ସମାନକଥା ଚର୍ଚ୍ଚାର ପରିସରକୁ ଆସିଥିଲା । ଏହା ସୁସ୍ଥ ଗଣତନ୍ତ୍ରର ପରିଚୟ ନୁହେଁ ବୋଲି ବେଣୁଧର କହୁଥିଲେ । ଜଣେ ଉଚ୍ଚଶିକ୍ଷିତ ରାଜନେତା ଭାବରେ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳେ । ଏକ ରାଜନୀତି ପରିବାରରେ ଜନ୍ମ ଗ୍ରହଣ କରିଥିବା ବେଣୁଧର ସ୍ୱାଧିନ ବିଚାରଧାରାକୁ ନିଜର ବ୍ରତ ରୂପେ ଗ୍ରହଣ କରିଥିବା ଯୋଗୁଁ ସେ ଥିଲେ ସମ୍ପୂର୍ଣ୍ଣ ଭିନ୍ନ । ତାଙ୍କର ଆଚରଣ, ଉଚ୍ଚାରଣ ସବୁକିଛିରେ ଫୁଟି ଉଠୁଥିଲା ସ୍ୱାଧିନତାର ଭାବ । ବାରମ୍ବାର ଦଳ ବଦଳ କରିବା ଭଳି ଶସ୍ତା ରାଜନୀତିକୁ ସେ ପ୍ରବଳ ଘୃଣା କରୁଥିଲେ । ଏହିଭଳି ରାଜନେତା ମାନଙ୍କ ପାଇଁ ଗଣତନ୍ତ୍ର ମନ୍ଦିରର ସୌନ୍ଦର୍ଯ୍ୟ ହାନି ଘଟୁଛି ବୋଲି ସେ କହୁଥିଲେ । ବେଣୁଧର ମହାପାତ୍ରଙ୍କ ପରି ଜଣେ ସ୍ୱାଧିନ ଚିନ୍ତାଧାରାର ସ୍ୱାଭିମାନି ରାଜନେତାଙ୍କର ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି କାମନା କରି ଏଠାରେ ମୋର ଲେଖନିକୁ ବିରାମ ଦେଉଛି ।



**ଏକାଦଶାହ ଉପଲକ୍ଷେ**

ଉଦଳା, ମୟୂରଭଞ୍ଜ
ମୋ-୯୮୬୧୮୨୪୩୨୨

**କବିତା କୋଣାର୍କ**



## ଶ୍ରାବଣ ରାତିରେ

### ରାହାସ କୁମାର ବେହେରା

ଶ୍ରାବଣ ରାତିରେ କୁଳ ଭୁଆସୁଣୀ
ଆଖିରୁ ଝରାଏ ଲୁହ,
ବାହାରେ ବରଷା ଗଜଲ ଗାଉଛି
ଭରୁଛି ଅଜଣା କୋହ।

କାହାର ବେଦନା
ଏକାଧାରେ ଜାଳେ,
କିଏ ଦିଏ ପାଣି ଢାଳି,
ନିଜ ଘରେ ବସି ପିଆସୀ ଝୁରୁଛି,
ବିରହେ ଯାଉଛି ଜଳି।

ଗାଆଁରେ ଫୁଟିଛି କଦମ୍ବ ଫୁଲଟି,
ଫୁଲରୁ ଝରଇ ବାସ;
ନିଦ ନାହିଁ ବୋଲି ପ୍ରତ୍ୟାଶୀ ମନଟି
ଶୁଙ୍ଘି ପିଏ ଅବଶୋଷ।

ଝରକା ସେପାଖେ ଭିଜୁଛି ଗୋଲାପ,
ଏ ଦେହେ ଲାଗିଛି ନିଆଁ;
ଅବୁଝା ଭାବନା ହୁଏ ଆନମନା,
ପହଁରେ ଆଶାର ଧୂଆଁ।

ପଣତ କାନିରେ ବରଷାର ଛିଟା
ସ୍ମୃତି ହୁଏ ଲମ୍ବା ନଈ;
ଭାସିଯାଏ ସୁଖ କାଗଜ ଡଙ୍ଗା ଯେ,
ରାତି ଜମା ସରେ ନାହିଁ।
ଅବୁଝା ବରଷା ନିରୋଳା ଆବେଗେ
ବେଦନାର ଗୀତ ଗାଏ;
ନହୁଲୀ ବୟସୀ ସପନ ଚୋରାଇ
ନିଜ ଲୋକ କଥା କହେ।

ଭଙ୍ଗା ବେହେଲାରେ ବିଚ୍ଛେଦର ଧ୍ୱନି
କେତେଯେ ଯନ୍ତ୍ରଣା ଦିଏ;
କର ଲେଉଟାଇ ନବ ବିବାହିତା,
ମେଘ ଆକାଶକୁ ଚାହେଁ।

ମିତଣୀ ମୋ ସହୀ ବରଷା ରାଣୀ ମୋ,
ତୋ ପାଦେ ପାଉଁଜି ବାଜେ
ରାତି ପାଇଗଲେ ଭାବନା ସରିବ,
ଚାହିଁ ପାରିବିନି ଲାଜେ ।

ତୁ ଝରିଗଲେ ଅନେକ କାହାଣୀ
ବିୟୋଗ କବିତା ହୁଏ;
ଦୂର ଦେଶୀକୁ ଅନେଇ ପଢିଣ,
କରମ ଆଦରି ଶୁଏ।

+ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ : ୯୪୩୮୧୧୪୩୬୮

## ମା' ତୁ ଆସି ଦେଖ

### ରଞ୍ଜିତ କୁମାର ବେହେରା

ତୋ ସୃଷ୍ଟି ଆଜି ବିଗିଡି ଯାଇଛି
ତୋ ସୃଷ୍ଟିକୁ ମୋର ମୋର କହୁଛନ୍ତି
ଏଠି ସବୁ ଜୀବତ୍ମାରେ ପ୍ରତିଯୋଗିତା
କିଏ କେତେ ଆଗକୁ ଯାଇପାରେ
ଧନ ସମ୍ପତି କି ଗର୍ବ ଅହଂକାରରେ
ତୋ ପାଣି ପବନ ଏବେ ବିଷାକ୍ତ
ମାନବୀୟ ପରିବେଶ କଳୁଷିତ
ମାନବଠୁ ମାନବିକତା ହଜିଛି
ମା ମାଟି ଏବେ କାନ୍ଦୁଛି
ଅଶାନ୍ତିର ଝଡ଼ ବହିଛି
ଘରେ ବାହାରେ ଗଣ୍ଡୋଗୋଳ
ଛୋଟୋ କାରଣେ ସମ୍ପର୍କରେ ଫାଟୋ
ପ୍ରତି ଜୀବତ୍ମାରେ ଦୁଇଟି ରୂପ
ବାହାରେ ଗୋଟିଏ ଭିତରେ ଗୋଟିଏ
ଉତ୍ସର୍ଗୀକୃତ ବ୍ୟକ୍ତି ଆଉ ମିଳୁନି
କର୍ମ ଠାରୁ ପୂଜା ପାର୍ବଣର ଗୁରୁତ୍ୱ
କିଏ ଚାଳବାଟେ ଚନ୍ଦ୍ର ସୂର୍ଯ୍ୟ ଦେଖୁଛି
କିଏ ବ୍ୱେଲକୋନିରୁ ଦୁନିଆ ଦେଖି ହସୁଛି
କା ଘରେ ଗୋଟେ ଓଳି ଖାଦ୍ୟ ନାହିଁ
କିଏ ମଦ ମାଂସରେ ଭାସୁଛି
ନେତା ନିର୍ବାଚନ ଆଗେ
ପ୍ରତିଶୃତି ଦେଉଛି
ଫୋଳାଫଳ ପରେ ସବୁକୁ ଭୁଲୁଛି
ପୁତ୍ର ଭୁଲୁଛି ବାପର ଉତ୍ସର୍ଗ କଥା
ବାର୍ଦ୍ଧକ୍ୟରେ ତୁ ମା ଏକା ଭରସା
ଗରିବ ଭୋକ ପାଇଁ କାନ୍ଦୁଛି
ପୂଜା ପାର୍ବଣ ମାନେ ବୁଝେନା
କାଶତଣ୍ଡୀ ଆଗମନି ଦେଖି ହସେନା
ଶେଫାଳି ବୁକେ
କାକର ମାନେ ବୁଝେନା
ଦିନ ପରେ ଦିନ କାଟୁଛି
ଆଲୁଅଠୁ ଅନ୍ଧାରକୁ ଭଲ ପାଉଛି
ଲୁହକୁ ଆଦରୀ ନେଇଛି
ସବୁ ପାର୍ବଣକୁ ଏକାଭଳି ଦେଖୁଛି
ମା ତୁ ଆସି ଦେଖ
ମା ତୁ ଆସି ଦେଖ

+ ବାଲେଶ୍ୱର
ମୋ: ୯୨୩୮୫୬୮୮୧୧

## ସାତୋଟି ଏକପଦୀ
### ଡ.ଭରତ ଚନ୍ଦ୍ର ଦାଶ



ସୂକ୍ଷ୍ମ କେଶ ରାଜି ମୁଖେ ପଡେ ଭାଜି
ଚଷମା ତଳର ହସ
ଆଖିରେ ତୁମର ଅସରନ୍ତି ପ୍ରେମ
ହୃଦୟେ ଅମିୟ ରସ ।
ll ଦୁଇ ll
ମୁ ଦେଖିବି ତୁମ ବକ୍ଷର ଉତ୍ତାଳ
ଦେହର କାମନା ସ୍ରୋତ
କୋଳରେ ବସାଇ ଗାଇବି ଗୋ ସଖି
ପେମ ପ୍ରଣୟର ଗୀତ ।
ll ତିନି ll
ତୁମେ ମୋ ପ୍ରଣୟ ପ୍ରୀତି ସୁଧାମୟ
ଜୀବନର ଚଲାପଥେ
ମରଣ ଯେବେ ମୋ ଚରଣ ଛୁଇଁବ
କବିତା ଥିବ ମୋ ହାତେ।
ll ଚାରି ll
ମରଣ ତ ମୋତେ ଚିଟାଉ ଦେଇଛି
ନେଇଯିବ ତାର ସାଥେ
ଭଲପାଉଥିଲି କବିତାକୁ ମୋର
ପ୍ରୀତିର ପ୍ରଣୟ ହାତେ।
ll ପାଞ୍ଚ ll
ତୁମେ ସଖି ମୋର ପ୍ରୀତିର ସ୍ୱାକ୍ଷର
ପ୍ରଣୟେ ପ୍ରମତ୍ତ ଦେହ
ମୁଁ ଜଳୁଛି ଏଠି ଅନଙ୍ଗ ଅନଳେ
କାମିନୀ କାମନା ମୋହ।
ll ଛଅ ll
ତୁମେ ତ ଦେଇଛ ଦେହସୁଖ ମୋତେ
ପ୍ରୀତିର ଜାହ୍ନବୀ ସ୍ରୋତ
ମିଳନରେ ତୁମେ ରଚିଛ ଗୋ ସଖି
ଦେହ ଦେହଳୀର ଗୀତ।
ll ସାତ ll
ବରଷା ଭିଜାଏ ତନୁ ମନ ମୋର
ଶିହରଣ ଖେଳେ ଦେହେ
ମିଳନର ମଧୁ ପ୍ରୀତି ସୁଧା ସିନ୍ଧୁ
ପରଶେ ଉଜାଣି ବହେ ।


+ ପ୍ରାକ୍ତନ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା , ବାଲେଶ୍ୱର - ୭୫୬ ୧୨୬
ମୋ: ୮୯୮୪୪୩୯୧୬୬


## ପୁରୁଣା ଘାଆ
### ନିରଞ୍ଜନ ସାହୁ



ପୁରୁଣା ଘାଆକୁ ଉଖୁରାଇବାକୁ
ବେଳେବେଳେ ଭଲ ଲାଗେ
ଜାଣିଛି ସେଥିରେ କ୍ଷତାକ୍ତ ହୋଇବି
ରକତ ବୋହିବ ଆଗେ ।

କାହିଁକି କେଜାଣି ଅମାନିଆ ମନେ
ଏଇ ଚିନ୍ତାଧାରା ଆସେ
ମଉଳିକି ଶୁଖି ଯାଇଥିବା ଫୁଲ
ପୁଣି ମହମହ ବାସେ
ଅସମୟେ ଏହି ସମୟଟା ପୁଣି
ତାହାରି ମୂଲ୍ୟକୁ ମାଗେ ।

ଶୋଇ ଯାଇଥିବା ସ୍ମୃତିମାନେ ଯେବେ
କଡ଼ ଲେଉଟାଇଥାନ୍ତି
ସବୁ ଘଟଣା ଓ ଦୁର୍ଘଟଣାମାନ
ଆଖି ଆଗେ ଦେଖାଯାନ୍ତି
ମାନସ ପଟରେ ଅତୀତର କଥା
ଧୀରେଧୀରେ ଆପେ ଜାଗେ ।

କେତେବେଳେ ଏହି ସ୍ମୃତି ଜଡ଼ସଡ଼
ମୁହୂର୍ତ୍ତ ଲାଗଇ ଭଲ
କେତେବେଳେ ପୁଣି କରି ଦେଉଥାଏ
ପରାଣକୁ କଲବଲ
ଝରୁଥାଏ ଲୁହ ଶୁଭୁଥାଏ କୋହ
ବଞ୍ଚି ହୁଏନାହିଁ ବାଗେ ।

ଏହି ଜୀବନକୁ ବୁଝି ହୁଏନାହିଁ
ଅବୁଝା ଲାଗଇ ଭାରି
କାହିଁକି ଅତୀତ ମନେପକାଇକି
ଦୁଃଖରେ ହୁଅଇ ଘାରି
ବୁଝି ବି ଅବୁଝା ହୁଅଇ ଜୀବନ
ଆଜିକାର ପାଣିପାଗେ ।


+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


## ଏଇ ଗାଁ ପରିବେଶ
### ସିଦ୍ଧେଶ୍ୱର ତ୍ରିପାଠୀ

ଆ'ରେ ଭଗିଆ ସେଇ ବିଦେଶରୁ
ତୋତେ ଡାକେ ଗାଆଁ ମାଟି
ତୋ ଚାଷ ଜମିରେ ସୁନା ଫଳେଇବୁ
କିଲାଭ ଦୂରରେ ଖଟି।

ବାପ ମାଆରତୁ ଜତନ ନେଇକି
ବୁଝି ସ୍ତ୍ରୀ ପିଲା କଥା
ଗାଁ ଲୋକଙ୍କର ସୁଖେଦୁଃଖେ ରହି
ଦୂରେଇବୁ କେତେ ବ୍ୟଥା ।

ଗାଁରେ ଦେଖିବୁ ପୁନିଅଁ ପରବ
ଯାତରା ଯେ ଭଳି ଭଳି
କେତେ କଇଁ ଫୁଲ ଭୋଦୁଅ ମାସରେ
ଆଣୁଥିବୁ ସାଥିରେ ତୋଳି ।

ଦଶରା ଦୀପାଳି କେତେ ଆନନ୍ଦରେ
କାର୍ତ୍ତିକର ଡଙ୍ଗା ଭସା
ଧାନ ଅମଳର ଶୀତୁଆ ସକାଳ
ମାର୍ଗଶୀର ମାଣ ବସା ।

ପୁଷ ପୁନେଇକୁ ମାଘର ମକର
ଫଗୁଣର ଦୋଳ ଜାତ
ହୋଲିପରବରେ ରଙ୍ଗ ବୋଳାବୋଳି
ରଙ୍ଗମୟ ଗାଁ ପଥ ।

ଚଇତି ଘୋଡାର ନାଚ ତାଳେ ତାଳେ
ଝାମୁନାଚ ଦେଖୁଥିବୁ
ମଳୟ ବାଆରେ ମନ ନାଚିଯିବ
ଏ ସୁଖ କାହୁଁ ପାଇବୁ ।

ବଇଶାଖ ଝାଞ୍ଜି ଖାଉଥିବୁ କାଞ୍ଜି
ଜ୍ୟେଷ୍ଠ ରେ ଲାଗିବ ଦୋଳି
ରଜ ଗୀତ ଗାଇ ଗାଁ କୁଆଁରିଏ
ମାରୁଥିବେ କେତେ ତାଳି ।

ଆଶାଢ଼େ ଦେଖିବୁ ଜଗାକୁ ରଥରେ
ଶ୍ରାବଣରେ ଧାରା ମେଘ
ଭୋଦୁଅ ରେ ଆଉ ବିଦେଶ ଯାଆନି
ବୁଝି ପ୍ରେମ ଅନୁରାଗ ।

ଏ ଗାଁରେ ଅଛି ସରଗର ସୁଖ
ତାହା ବିଦେଶରେ ନାହିଁ
ମା' ପଣତ ତଳେ ଯଶକୀର୍ତ୍ତିଲଭ
ସେ ବିଦେଶ ଯାଅନାହିଁ ।

ଏଇ ମାଟିରେ ତୁ ନୂଆ କିଛି କର
ରଚି ନୂଆ ଇତିହାସ
ଦୁନିଆରେ ଆଉ କାହୁଁବା ମିଳିବ
ଏଇ ଗାଁ ପରିବେଶ ।


+ କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା


## ଏଭେ ନେଇଁ
### ଗଜାନନ ମିଶ୍ର



ପକଉଛେ କିଏ କାହାକେ ପଛେ !
କିଏ କାହାକେ ଟାକସି କେନଠାନ !
ମିଶିଯାଏସି କିଏ କାହାର ସଁଗେ !
ମୁଇଁ ଥିସିଁ ଆରୁ ଥିସିଁ ଷୁଳହଘଡି,
ଆରୁ କାହାକେ ଗୁଟେ ଡାକୁଥିସିଁ !

ମୋର ପାସେଥିବା ଟଁକାସୁନା
ନେଇଁ ସେ କିଛି କାମର
ବଁଦ ବେଲକେ ଘଡି।
ମୁଇଁ ପାଇଥିବା ସମ୍ମାନ ପୁରସ୍କାର
ସବୁ ହେମାନକରଟା ଆଏ
ଦେଇଛନ ଯେନମାନେ କେଭେ !

ମୁଇଁ କାହାର କାଣା କହେବାରକାଜେ
ଡର ଲାଗୁଛେ ମତେ ଏତକିବେଲକେ।
ମୋର ଘର ଦୁଆର ଆରୁ ଆରୁ
ନେଇଁ ନ କିଛୁ ବୁଡତି ସମିଆନେ !

ପାସେ ପାସେ ଥିଲେ ଭି ସପନ,
ନେଇଁସେ ମୋର୍ଚା ରଚେକ୍।
ପାରାଟେ କି ମଏନାଟେ କେଭେ
ଉଡେଇଥିଲିଁ ସୋରନେଇଁ !
ଇଟା ଭାଏ ହେଟା ବହେନ ସଭେ
ଥିଲେ ଦିନେ, ଏଭେ ନେଇଁ !


+ ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪


## ସମୃଦ୍ଧ କରିବା ସାହିତ୍ୟ
### ପ୍ରତିଭା ଦାଶ

ସବୁଜ ଶ୍ୟାମଳ ଆମରି ଓଡ଼ିଶା
କଳା ସାହିତ୍ୟର ଘର
କେତେ ବରପୁତ୍ର ଜନ୍ମିଛନ୍ତି ଏଠି
ନାହିଁ ତା'ର ପଟାନ୍ତର ।

ତାଙ୍କ ଅବଦାନେ ସାହିତ୍ୟ ସମୃଦ୍ଧ
ରଖିଛି ଯଶ ଜଗତେ
ଉତ୍କଳ ଗୌରବ ଫକିର ମୋହନ
ସୃଷ୍ଟିର ସ୍ରଷ୍ଟା ଯେ ସତେ ।

ରଚିଛନ୍ତି କାବ୍ୟ କବିତା କାହାଣୀ
ରାଜ୍ୟର ଉନ୍ନତି ପାଇଁ
ତାଙ୍କରି ଉଦ୍ୟମେ ଆମ ଇତିହାସ
ଧରାରେ ରହିଛି ଜିଇଁ ।

ଆଜିର ଜଗତେ ସାହିତ୍ୟର ମାନ
ରଖୁ ନାହାନ୍ତି ଯେ କେହି
କବିର କବିତା କବି ହିଁ ଶୁଣୁଛି
ଜନତାର ଧୈର୍ଯ୍ୟ କାହିଁ ?

କବି ପରିଭାଷା ଆଣେ କ୍ରାନ୍ତିକାରୀ
ହେଲେ ଦିଅନ୍ତି ନି ଧ୍ୟାନ
ଆମ ସଂସ୍କୃତିକୁ ବଞ୍ଚାଇ ରଖିବା
ସାହିତ୍ୟ ଅଟେ ଦର୍ପଣ ।

କଳା ଭାସ୍କର୍ଯ୍ୟର ବିକାଶ ସକାଶେ
କରିବା ସଭିଏଁ ପଣ
ତାହାରି ବିନା ତ ଓଡ଼ିଶା ଆମର
ଲାଗେ ଶ୍ରୀହୀନ ଶ୍ରୀହୀନ ।


+ ନୂଆପଡ଼ା


## ଅତୀତ ଏକ ଚିଠି
### ସ୍ୱାଗତିକା ତରାଇ



ଅତୀତ ଏକ ଚିଠି,
ଠିକଣା ନାହିଁ, ଡାକଟିକଟ ନାହିଁ,
ତଥାପି ପ୍ରତିରାତି
ମୋ ତକିଆ ତଳେ ଆସି ପଡନ୍ତି।

କିଛି ଅକ୍ଷର ଲୁହରେ ଭିଜିଥାଏ,
କିଛି ଶବ୍ଦ ହସରେ ଝଲମଲ ହୁଏ,
କିଛି ପୃଷ୍ଠାରେ ତୁମେ ଥାଅ,
କିଛି ପୃଷ୍ଠାରେ କେବଳ ମୁଁ।

ଯେଉଁ ଦିନ ଚାଲିଗଲା,
ସେ କ'ଣ ସତରେ ହଜିଗଲା ?
ନା.....
ସ୍ମୃତିର ଆଇନାରେ ଆଜି ବି
ତା'ର ଛବି ଝଲସିଗଲା।

ଆଖିର କୋଣେ ଲୁହ ହୋଇ,
ମନରେ ଉଙ୍କି ମାରେ ମିଠା ସ୍ମୃତି,
ଅତୀତ ତ ଫେରେ ବାରମ୍ବାର,
ନୀରବ ରାତିର କ୍ଷଣିକ ସାଥୀଟେ ପରି।

ପୁରୁଣା ଘରର କବାଟ ଖୋଲିଲେ
ମିଳିଯାଏ କେତେ ଅଜଣା ଗନ୍ଧ,
ମାଆର ଡାକ,
ବାପାଙ୍କ କଠୋର ଶାସନ,
ସାଙ୍ଗର ଅବୁଝା ହସ,
ଆଉ ହଜିଯାଇଥିବା ଶୈଶବ।


ସମୟ ତା'ର ପାଦଚିହ୍ନ
ବର୍ଷାରେ ଧୋଇଦେଲା,
କିନ୍ତୁ ମନର ମାଟିରେ
କିଛି ଚିହ୍ନ ଏମିତି ଛାଡିଦେଲା,
ଯାହାକୁ କୌଣସି ବର୍ଷା
ଧୋଇ ପାରିଲା ନାହିଁ।

ଆଜି ମୁଁ ବଡ଼ ହୋଇଗଲି,
ସ୍ୱପ୍ନଗୁଡ଼ିକର ଓଜନ ବଢ଼ିଛି,(ସତ)
କିନ୍ତୁ ମନର ଗୋଟିଏ କୋଣରେ
ସେଇ ଛୋଟ ପିଲାଟି
ଏବେ ବି ଫେରିବା ରାସ୍ତା ଖୋଜୁଛି।

ଅତୀତ, ତୁମକୁ ଫେରାଇବାକୁ
ମୋର ଆଉ ଇଛା ନାହିଁ,
କେବଳ ଏତିକି ଚାହେଁ,
ମୋ ଆଜିର ହାତ ଧରି
ମୋତେ ଆସନ୍ତାକାଲି ପର୍ଯ୍ୟନ୍ତ ନେଇଚାଲ।


+ ଜେଲ୍ ରୋଡ, ବାଲେଶ୍ୱର


## ଅଭାଗିନୀ ଆଶାବରୀ
### ଅନସୂୟା ପଣ୍ଡା



ପଥରକୁ ପ୍ରତିମାଟିଏ କରିବା ଯାଏ
ଚାଲେ ଅର୍ଚ୍ଚନା ଆରାଧନା ଅଭ୍ୟର୍ଥନା
ସ୍ନେହ କାଙ୍ଗାଳି ଅଭାଗୀ ଆଶାବରୀ
ଭେଟି ନଥାଏ ଛଳନାର ରାସ୍ତାଟି
ଜୀବନ ବାହୁଥାଏ ଆନନ୍ଦର
କଲ୍ଲୋଳ ତୋଳି।

ଲେଖିବ ବୋଲି ଭାବି ନେଇଥାଏ
ଚିନ୍ମୟ ପ୍ରେମର ପିଠିରେ
ପ୍ରେମ ମନ୍ଦାକିନୀର ଧାରାରେ
ପୂର୍ଣ୍ଣତାର ଗୁଣୁ ଗୁଣୁ ଶବ୍ଦରେ
ନିଜକୁ ସମର୍ପଣ କରି ବିଭୋର ପଣରେ
ବୁଣିବ ମହମହ ବାସ୍ନାର ପ୍ରୀତି ଶ୍ରଦ୍ଧାରେ।

ନିର୍ଦ୍ଦୟ ଦୁନିଆ ଟଳମଳ ଅପବାଦରେ
ଅପଭାଷାରେ ପତିତ କରେ ତା' ସତ୍ତାକୁ
ଛଳ ଅସ୍ୱସ୍ଥ ଉତ୍ପୀଡକ ଆଲିଙ୍ଗନର ତଳେ
ଛଡେଇଥାଏ ଶାନ୍ତି ସନ୍ତୋଷ ସମ୍ପର୍କ
ପ୍ରତିସ୍ପର୍ଦ୍ଧୀ ଡିନାମାଇଟ୍ ପୋତି।

କାମନାର ପଥର ତଳେ ନିସ୍ତେଜ
ନିର୍ଜୀବ ଶୁଖିଲା ଘାସ ପରି ପଡ଼ିରହି
ସେ ଅଭାଗିନୀ ହାରିବା ଶିଖିଯାଏ
ସେ ଆଉ କ'ଣ କରିବ ନ୍ୟୁନୀକୃତ ମନରେ
ନିର୍ମୂଳି ଲତା ପରି ନିଜକୁ ଲଟୋଉଥାଏ
ସମୟ ବଦଳିବା ପରେ ବି
ସମ୍ପର୍କ ଅନିବାର୍ଯ୍ୟ
ଏମିତି ଅନେକମାତ୍ରିକ ଚରିତ୍ର କେଜାଣି
ଅନ୍ଧାରେ କବାଟ ଆଉଜେଇ
କେବଳ ଜିଅଁନ୍ତି।

ତଥାପି ଆରୋପ ଥାଏ
ତା' ନିଷ୍ଠା ନୀରବତାରେ
ଆକାଂକ୍ଷାର ପଦ୍ମପାଖୁଡା ଦଂଶି ଦେଇଥାଏ
ମଦମତ୍ତ ଆତତାୟୀ ଅନ୍ତର୍ନିହିତ ବାସନାରେ
ଆଧୁନିକ ପୋଷାକରେ
ବୁଲୁଥାଏ ଖୋଲାରେ
ଅହଂକାର-କ୍ଷମତା-
ଅର୍ଥର ପୋଷକତତ୍ତ୍ୱରେ।


+ ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧



## ପ୍ରେମର ସୁରଭି
### ଶୁଭଶ୍ରୀ ଜେନା



ପ୍ରେମ ଏକ ସୁନ୍ଦର ଶବ୍ଦ
ଆରମ୍ଭ ଯାହା ପ୍ରତୀକ୍ଷାରୁ
ପ୍ରେମ ଏକ ସୁନ୍ଦର ଭାବର ମନ୍ଦାକିନୀ
ଶେଷ ଯାର ତିତିକ୍ଷାରେ ।
ଅଧିର ସେ ପାଇବାକୁ
ସେଇ ଶବ୍ଦକୁ ମିଳିଗଲେ
ଲାଗେ ସବୁ ସ୍ୱର୍ଗ
ସଂଶୟ ତା ହୋଇଯାଏ ଦୂର
ନମିଳିଲେ ସବୁ ନର୍କ
ଲାଗେ ପ୍ରତି କ୍ଷଣ ।
ଜୀବନ ଦୁଇଦିନ ବୋଲି
କହିଥାଉ ଆମେ
ଆଜି ଅଛି କାଲିକୁ ଦି'ଦିନ,
ସେଥିରେ କେତେ ଅବା
ରାଗ ରଷା ସବୁ ଅର୍ଥହୀନ ।
ପ୍ରେମ ଥିଲେ ଲାଗେ ସବୁ
ସବୁଜ ସୁଷମାରେ ପୂର୍ଣ୍ଣ
ନଥିଲେ ସାଥେ ଲାଗେ ସବୁ
ଧୂଆଁଳିଆ, ଧୂସର, ମରୁଭୂମି ସମାନ ।
ପ୍ରେମରେ ପୃଥିବୀଟା ଅଜାଡ଼ି ଦିଏ
ଅଦିନରେ ବସନ୍ତର ମଳୟ ପବନ
ଫଗୁଣର ଯେତେ ସବୁ ରଙ୍ଗୀନ ଅବିର
ସତରେ, ପ୍ରେମ ଏକ ଅନୁଭୂତି
ଲାଗେ ନୂଆ ନୂଆ ନୀତି
ସବୁ ଦିନ ସବୁ ରାତି ।
ଦିଏ ଭରି ଜୀବନରେ ଶାଶ୍ୱତ
ଆକର୍ଷଣର ମିଠା ମିଠା ସ୍ୱର
ଯେତେ ସବୁ ଦୁଃଖ ମିଶିଯାଏ
ନୀଳିମାର ବିଶାଳ ଶୂନ୍ୟତାରେ
ସୃଷ୍ଟି ହୁଏ ସୁଦୀର୍ଘ ଆୟତନର
ପ୍ରୀତିର ଆର୍ଦ୍ରଭୂମିଟିଏ
ଯାହାର ସ୍ପର୍ଶରେ ଉତ୍ପନ୍ନ ହୁଏ
ପ୍ରୀତିର ସୁରଭି ।
ନହିଁ ନାହିଁରେ ଥାଏ
କେତେ ହଁର ପ୍ରସ୍ତୁତି
ବୁଝିବାକୁ ଲାଗେ ନାହିଁ
ସେ ଅନୁଭୂତିକୁ
କେହି ଯଦି ଫେରିଯାଏ
ବାଟ ଭୁଲେ ସେ ଅମ୍ଳାନ ପଥର
ଫେରି ଆସ ଖୋଜି ସେଇ
ସୋରିଷ ଗଛକୁ ।
ପ୍ରେମ ଦୁଇ ହୃଦୟର ଅତୁଟ ବନ୍ଧନ
ପ୍ରେମ, କରି ଦେଇଥାଏ କେତେ ଥର
ଯେ ଅନ୍ୟମନସ୍କ
ଯାହା ଆଣିଥାଏ ନିଘାତ ଖରାରେ
ଝଡି ବର୍ଷାର ଶୀତଳ ପରଶ।
ପ୍ରେମ ଏକ ସୁନ୍ଦର ମାଳଭୂମିରୁ
ସୃଷ୍ଟି ହୋଇଥିବା ନିର୍ଝରିଣୀଟିଏ
ବାଟ କାଟି ଚାଲି ଆସେ
ତା ଗନ୍ତବ୍ୟସ୍ଥଳକୁ ।
କେବେ ଛୁଇଁ ଯିବ
ସେଇ ମଳୟର ବାଆ
ଆଜିବି ମୁଁ ସେଇ ବାଟରେ
ହୋଇ ଅଛି ଠିଆ ।
ପ୍ରେମ ଏକ ଉପଲବ୍ଧି
ସୁନ୍ଦର ଅନୁଭୂତିର ଏକ ସନ୍ଦର୍ଭ
ପ୍ରେମ ଏକ ଚିରସ୍ରୋତା
ବହିଥାଏ ନିରନ୍ତର।


+ ଜଗତସିଂହପୁର
ମୋ: ୭୩୮୧୪୦୨୫୨୮


## ଶ୍ରାବଣ ଆକାଶେ
### ଜେନା ପ୍ରଦୀପ



ଶ୍ରାବଣ ଆକାଶେ କଳାମେଘ ନାଚେ
ନଈରେ ଅକାତ ପାଣି
ସାହା ହେବ ପ୍ରଭୁ ଚନ୍ଦ୍ରଶେଖର ହେ
ତୁମ ନାମ ହୁଏ ଗୁଣି।
ଗଡଗଡିଆରୁ ଜଳ ଭାର ନେଇ
ବାଟ ଚାଲେ କାଉଡ଼ିଆ
ପହଞ୍ଚିବ ଯାଇ କପିଳାସ ପୀଠେ
ମହାଦେବ କଲେ ଦୟା
କଲେ ଜଳଲାଗି ତୁଷ୍ଟ ମହାଯୋଗୀ
ଫଳ ଦେବେ ମନଜାଣି।
ଶ୍ରାବଣ ମାସର ପ୍ରତି ସୋମବାର
ଅଟଇ ପବିତ୍ର ଦିନ
କୋଟିପୁଣ୍ୟ ମିଳେ ଭକତି ଭାବରେ
କଲେ ଶିବ ଦରଶନ
ନଦୀଘାଟଠାରୁ ଦେବାଳୟଯାଏ
ଶୁଭେ ଜୟଶିବ ଧ୍ୱନି।


+ ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(କେଡିଏ)
କଟକ
ମୋ - ୯୯୩୮୫୨୦୩୭୧


## ଜୀବନର ଶେଷ କାଳେ
### ତାରାପ୍ରସାଦ ଜେନା

ମରି ମରି ମୁଁଯେ ଜୀଉଅଛି ଏଠି
ଜୀବନର ଶେଷ କାଳେ
କିଏ ମୋତେ ଦୟା ଚାହିଁବକି ମୁହଁ
ଭାବୁନାହିଁ ଏତେ ବେଳେ
ମରି ମରି ମୁଁଯେ ଜୀଉଅଛି ଏଠି..... ।

ଯେତେଦିନ ଥିବ ପ୍ରାଣେ ପିଣ୍ଡ ମୋର
ବଞ୍ଚିବାକୁ ଆଶା ଜୋର୍
ସାରା ଅନ୍ଧାରରେ କଲବଲ ଭାରି
ଦେଖିବିନି ସତେ ଭୋର୍ ,
କାନ୍ଦିବାର ଲୁହ ପାଲଟୁଛି କୋହ
କଷ୍ଟ ଦେଇ ଅବହେଳେ
ମରି ମରି ମୁଁଯେ ଜୀଉଅଛି ଏଠି..... ।

କାହାକୁ ମୁଁ ଆଉ ଦୋଷୀ କରୁନାହିଁ
ନିରବରେ ବସେ ଏକା
ସ୍ମୃତି ପଲକରୁ ଛାୟା ସବୁ କାଢ଼ି
ନିଜେ ମଣେ ଗୋଟେ ବୋକା ,
ଭଲ କଷୁ କଷୁ ମନ୍ଦେ ଛନ୍ଦି ହୋଇ
ହାରିଗଲି ଭାଗ୍ୟ ଖେଳେ
ମରି ମରି ମୁଁଯେ ଜୀଉଅଛି ଏଠି..... ।


+ ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦


## ଏମିତି କିଛି ହେବ
### ମୋହନ କୁମାର ମହାନ୍ତି



ଏମିତି କିଛି ହେବ
ବୟସ ସବୁ ବାଣ୍ଟ ହେଇଯିବ
ଜେଜେ ଥାଉଁ ଥାଉଁ କଡ଼ା ଗଣ୍ଡା ହେଇ,
ତାଙ୍କ ବୟସକୁ ନାତି ନାତୁଣୀମାନେ
ଧରି ଚାଲିଯିବେ ଯିଏ ଯେତିକି ପାରିଲା ।

ସକାଳ ଆଉ ନଥିବ
ସୂର୍ଯ୍ୟଙ୍କ ପ୍ରତୀକ୍ଷାରେ
ରାତିର ଆଲୋକରେ ଦୀପ୍ତିମାନ ହେଉଥିବ
ଆସନ୍ତା କାଲିର ଭବିଷ୍ୟତ
ଜେଜେଙ୍କ ବୟସରୁ ଭାଗ ପାଇଥିବା
ସମୟ ଅବଧି ଭିତରେ
ରାତି ପାହିଯିବ କେଇ ଘଡ଼ି ପରେ ।

ଘରମାନେ ଅପେକ୍ଷାରେ ଥିବେ
ନିଜର ଚାରିକାନ୍ଥ ଭରସାରେ
ସୀମାହୀନ ଆଶଙ୍କା ଭିତରେ,
ମାଲିକ ତାର ଫେରିବକି ନାହିଁ
ଫେରିଲେ ଫେରିପାରେ ହୋସ
ଆସିଗଲା ପରେ ।

ସ୍ଥିତିବାନ ମାଟି, ଅଚଳନ୍ତି କୋଠି
ରଙ୍ଗମଞ୍ଚ ଖଟି
ଯେଉଁଠି ଥିବେ ସେଇଠି
ଅଭିନେତାମାନେ ଯାଇ ଆସୁଥିବେ
ଏମିତି କିଛି ହେବ,
ଏମିତି କିଛି ହେବ
ସ୍ୱଳ୍ପ ଅବଧି ଭିତରେ
ଘଡ଼ିଘଡ଼ି ବାଜୁଥିବ ସତର୍କର ଘଣ୍ଟି।


+ ବେଣାପୁର କଣ୍ଟିଗଡ଼ିଆ,
ଯାଜପୁର
ମୋ: ୮୧୧୮୦୯୯୦୩୮


## ଶ୍ରାବଣ ଆଗମେ...
### ରାମଚନ୍ଦ୍ର ବେହେରା



ଶ୍ରାବଣ ଆଗମେ ବନ ଗହନରେ
ନୀଳ ସବୁଜିମା ହସେ
କଦମ୍ବ ଡାଳରେ ପୁଷ୍ପର ସମ୍ଭାର
ଚହଟଇ ଚଉପାଶେ
ମନେ ଅନୁରାଗ ଜାଗେ
କଳା ମେଘ ଦେଖି କେକୀ ପୁଛ ମେଲି
ଉଲ୍ଲାସରେ ନୃତ୍ୟ ରାଗେ।

ଦୂର ଗହୀରରେ ଶାଗୁଆ ଲହରୀ
ଚଷାପୁଅ ଚିତ୍ତ ହରେ
କେବେ କେବେ ପୁଣି ନୀଳ ଗଗନରେ
ଇନ୍ଦ୍ରଧନୁ ରଂଗ ଝରେ
ନଦୀ ଫୁଲି କୂଳ ଲଂଘେ
ଦୀନ ଦରିଦ୍ରଂକ ଚାଳ ଛପରକୁ
ଇଛା ନଥାଇ ବି ଭାଂଗେ।

ବେଂଗୁଲୀ ବଖାଣେ ପ୍ରେମର ସଂଗୀତ
ସଜ ନଇଁ ହେଲେ ରାତି
ନାଲି ପାଟ ପିନ୍ଧି ସାଧବ ବୋହୂଟି
ମୁଖେ ଦିଏ ହସ ଭେଟି
ଶୁଭଇ ମେଘ ମହ୍ଲାର
ଅପୂର୍ବ ଲାଗଇ ଗାଆଁ ତୋଟାମାଳ
ପ୍ରକୃତି ରୂପ ସମ୍ଭାର।

ଭିଜା ଶାଢୀ ପିନ୍ଧି ମୋ ପ୍ରିୟା ଦେହରୁ
ପ୍ରୀତିର ମହକ ଝରେ
ପରାଣେ ଜାଗଇ କାମନାର ମୋହ
ଝିପି ଝିପି ବର୍ଷା ଧାରେ
ମନ ହୁଏ ଅସ୍ତବ୍ୟସ୍ତ
ଶ୍ରାବଣ ଶୀତଳ କୋମଳ ପରଶେ
ଭାଂଗିଯାଏ ପ୍ରେମ ନିଦ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଅନୁଗୋଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ ଧର୍ମେନ୍ଦ୍ର ପ୍ରଧାନ



ଅନୁଗୋଳ,୧୭/୦୮ (ନି.ପ୍ର): ଅନୁଗୋଳ ଜିଲ୍ଲାର ସର୍ବାଙ୍ଗୀନ ପ୍ରଗତି ଏବଂ ସ୍ଥାନୀୟ ଯୁବସମାଜକୁ ଆଧୁନିକ ଅର୍ଥନୀତି ସହ ଯୋଡ଼ିବା ପାଇଁ ସ୍କିଲ, ସ୍କେଲ ଓ କ୍ୱାଲିଟି ବା ଦକ୍ଷତା, ବ୍ୟାପକତା ଓ ଗୁଣବତ୍ତାକୁ ମୂଳମନ୍ତ୍ର କରିବାକୁ ଆହ୍ୱାନ ଦେଇଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଅନୁଗୋଳ କଦମ ପଡ଼ିଆ ଠାରେ ଆୟୋଜିତ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ଜିଲ୍ଲାରେ ଭିତ୍ତିଭୂମିର ସୁଦୃଢ଼ୀକରଣ, କୃଷିର ଆଧୁନିକୀକରଣ ଏବଂ ସ୍ଥାନୀୟ ଯୁବକଯୁବତୀଙ୍କୁ ନୂତନ ସ୍କିଲ୍ ସହ ଯୋଡ଼ି ରୋଜଗାରକ୍ଷମ କରାଗଲେ ଅନୁଗୋଳ ଏକ ଆଦର୍ଶ ଓ ସମୃଦ୍ଧ ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ିଉଠିବ । କଦମ ପଡିଆ ଠାରେ ଫ୍ଲଡ୍ ଲାଇଟ୍ ଓ ନୂତନ ପ୍ଲେୟାର୍ ପ୍ୟାବିଲିୟନର ବ୍ୟବସ୍ଥା ଦ୍ୱାରା ଯୁବଖେଳାଳିମାନେ ଉପକୃତ ହେବେ ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ଅନୁଗୋଳ ଜିଲ୍ଲା ଆଜି ପ୍ରାୟ ୧୦୦ ମିଲିୟନ ଟନରୁ ଅଧିକ କୋଇଲା ଉତ୍ପାଦନ, ୧୦ ହଜାର ମେଗାୱାଟ୍ ବିଜୁଳି ଉତ୍ପାଦନ ଏବଂ ୨୦ ମିଲିୟନ ଟନର ଲୁହା ଉତ୍ପାଦନ କରି ଦେଶର ଶିଳ୍ପ ଓ ଉର୍ଜା। କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୧୦୦ ବର୍ଷ ପୂର୍ବେ ତାଳଚେରରୁ ଆରମ୍ଭ ହୋଇଥିବା ଖଣି ଆମ ଦେଶର ଅର୍ଥନୀତିରେ ବଡ଼ ଯୋଗଦାନ ରଖୁଛି । ୨୦୧୪ ପୂର୍ବରୁ ଖଣିଜ ସମ୍ପଦରେ ସମୃଦ୍ଧ ଏହି ଅଞ୍ଚଳଗୁଡ଼ିକରୁ ବିପୁଳ ରାଜସ୍ୱ ମିଳୁଥିଲେ ମଧ ସ୍ଥାନୀୟ ନାଗରିକମାନେ ଧୂଳି, ଧୂଆଁ ଓ ପ୍ରଦୂଷଣର ଶିକାର ହେଉଥିଲେ। ମାତ୍ର ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା 'ଖଣି ଓ ଖଣିଜ ପଦାର୍ଥ ସଂଶୋଧନ ଆଇନ' ଅଧୀନରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ଗଠନ ହେବା ପରେ, ଖଣିଜ ରାଜସ୍ୱର ବଡ଼ ଅଂଶ ସ୍ଥାନୀୟ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପାନୀୟ ଜଳ ଓ ଭିତ୍ତିଭୂମି ବିକାଶରେ ବିନିଯୋଗ ହେଉଛି। ଶ୍ରୀ ପ୍ରଧାନ କହିଛନ୍ତି ଓଡ଼ିଶାର ଗ୍ରାମାଞ୍ଚଳ ବିକାଶ, ଗ୍ରାମପଞ୍ଚାୟତ ଗୁଡ଼ିକର ସଶକ୍ତୀକରଣ ପାଇଁ 'ବିକଶିତ ଭାରତ' ଯୋଜନାରେ ଡବଲ ଇଞ୍ଜିନ ସରକାର ୫,୦୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଆମକୁ ସ୍କିଲ, ସ୍କେଲ ଓ କ୍ୱାଲିଟିକୁ ପ୍ରାଥମିକତା ଦେଇ ଜିଲ୍ଲାକୁ ଏକ ନୂଆ ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ହେବ । ଯୁବପିଢ଼ିଙ୍କୁ ନୂତନ ସ୍କିଲ୍ ସହ ଯୋଡ଼ି ରୋଜଗାରକ୍ଷମ କରିବା, ମାଆମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ କୃଷିର ଆଧୁନିକୀକରଣ ଉପରେ ଶ୍ରୀ ପ୍ରଧାନ କହିଥିଲେ ଯେ ଏଠାରେ ଅନେକ ସମ୍ଭାବନା ଅଛି । ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ଏବଂ ୨୦୪୭ରେ ଦେଶର ସ୍ୱାଧୀନତା ଶତାବ୍ଦୀ ପୂରଣ ବେଳକୁ 'ଡବଲ ଇଞ୍ଜିନ' ସରକାରଙ୍କ ଅଧୀନରେ ଆଗାମୀ ୨୦ ବର୍ଷ ମଧ୍ୟରେ ଅନୁଗୋଳକୁ ଶିକ୍ଷା, ସୁରକ୍ଷା ଓ ଅର୍ଥନୀତିରେ ଏକ ମଡେଲ ଜିଲ୍ଲା ଭାବେ ଗଢ଼ିତୋଳିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଅଭିକ୍ତ ଢେଙ୍କାନାଳ ଓ ଅନୁଗୋଳର ବିକାଶ ପାଇଁ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ, ରାଜା ସୋମନାଥ ସିଂହ ଜଗଦ୍ଦେବ ଓ ବାଜି ରାଉତଙ୍କ ଅମର ଗାଥାକୁ ସ୍ମରଣ କରିଥିଲେ । ଏହି ସମାରୋହରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଶ୍ରୀ ଅନୁଗୋଳ ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରିକେଟ୍ ଆସୋସିଏସନ ସମେତ ବିକାଶ କାମରେ ସହଯୋଗୀ ହୋଇଥିବା ସଂସ୍ଥାଗୁଡିକୁ ଧନ୍ୟବାଦ ଦେଇଥିଲେ ।

# ମାଖନା ହାତୀର ଆଖି ସଂକ୍ରମିତ: ପର୍ଯ୍ୟବେକ୍ଷଣରେ ରଖିବାକୁ ପଶୁଚିକିତ୍ସା ଦଳର ପରାମର୍ଶ



ନୀଳଗିରି,୧୭/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଞ୍ଚଳରେ ଦୀର୍ଘ ୧୫/୨୦ଦିନ ଧରି ଏକ ମାଖନା ହାତୀ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ବନବିଭାଗ ନଜରକୁ ଆସିଥିଲା। ଏନେଇ ବିଭାଗୀୟ କର୍ମଚାରୀମାନେ ହାତୀଟିର ଗତିବିଧି ଓ ଆଚରଣ ଉପରେ ନଜର ରଖିବା ସହିତ ବିଭାଗପକ୍ଷରୁ ପଶୁଚିକିତ୍ସକଙ୍କ ଦ୍ୱାରା ହାତୀର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିଥିଲେ।ହାତୀଟି ଆଖି ସଂକ୍ରମଣର ଶିକାର ହୋଇଥିବା ପରିଲକ୍ଷିତ କରି ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ତେବେ ମାଖନା ହାତୀଟିର ସ୍ୱାସ୍ଥ୍ୟପ୍ରତି ବନବିଭାଗ ସଜାଗ ଥିବାବେଳେ ଏହାର ଗତିବିଧି ଓ ଆଚରଣ ଉପରେ ବିଭାଗୀୟ କର୍ମଚାରୀ କଡ଼ାନଜର ରଖିଥିବା ଏସିଏଫ୍ ତଟିନୀ ସେଠୀ ପ୍ରେସ ରେ ସୂଚନା ଦେଇଛନ୍ତି। ସୂଚନା ଥାଉକି ଏହି ବିଶାଳକାୟ ହାତୀଟିର ଗୋଟିଏ ଆଖି ସଂକ୍ରମିତ ହୋଇଯାଇଥିବା ବେଳେ ଅନ୍ୟ ଆଖିକୁ ବି ଠିକ୍‌ରେ ଦେଖାଯାଉନାହିଁ । ସ୍ପଷ୍ଟ ଦେଖାଯାଉ ନଥିବାରୁ ସେ ଏବେ ଏଣେତେଣେ ପଶିଯିବା, ଖାଲୁଆ ସ୍ଥାନରେ ହାମୁଡ଼େଇ ପଡ଼ିବା ସହ ଗଛରେ ପିଟି ହୋଇଯାଉଛି। ଫଳରେ, ହାତୀଟି ଠିକ୍‌ରେ ଚଲାବୁଲା କରିପାରୁନି। ଯେତିକି ଚାଲୁଛି, ତା'ଠାରୁ ବେଶୀ ଝୁଣ୍ଟୁଛି। ଏହି କାରଣରୁ ସେ ନିଜ ପାଇଁ ଠିକ୍‌ରେ ଖାଦ୍ୟ ବି ସଂଗ୍ରହ କରିପାରୁନାହିଁ। ତେଣୁ ଆଖି ସଂକ୍ରମିତ ହୋଇଥିବା ହାତୀକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରିବା ପରିବର୍ତ୍ତେ ବନ ବିଭାଗ କେବଳ ଏହାର ଗତିବିଧି ଉପରେ ନଜର ରଖିବା ଦୁର୍ଭାଗ୍ୟର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି।

# ସମସ୍ତଙ୍କୁ ରୋଜଗାର ଦେବା ସରକାରଙ୍କ କାମ : ଭକ୍ତ ଦାସ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ସଭିଲ ସର୍ଭିସ ପରୀକ୍ଷା ପ୍ରସଙ୍ଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସିଭିଲ ସର୍ଭିସ ସମୟ ସୀମା ଉଠାଇଦେଲେ କିଛି ଲାଭ ନାହିଁ । ପରୀକ୍ଷାରେ ଯେଉଁ ଦୁର୍ନୀତି ସିଷ୍ଟମ ରହିଛି ସେଥିରେ ସୁଧାର ଆସିବା ଆବଶ୍ୟକ । ଭରତ ବର୍ଷରେ ୟୁପିଏସସିରେ ୯ କୋଟି ଯୁବକ ଏବଂ ଯୁବତୀ ପରୀକ୍ଷା ଦେଉଛନ୍ତି କିନ୍ତୁ ତାଙ୍କ ଭିତରୁ ମାତ୍ର ୬ ଲକ୍ଷ ଯୁବକ ଯୁବତୀ ରୋଜଗାର ପାଇପାରୁଛନ୍ତି।

# ଘର ବାରଣ୍ଡାରୁ ମୋଟରସାଇକେଲ ଚୋରି: ସି.ସି ଟିଭି ଫୁଟେଜରୁ ଧରାପଡ଼ିଲେ ଦୁଇ ଲୁଟେରା

ନୀଳଗିରି,୧୭/୦୮ (ନି.ପ୍ର): ଗତ ଶନିବାର ଅପରାହ୍ନ ପ୍ରାୟ ୨ଟା ସମୟରେ ନୀଳଗିରି ଥାନା ଅନ୍ତର୍ଗତ ଏନ୍.ଏ.ସି ର ସାନଅତା ଗ୍ରାମର ଶରତ ପୋଇ (୪୫) ନିଜର ପଲ୍ସର୍ ଗାଡ଼ି (ଓଡି ଜିରୋ ୱାନ୍ ସି ୭୪୦୪) ବାଇକ୍ କୁ ନିଜ ବାରଣ୍ଡାରେ ଲକ୍ କରି ଖାଇବାକୁ ଯାଇଥିଲେ। ଖାଇସାରି ଦେଖନ୍ତ ଗାଡ଼ି ନାହିଁ। ତୁରନ୍ତ ନିକଟରେ ଥିବା ଏକ ଦୋକାନରୁ ସିସି ଫୁଟେଜ ଦେଖି ଚୋର ଟି ଶେରଗଡ ଆଡ଼େ ଯାଉଥିବାର ଜାଣିବା ପରେ ତୁରନ୍ତ ନିଜର ସମ୍ପର୍କୀୟଙ୍କୁ ଖବର ଦେଉଥିଲେ। ଉକ୍ତ ଗାଡ଼ିର ନମ୍ବର ପ୍ଲେଟ୍ କୁ ଖୋଲି ଦେଇଥିଲେ ବାଇକ ଚୋର। ଗଡ଼ିଆମାଳ ନିକଟରେ ଏକ ଦୋକାନ ନିକଟରେ ରହିଥିବାର ଗାଡ଼ି ମାଲିକ ଜାଣି ପହଞ୍ଚିବା ପୂର୍ବରୁ ବାଇକ୍ ଚୋର ଗାଡ଼ି ଟିକୁ ଶେରଗଡ ଫାଣ୍ଡି ନିକଟରେ ଜବତ କରିବା ଶହ ଦୁଇ ଜଣଙ୍କୁ ଧରି ନୀଳଗିରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଚୋରି ଗାଡ଼ିକୁ ପୋଲିସ ଜବତ କରିଛି। ଖନ୍ତାପଡ଼ା ଥାନା ଅନ୍ତର୍ଗତ ଚିଲାପଦା ଗ୍ରାମର କାର୍ତ୍ତିକ ଖିଲାର ଓ ଉକ୍ତ ଥାନା ଅନ୍ତର୍ଗତ ଗଡିଆମାଳ ଚଣ୍ଡୀପୁର ଗ୍ରାମର ବିଜୟ କୃଷ୍ଣ ପଣ୍ଡା କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ନୀଳଗିରି ଥାନାରେ ୩୭୩ ନମ୍ବର ମାମଲା ରୁଜୁ ହୋଇଥିବାର ତଦନ୍ତକାରୀ ଅଧିକାରୀ ତଥା ନୀଳଗିରି ଥାନାର ଏ.ଏସ.ଆଇ ଠାକୁର ଦାସ ମୁର୍ମୁ ପ୍ରକାଶ କରିଛନ୍ତି।

# ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ, ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ବାରିପଦା,୧୭/୦୮ (ନି.ପ୍ର): ଦୀର୍ଘ ୪୪ ବର୍ଷ ଧରି ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ କାର୍ଯ୍ୟ କରୁଥିବା ପ୍ରତିଶ୍ରୁତି ପ୍ରତିଷ୍ଠାନ ତରଫରୁ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ବହୁଭାଷୀ କବି ସମ୍ମିଳନୀ, ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ(ସଦ୍‌ଭାବନା ସଭା ଗୃହ) ଠାରେ ପ୍ରତିଷ୍ଠାନର ସ୍ଥାୟୀ ସଭାପତି ଡା. ପାର୍ଥ ସାରଥୀ ଜେନାଙ୍କ ପୌରହିତ୍ୟରେ ଏକ ଆଡମ୍ବରପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ସାହିତ୍ୟର ସେବା ସମାଜର ସେବା, ସାହିତ୍ୟର ସେବା ମାନବର ସେବା, ସାହିତ୍ୟର ସେବା ମାଧବର ସେବା ବୋଲି ଉଲ୍ଲେଖ କରି ସତ୍ ସାହିତ୍ୟର ପ୍ରଚାର ଫଳରେ ପରିବାର ଭିତରେ ସ୍ନେହ ଶ୍ରଦ୍ଧା ବୃଦ୍ଧି ପାଇବା ସହ ନିଜ ଘରକୁ ବୈକୁଣ୍ଠରେ ରୂପାନ୍ତରିତ କରାଯାଇ ପାରିବ ବୋଲି ମତ ଦେଇଥିଲେ । ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି, ଜିଲ୍ଲାଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା, ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଲେ କବିତା ହେଉଛି ଶବ୍ଦର ଏକ ଯାଦୁକରୀ ଶିଳ୍ପ, ଏହାର ଛନ୍ଦେ ଛନ୍ଦେ ବାଜିଉଠେ ଜୀବନର ସାମ ସଂଗୀତ , ବିଶ୍ୱର ରହସ୍ୟ ହୁଏ ଉନ୍ମୋଚିତ । ପ୍ରତିଶ୍ରୁତି ଏହି ବହୁଭାଷୀ କବି ସମ୍ମିଳନୀ ମାଧ୍ୟମରେ ବିଭିନ୍ନ ଭାଷାଭାଷୀ କବି ମାନଙ୍କ ଭିତରେ ଏକ ସୁନ୍ଦର ସମ୍ପର୍କ ଯୋଡିବା ପାଇଁ ଉଦ୍ୟମ କରିଛି ବୋଲି କହି ପ୍ରତିଷ୍ଠାନର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଶ୍ରୀଯୁକ୍ତ ସେଠୀ କବିତା ମାଧ୍ୟମରେ କହିଲେ ଯେ କବିତାର ଭାଷା ସ୍ୱତନ୍ତ୍ର ଏହା କବିର ଦିବ୍ୟ ଭାବନାରେ ଉଦବୁଦ୍ଧ ହୁଏ ବୋଲି ମତ ରଖିଥିଲେ । ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ମହାନ୍ତି କହିଲେ କବିତା ସତ୍ୟ ଓ ବାସ୍ତବତା କଳ୍ପନା ଓ ସୌନ୍ଦର୍ଯ୍ୟବୋଧର ସମନ୍ୱୟରେ ସାର୍ବଜନୀନତା ଲାଭ କରିଥାଏ ବୋଲି ଉଲ୍ଲେଖ କରି ପ୍ରତିଶ୍ରୁତି ଦୀର୍ଘ ୪୪ ବର୍ଷ ଧରି କବିତା ପାଠୋତ୍ସବ ଆୟୋଜନ ପୂର୍ବକ ତାର ଏହି ପ୍ରୟାସ ଜାରି ରଖିଥିବାରୁ ପ୍ରତିଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରତିଶ୍ରୁତି ତରଫରୁ ନଗରପାଳ ଶ୍ରୀଯୁକ୍ତ ମହାନ୍ତିଙ୍କୁ ମୟୂରଭଞ୍ଜର ପୁଣ୍ୟଶ୍ଲୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ସମର୍ପିତ ପ୍ରତିଷ୍ଠାନର ସର୍ବୋଚ୍ଚ ମର୍ଯ୍ୟାଦା ଜନକ ସମ୍ମାନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା । ସମ୍ମାନ ସ୍ୱରୂପ ଶ୍ରୀଯୁକ୍ତ ମହାନ୍ତିଙ୍କୁ ମାନପତ୍ର, ଉତ୍ତରୀୟ, ପଗଡି, ଟ୍ରଫି ଓ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ତଥା ପୁଷ୍ପଗୁଚ୍ଛ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ମାନପତ୍ର ପାଠ କରିଥିଲେ ଡ. ସଂଜୀବ କୁମାର ପାଣିଗ୍ରାହୀ । ପରେ କବୟିତ୍ରୀ ସୁଧାମୟୀ ଦାସ ଓ କବି ଗୋପାଳ ଚନ୍ଦ୍ର ସାଓଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଓଡ଼ିଆ, ସଂସ୍କୃତ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ହୋ, ସାନ୍ତାଳି, ମୁଣ୍ଡାରି ପ୍ରଭୃତି ବିଭିନ୍ନ ଭାଷାର ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ସଂଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତ୍ତା ଶ୍ରୀଜଗନ୍ନାଥଙ୍କ ଭଜନ ଓ ବନ୍ଦେ ମାତରମ୍ ଗାନ କରିଥିଲେ । ସଭାପତି ଡା. ଜେନା ପଠିତ କବିତା ଗୁଡିକର ସମୀକ୍ଷା କରି କହିଲେ ସାହିତ୍ୟ ସବୁବେଳେ ସମାଜର ହିତ ସାଧନ କରେ । ସମାଜକୁ ଉଚିତ ମାର୍ଗରେ ପରିଚାଳିତ କରିବା ସାହିତ୍ୟିକ ମାନଙ୍କର ପରମ କର୍ତ୍ତବ୍ୟ ଏବଂ ନୈତିକ ତଥା ଆଧ୍ୟାତ୍ମିକ ଉନ୍ନତି ବିନା ସମାଜକୁ ଶୃଙ୍ଖଳିତ କରାଯାଇ ପାରିବ ନାହିଁ ସେଥି ପାଇଁ କବି ଓ ଲେଖକମାନଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ପରିଶେଷରେ କବି ବନମାଳି ପାତ୍ର ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ତଥା ଶ୍ରୀ ଅରବିନ୍ଦ ଜୟନ୍ତୀ ପାଳନ



ବୈଶିଙ୍ଗା ,୧୭/୦୮ (ନି.ପ୍ର): ବୈଶିଙ୍ଗା ନିକଟସ୍ଥ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ୮୦ତମ ସ୍ୱାଧୀନତା ଦିବସ ସହିତ ଶ୍ରୀ ଅରବିନ୍ଦଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଥିଲା। ପ୍ରଭାତ ଫେରିରେ ପିଲାମାନେ ଦେଶାତ୍ମବୋଧକ ଗୀତ, ରାମଧୂନ ତଥା ସ୍ଲୋଗାନମାନ ଦେଇ ଗ୍ରାମ ପରିକ୍ରମା କରି ବିଦ୍ୟାଳୟ ରେ ପହଞ୍ଚିଥିଲେ ।ଏହି ସମୟରେ ଗ୍ରାମରେ ଥିବା ମଦର ଟେରେସା କ୍ଲବରେ ପ୍ରଧାନଶିକ୍ଷକ ପତାକା ଉତ୍ତୋଳନ କରିବା ସହିତ ଗ୍ରାମବାସୀଙ୍କୁ ଏକତାର ସୂତ୍ରରେ ଯୋଡ଼ିହୋଇ ବିକଶିତ ଭାରତ ନିମନ୍ତେ କାମ କରିବାକୁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟରେ ପତାକା ଉତ୍ତୋଳନ ପରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଧ୍ୟକ୍ଷତା କରିଥିଲେ ପରିଚାଳନା କମିଟିର ସଭାପତି ଭବାନୀଶଙ୍କର ମହାନ୍ତ । କୃତୀଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ବିଜୟ ଲାଭ କରି ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷିକା, କର୍ମଚାରୀ ତଥା ବିଶେଷ ଭାବରେ ବିବ୍ୟାଙ୍ଗ ଛାତ୍ର ରଞ୍ଜିତ ମହାନ୍ତ ଅଂଶଗ୍ରହଣ କରିଥିଲେ ।

# ପୁରୀ ବିଚ୍ ମହାସଂଘ ତରଫରୁ ରକ୍ତଦାନ ଶିବିର

ପୁରୀ,୧୭/୦୮ (ନି.ପ୍ର): ପୁରୀ ବିଚ୍ ଫଟୋଗ୍ରାଫରସ ମହାସଂଘ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ସଦର ଚିକିତ୍ସାଳୟ ରକ୍ତ ଭଣ୍ଡାର ଠାରେ ଆୟୋଜିତ ଏହି ଶିବିରକୁ ଡକ୍ଟର ବିମଳ କୁମାର ସାହୁ, ମହାସଂଘ ଉପଦେଷ୍ଟା ସିଦ୍ଧାର୍ଥ ରାୟ ଓ ଶ୍ରୀକାନ୍ତ ପରିଜା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମହାସଂଘ ସଭାପତି ରଞ୍ଜନ କୁମାର ଦାସ, ଉପସଭାପତି ଶ୍ରୀଧର ପଣ୍ଡା, ସମ୍ପାଦକ ସିଙ୍ଗିଲି ଶିବା, ସହ ସମ୍ପାଦକ ବି ଲୋକନାଥ ବେହେରା, ଯୁଗ୍ମ ସମ୍ପାଦକ ମାର୍କଣ୍ଡ ମିଶ୍ର, କୋଷାଧ୍ୟକ୍ଷ ପ୍ରଭାତ ସେଠୀ ଓ କାର୍ଯ୍ୟନିରିକ୍ଷକ ଜି ମୋହନ ଏବଂ ମହାସଂଘ ସହିତ ଜଡିତ ବେଳାଭୂମିରେ ଫୋଟୋଗ୍ରାଫୀ କରୁଥିବା ନଅ ଗୋଟି ସଂଘର ସଦସ୍ୟ ମାନେ ରକ୍ତଦାନ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆସନ୍ତା ୧୯ ତାରିଖ ଦିନ ବିଶ୍ୱ ଫୋଟୋଗ୍ରାଫି ଦିବସ ଅବସରରେ ସମୁଦ୍ର ବେଳାଭୂମି ଠାରେ ସକାଳେ ପର୍ଯ୍ୟଟକ, ଜନସାଧାରଣ ବିଭିନ୍ନ ଅନୁଷ୍ଠାନ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ବେଳାଭୂମି ସୁରକ୍ଷା ସମ୍ପର୍କିତ ଏକ ସଚେତନତା ରାଲି କରାଯିବା ସହିତ ସନ୍ଧ୍ୟାରେ ସ୍ଥାନୀୟ ପୌରସଦନ ଠାରେ ବିଶ୍ୱ ଫୋଟୋଗ୍ରାଫି ଦିବସ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେବେ ବୋଲି ମହାସଂଘର ସମ୍ପାଦକ ସିଙ୍ଗିଲି ଶିବ ସୂଚନା ଦେବା ସହିତ ବହୁ ସଂଖ୍ୟାରେ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁରୋଧ ଜଣାଇଛନ୍ତି।

# ବିଶ୍ୱ ଯୁବ କେନ୍ଦ୍ର ତରଫରୁ ଶିଶୁ ସୁରକ୍ଷା ବୈଠକ

ଭୁବନ,୧୭/୦୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକର ବଦାଲୋ ପଂଚାୟତ କାର୍ଯ୍ୟାଳୟ ଠାରେ ୮୦ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ୍ସ ସହଯୋଗରେ ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷା ସମିତିର ବୈଠକ ସରପଂଚ ଶ୍ରୀମତୀ କ୍ରିଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କମିଟି ଉପସଭାପତି ନାୟବ ସରପଂଚ ଜାନକୀ ବେହେରା, ହାଇସ୍କୁଲ ମୁଖ୍ୟ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଜ୍ୟୋତିର୍ମୟୀ ସାହୁ, ପରିଚାଳନା କମିଟି ମେମ୍ବର ଅରୁଣ ବେହେରା, କିଶୋର ,ବାଳକ ଚିକୁନୁ ବିଶ୍ୱାଳ,କିଶୋରୀ ବାଳିକା,ଏବଂ ପଂଚାୟତ ର ୱାର୍ଡ ମେମ୍ବର, ଜିପିଏଲଫ ମେମ୍ବର ଉପସ୍ଥିତ ଥିଲେ। ବିଶ୍ୱ ଯୁବ କେନ୍ଦ୍ର ଶ୍ରୀମତୀ ମନସ୍ମିତା ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ର ସଚେତନତା, ବାଲ୍ୟବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ ଏବଂ ଦଣ୍ଡ ବିଧାନ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାବ୍ୟତୀତ ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯ୍ୟାତନା ଆଇନ ପୋକ୍ସୋ ଉପରେ ଆଲୋଚନା ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ କୌଣସି ଶିଶୁ ଅଧିକର ଉଲ୍ଲଙ୍ଘନ ଦେଖିଲେ ଚାଇଲ୍ଡ ହେଲ୍ପ ଲାଇନର ଦେୟମୁକ୍ତ ନମ୍ବର ୧୦୯୮କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଥିଲା ।

# ସ୍ୱାଧୀନତା ଦିବସରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା



ଲଙ୍ଗଳେଶ୍ୱର,୧୭/୦୮ (ନି.ପ୍ର): ସଦର ବ୍ଲକ କଷାଫଳ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଶନିବାର ସନ୍ଧ୍ୟାରେ ଆକର୍ଷିକା ଫାଉଣ୍ଡେସନ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ସମାଜସେବୀ ମୁକୁନ୍ଦ ଆଦେକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ ପ୍ରେମାନନ୍ଦ ପାତ୍ର ମୁଖ୍ୟ ବକ୍ତା ନାଏବ ସରପଞ୍ଚ ପ୍ରିୟରଞ୍ଜନ ପୁଷ୍ଟି , ଆକର୍ଷିକା ଫାଉଣ୍ଡେସନ ର ସଭାପତି ଚନ୍ଦନ କୁମାର ପାତ୍ର,ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର,ବରେନ୍ଦ୍ର ପାତ୍ର, ରତିକାନ୍ତ ପାତ୍ର, ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧନା ଛୋଟ ଛୋଟ ପିଲାମାନଙ୍କୁ ସାହାସ, ପ୍ରେରଣା,ବନବଳ କୁ ସୁଦୃଢ କରିବା ସହିତ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ବକ୍ତା ମାନେ ମତପ୍ରକାଶ କରିଥିଲେ। ଜୁନିୟର ବିଭାଗର ନିମାଇଁ ସାନ୍ତଡା, ସରୋଜ କୁମାର ସୋରେନ,ଜାଙ୍କଶୀନି ମହାପାତ୍ର, ସିନିୟର୍ ବିଭାଗର ଶୁଭମ୍ ମଣ୍ଡଳ, ଦେବସ୍ମିତା ଦ୍ୱାରୀ,ଶୁଭଶ୍ରୀ ମଣ୍ଡଳ, ପ୍ରମୁଖ ପ୍ରଥମ, ଦିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ ଏହି ଅବସରରେ ଅତିଥି ମାନେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଦୀପ ପାତ୍ର,ଶଚିନ୍ଦ୍ର ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଗରିମାମୟ ପରିବେଶରେ ପାଳିତ



ବାରିପଦା, ୧୭/୮ (ନି.ପ୍ର): ବାରିପଦାସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଆଜି ଆନନ୍ଦ, ଉତ୍ସାହ ଓ ଗରିମାମୟ ପରିବେଶରେ ପାଳିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ହେମକାନ୍ତ ସୟ୍ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍ ?ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ସୟ୍ ନିଜ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମୀଙ୍କ ଅମର ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ବିକଶିତ ଭାରତ ଗଠନରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ମୟୂରଭଞ୍ଜର ସାମଗ୍ରିକ ଓ ସମନ୍ୱିତ ବିକାଶ ପାଇଁ ଶିକ୍ଷା, ଦକ୍ଷତା ବିକାଶ, ରୋଜଗାର, ପର୍ଯ୍ୟଟନ, ସବୁଜ ଶକ୍ତି, ସ୍ୱଚ୍ଛତା ଓ ମହିଳା ସଶକ୍ତିକରଣକୁ ପ୍ରାଥମିକତା ଦିଆଯାଉଥିବା ସେ ପ୍ରକାଶ କରିଥିଲେ । ସଶକ୍ତ, ଆତ୍ମନିର୍ଭର, ସ୍ୱଚ୍ଛ ଓ ସବୁଜ ମୟୂରଭଞ୍ଜ ଗଠନ ପାଇଁ ଜିଲ୍ଲାବାସୀଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ସେ ଆହ୍ୱାନ ଦେଇଥିଲେ । ସମ୍ମିଳିତ ପ୍ୟାରେଡ୍‌ରେ ୫ମ ବାଟାଲିୟନ, ବାରିପଦା, ଜିଲ୍ଲା ସଶସ୍ତ୍ର ପୁଲିସ ବଳ, ହୋମଗାର୍ଡ, ସମର ଶିକ୍ଷାର୍ଥୀ ବାହିନୀ, ରେଡକ୍ରସ୍, ଜାତୀୟ ସେବା ଯୋଜନା, ସ୍କାଉଟ୍ ଓ ଗାଇଡ୍, ସିଭିଲିଆନ୍ ଏବଂ ପୁଲିସ ବ୍ୟାଣ୍ଡ ସମେତ ମୋଟ ୪୩ଟି ଟ୍ରୁପ୍ ଅଂଶଗ୍ରହଣ କରିଥିଲେ । ପୋଲିସ ରିଜର୍ଭ ଇନ୍ସପେକ୍ଟର ଶ୍ରୀ ଆଲୋକ କୁମାର କାନୁନଗୋ ପ୍ୟାରେଡ୍ କମାଣ୍ଡର ଭାବେ ସମଗ୍ର ପ୍ୟାରେଡ୍‌ର ନେତୃତ୍ୱ ନେଇଥିଲେ । ପ୍ୟାରେଡ୍ ପ୍ରତିଯୋଗିତାର ଏନ୍.ସି.ସି./ଏନ୍.ଏସ୍.ଏସ୍ ବର୍ଗରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସିନିଅର୍ ଏନ୍.ସି.ସି. ଡିଭିଜନ ଚମ୍ପିୟାନ ଏବଂ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାଳକ ଦଳ ରନର୍ସ ଅପ୍ ହୋଇଥିଲେ । ସ୍କାଉଟ୍ସ/ଗାଇଡ୍ସ ବର୍ଗରେ ସେଣ୍ଟ ଆନୀସ୍ କନଭେଣ୍ଟ ସ୍କୁଲ୍, ବାରିପଦାର ବାଳକ ସ୍କାଉଟ୍ସ ଚମ୍ପିୟାନ ଏବଂ ସରସ୍ୱତୀ ବିଦ୍ୟା ମନ୍ଦିର, ତୁଳସୀଚୌରାର ବାଳିକା ଦଳ ରନର୍ସ ଅପ୍ ହୋଇଥିଲେ । ରେଡକ୍ରସ୍ ବର୍ଗରେ ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚମ୍ପିୟାନ ଏବଂ ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟାଳୟ ରନର୍ସ ଅପ୍ ହୋଇଥିଲେ । ସିଭିଲିଆନ୍ ବର୍ଗରେ ସେଣ୍ଟ ଆନୀସ୍ କନଭେଣ୍ଟ ସ୍କୁଲ୍, ବାରିପଦାର ବାଳିକା ଦଳ ଚମ୍ପିୟାନ ଏବଂ ସେଣ୍ଟ ମେରୀ କନଭେଣ୍ଟ ସ୍କୁଲ୍‌ର ବାଳକ ଦଳ ରନର୍ସ ଅପ୍ ହୋଇଥିଲେ । ଉତ୍ସବର ଅନ୍ୟତମ ଆକର୍ଷଣ ଭାବେ ଜିଲ୍ଲା ପୁଲିସ ଓ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ଓଏସ୍ଏପି) ୫ମ ବାଟାଲିୟନ ପକ୍ଷରୁ ଆତଙ୍କବାଦୀଙ୍କ ଦ୍ୱାରା ପଣବନ୍ଦୀ ହୋଇଥିବା ଡାକ୍ତରମାନଙ୍କୁ ସୁରକ୍ଷା ବାହିନୀ ଦ୍ୱାରା ଉଦ୍ଧାର ଉପରେ ଏକ ମକ୍ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା । ସାହସ, ଦକ୍ଷତା ଓ ସମନ୍ୱୟର ଏହି ପ୍ରଦର୍ଶନ ଉପସ୍ଥିତ ଜନସାଧାରଣଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା । ଏହି ଅବସରରେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଚକ୍ରଧର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାଙ୍ଗିରିପୋଷି ବ୍ଲକର ଶଙ୍କରାଇ ନାଳରେ ବନ୍ୟା ସମୟରେ ନିଜ ଜୀବନକୁ ବିପଦରେ ପକାଇ ଜଣେ ଯୁବକଙ୍କ ଜୀବନ ରକ୍ଷା କରିଥିବା ସାହସୀ ଯୁବକ ଶ୍ରୀ ଲକ୍ଷ୍ମୀଧର ସିଂ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ବାଙ୍ଗିରିପୋଷି ଅଗ୍ନିଶମ ବାହିନୀକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବଡ଼ସାହି ବ୍ଲକରେ ଜଳବନ୍ଦୀ ବନ୍ୟା ସମୟରେ ଜନସାଧାରଣଙ୍କୁ ନିରାପଦଭାବେ ଉଦ୍ଧାର କରି ବିପଦରୁ ରକ୍ଷା କରିଥିବାରୁ ଜିଲ୍ଲା ଓଡ୍ରାଫ୍ ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଜିଲ୍ଲା ପାଇଁ ଗୌରବ ଆଣିଥିବା ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀ ଓ ପ୍ରତିଭାମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳଗଣ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଉପ-ଜିଲ୍ଲାପାଳ ବାରିପଦାଙ୍କ ସମେତ ବିଭିନ୍ନ ଅଧିକାରୀ, ଜନପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ରହି ପ୍ୟାରେଡ୍‌ର ଭବ୍ୟ ପ୍ରଦର୍ଶନ ଉପଭୋଗ କରିଥିଲେ । ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟଅତିଥି ଶ୍ରୀ ସୟ୍ ବାଳାଶ୍ରମ ପରିଦର୍ଶନ କରି ଅନ୍ତେବାସୀ ଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ଫଳ, ମିଷ୍ଟାନ୍ନ ଓ ପଠନ ସାମଗ୍ରୀ ବଣ୍ଟନ କରିଥିଲେ । ପରେ ସେ ମଣ୍ଡଳ କାରାଗାର ପରିଦର୍ଶନ କରି ବନ୍ଦୀମାନଙ୍କୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ମୁଖ୍ୟ ଅତିଥିଙ୍କ ପ୍ରତିନିଧି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ ଲକ୍ଷ୍ମୀପୋଷୀସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ସଂଧ୍ୟାରେ ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ବର୍ଗରେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ଉତ୍ସବରେ ପୁରସ୍କୃତ କରାଯାଇଥିଲା । ସମଗ୍ର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ମାର୍ଗଦର୍ଶନରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା । ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା କ୍ରୀଡ଼ାଧିକାରୀ ଡଃ ଶୁଭାଶିଷ ନାୟକଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବନ୍ୟାରେ ୬ ଜିଲ୍ଲାରେ...

ଏସ୍ଆରସିଙ୍କ ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକର ୯୭ଟି ଗ୍ରାମପଞ୍ଚାୟତର ୪୫୩ଟି ଗାଁ, ୨ଟି ସହରାଞ୍ଚଳର ୧୯ଟି ୱାର୍ଡର ୨,୦୩,୮୭୮ଜଣ ପ୍ରଭାବିତ ହୋଇଛନ୍ତି। ୬୦ଟି ଗାଁ ଜଳାର୍ଣ୍ଣବ ହୋଇଥିବାବେଳେ ୬୧,୪୧୮ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୬୯ଟି ଘର ବର୍ଷା ଓ ବନ୍ୟାରେ ନଷ୍ଟ ହୋଇଛି। ୧୬ହଜାର ହେକ୍ଟର ଚାଷ ଜମିରେ ପାଣି ମାଡ଼ିଥିବାରୁ ଫସଲ ନଷ୍ଟ ହୋଇଛି। ସେହିପରି ଭଦ୍ରକ ଜିଲ୍ଲାରେ ୪ଟି ବ୍ଲକର ୩୯ଟି ଗ୍ରାମପଞ୍ଚାୟତର ୧୩୪ଟି ଗାଁ, ଗୋଟିଏ ସହରାଞ୍ଚଳର ୪ଟି ୱାର୍ଡର ୧,୯୬,୨୪୦ଜଣ ପ୍ରଭାବିତ ହୋଇଛନ୍ତି। କୌଣସି ଗାଁ ଜଳାର୍ଣ୍ଣବ ହୋଇନଥିଲେ ବି ୧,୦୭,୭୭୩ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୧୬୨୩ ହେକ୍ଟର ଚାଷ ଜମିରେ ପାଣି ମାଡ଼ିଥିବାରୁ ଫସଲ ନଷ୍ଟ ହୋଇଛି।

### ଭାଗଚାଷୀଙ୍କୁ ମିଳିବ କି ଆଇନଗତ...

ଚାଷ କରିଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯିବ। କମିଟି ରାଜ୍ୟରେ ଭାଗଚାଷର ସ୍ଥିତି(ଏନଏସଏସ ତଥ୍ୟ ଆଧାରରେ)କୁ ନେଇ ଚିନ୍ତା ପ୍ରକଟ କରି କହିଛନ୍ତି ଯେ, ରାଜ୍ୟରେ ଭାଗଚାଷ ଜମିର ପରିମାଣ ୨୦୧୨-୧୩ ମସିହାରେ ୨୦.୬ % ଥିବାବେଳେ ୨୦୧୮-୧୯ ସୁଦ୍ଧା ତାହା ୩୯% କୁ ବୃଦ୍ଧି ପାଇଛି। ମୋଟ ଲିଜ୍ କ୍ଷେତ୍ରଫଳ ୧୬.୭ %ରୁ ବଢ଼ି ୩୧.୩ %ରେ ପହଂଚିଛି। ଜମି ଉପରେ ସ୍ୱତ୍ୱ ବା ମାଲିକାନା ହରାଇବା ଭୟରେ ମାଲିକମାନେ ଜମି ଲିଜ୍ ନଦେବାରୁ ପଡ଼ିଆ ଜମି ପରିମାଣ ୨୦୦୯ ମସିହାରେ ଥିବା ୨.୨୯ ଲକ୍ଷ ହେକ୍ଟର ଥିବାବେଳେ ୨୦୨୩ ମସିହା ସୁଦ୍ଧା ଏହା ୭.୦୪ ଲକ୍ଷ ହେକ୍ଟରରେ ପହଂଚିଛି।

### ଆୟ ବର୍ହିଭୂତ ସମ୍ପତ୍ତି ...

ଅଧକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଯେଉଁଥିରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଭି. ମୋହନା ମଧ୍ୟ ସାମିଲ ଥିଲେ। ସୁପ୍ରିମକୋର୍ଟ ସିବିଆଇ ଏବଂ ଇଡିକୁ ବର୍ତ୍ତମାନ ପାଇଁ ଏହି ମାମଲାରେ କୌଣସି ରିପୋର୍ଟ ଦାଖଲ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଜେଏସ୍ଏସ୍‌ସି-ସିଜିଏଲ୍ ...

ପରୀକ୍ଷା ପରିଚାଳନା ନେଇ ସରକାରଙ୍କର ପୂର୍ବରୁ ଏସ୍ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିୟର) ରହିଥିଲେ ମଧ୍ୟ ତାହାକୁ ଠିକ୍ ଭାବେ ପାଳନ କରାଯାଇ ନାହିଁ। ପରୀକ୍ଷା ବ୍ୟବସ୍ଥା ଯେଉଁଳି ସ୍ୱଚ୍ଛତାର ସହ ହେବ ତାହାକୁ ନିଶ୍ଚିତ କରିବା ଦିଗରେ ସରକାର କାର୍ଯ୍ୟ କରିବେ। ପରୀକ୍ଷା ସଂସ୍କାର କାର୍ଯ୍ୟର ନେତୃତ୍ୱ ଅମିତାଭ କୌଶଳ ନେବେ ବୋଲି ମଧ୍ୟ ସେ ଘୋଷଣା କରିଛନ୍ତି।

# ତାରାପୀଠ ହୋଟେଲ ଅଗ୍ନିକାଣ୍ଡରେ ଆଠ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୭/୮ : ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାର ପ୍ରସିଦ୍ଧ ତୀର୍ଥସ୍ଥଳ ତାରାପୀଠ ନିକଟରେ ଥିବା ଏକ ହୋଟେଲରେ ସୋମବାର ସକାଳେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ଆଠକୁ ବୃଦ୍ଧି ପାଇଛି। ସରକାରୀ ମୃତାହତଙ୍କ ତାଲିକା ଅନୁଯାୟୀ, ମୃତକଙ୍କ ମଧ୍ୟରେ ମେଘାଳୟର ଦକ୍ଷିଣ ଗାରୋ ପାହାଡ଼ରୁ ପାଂଚ ଜଣ ଏବଂ ପଶ୍ଚିମବଙ୍ଗର ଆଲିପୁରଦୁଆର ଜିଲ୍ଲାର ତିନିଜଣ ଥିଲେ। ମୃତକମାନେ ହେଲେ ରାଜେନ୍ଦ୍ର ନାଥ, ଆଶା ନାଥ, ବୁରାନ ମୋଦକ, ୧୦ ବର୍ଷୀୟ ଶିବରାଜ ମୋଦକ, ୮ ବର୍ଷୀୟ ଆଉଶନାଥ ମୋଦକ, କମଲ ରାୟ, ଅମିତ ପାଲ ଏବଂ ସୁବୀର ସାହା। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଯେଉଁମାନେ ଅବହେଳା କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଥିସହିତ ସରକାର ପୀଡ଼ିତ ପରିବାର ପାଇଁ ଆର୍ଥିକ ସହାୟତା ମଧ୍ୟ ଘୋଷଣା କରିବେ। ଶୁଭେନ୍ଦୁ ଅଧିକାରୀ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି ଯେ ଦୁର୍ଘଟଣା ସମୟରେ ବହୁ ସଂଖ୍ୟକ ଭକ୍ତ ହୋଟେଲରେ ରହୁଥିଲେ, ଯେଉଁମାନେ ମା' ତାରାଙ୍କ ଦର୍ଶନ ଏବଂ ପୂଜା ପାଇଁ ପହଂଚିଥିଲେ।

# ଅନନ୍ତ କେଶରୀ ସ୍କୁଲରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଅନାବରଣ

## 'ଗୋପବନ୍ଧୁଙ୍କ ଦେଶପ୍ରେମ, ସେବା, ତ୍ୟାଗର ପଟାନ୍ତର ନାହିଁ'



ବାଲେଶ୍ୱର, ୧୭/୮ (ନି.ପ୍ର): ୮୦ତମ ସ୍ୱାଧୀନତା ଦିବସ ଅବସରରେ ଭଦ୍ରକ ଜିଲା, ଧାମନଗର ବ୍ଲକ କୁଳିଆଗଡ଼ିଆସ୍ଥିତ ଜୟନଗର ଅନନ୍ତ କେଶରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର 'ସମାଜ' ରିଲିଫ କମିଟି ପକ୍ଷରୁ ପ୍ରଦତ୍ତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି । ମୁଖ୍ୟଅତିଥି ଧାମନଗର ଏସଡିପିଓ ବିଷ୍ଣୁଚରଣ ବାରିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ସିଂହ, ପୁରାତନ ଛାତ୍ର ତଥା 'ସମାଜ'ର ସହ ସମ୍ପାଦକ ଡ. ଜଗନ୍ନାଥ ଖଟୁଆ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଅତିଥିମାନେ ଗୋପବନ୍ଧୁଙ୍କ ଦେଶପ୍ରେମ, ସେବା ଓ ତ୍ୟାଗର ପଟାନ୍ତର ନାହିଁ ବୋଲି କହିଥିଲେ। ଗୋପବନ୍ଧୁଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମ, ଶିକ୍ଷକତା, ସମାଜସେବା ଓ ମାନବିକତାର ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଦୀନଦୁଃଖୀ, ଦରିଦ୍ର ଓ ଅସହାୟଙ୍କ ସେବାକୁ ଜୀବନର ବ୍ରତ କରିଥିବା ଉତ୍କଳମଣିଙ୍କ ଆଦର୍ଶ ଛାତ୍ରଛାତ୍ରୀଙ୍କୁ ସବୁବେଳେ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ମତ ରଖିଥିଲେ। ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଶ୍ରୀ ସିଂ ସଭାପତିତ୍ୱ କରିଥିଲେ। 'ସମ୍ବାଦ'ର ଧାମନଗର ପ୍ରତିନିଧି କୃଷ୍ଣଚନ୍ଦ୍ର ଜେନା ଅତିଥି ପରିଚୟ ଦେବା ସହ ସଭାକୁ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଏବିଇଓ ରାମଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ପରିଷଦ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, 'ସମାଜ' ଦୋବଲ ପ୍ରତିନିଧି ସଞ୍ଜୀବ ମହାନ୍ତି, ଧାମନଗର ପ୍ରେସ କ୍ଲବର ପୂର୍ବତନ ସଭାପତି ରଜତ ପଣ୍ଡା, ଅବସରପ୍ରାପ୍ତ କୃଷି ଅଧିକାରୀ ସନ୍ତୋଷ ପାଢ଼ୀ, ତାପସ ସାହୁ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିରୂପମା ବାରିକ, ଖଡ଼ିପଦା ସ୍କୁଲର ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ, ଏସ୍ଏମ୍‌ସି ସଦସ୍ୟ ଭାରତୀ ଜେନା, ଏଲିନା ଜେନା, ସତ୍ୟଭାମା ସ୍ୱାଇଁ, ଅଶୋକ ଦାସଙ୍କ ସମେତ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଜାତୀୟ ପତାକା ଉତ୍ତୋଳନ ପରେ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଏସ୍ଏମ୍‌ସି ସଭାପତି ସରୋଜ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଫକୋ ଲୋକସମ୍ପର୍କ ଅଧିକାରୀଙ୍କ ପତ୍ନୀ ବିୟୋଗ



ପାରାଦ୍ୱୀପ , ୧୭/୮ (ନି.ପ୍ର): ଇଫକୋ ପାରାଦ୍ୱୀପ ୟୁନିଟର ପ୍ରଶାସନିକ ତଥା ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ବେଉରାଙ୍କ ପତ୍ନୀ ଶ୍ରୀମତୀ ରୀନା ବେଉରାଙ୍କ ମାତ୍ର ୪୮ ବର୍ଷ ବୟସରେ ଅକାଳ ବିୟୋଗ ହୋଇଛି। ସେ ହଠାତ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଆପୋଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କେନ୍ଦ୍ରାପଡା ଜିଲ୍ଲାର କୁସୁପୁର ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଶ୍ରୀମତୀ ବେଉରା ଜଣେ ଧର୍ମପରାୟଣ ,ମିଷ୍ଟ ଭାଷୀ ଓ ପରୋପକାରୀ ମହିଳା ଥିଲେ।ତାଙ୍କ ବିୟୋଗ ଖବର ମଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପାରାଦ୍ୱୀପ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଓ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଶ୍ରୀମତୀ ବେଉରାଙ୍କ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରିଛନ୍ତି।

# ବାଲେଶ୍ୱର ସଦର ବିଜେପି କାର୍ଯ୍ୟାଳୟରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ପାଳିତ



ବାଲେଶ୍ୱର, ୧୭/୮ (ନି.ପ୍ର): ଭାରତୀୟ ରାଜନୀତିର ଅଜାତଶତ୍ରୁ, ପ୍ରଖର ରାଷ୍ଟ୍ରବାଦୀ, ଓଜସ୍ୱୀ ବକ୍ତା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ 'ଭାରତରତ୍ନ' ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ବାଲେଶ୍ୱର ସଦର ବିଜେପି କାର୍ଯ୍ୟାଳୟ ଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ସ୍ୱର୍ଗତ ବାଜପେୟୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ମଧ୍ୟ ପୁଷ୍ପାର୍ଘ୍ୟ ଅର୍ପଣ କରି ମହାନ ରାଷ୍ଟ୍ରନାୟକଙ୍କୁ ସ୍ମରଣ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଦତ୍ତ କହିଥିଲେ ଯେ, ଅଟଳ ବିହାରୀ ବାଜପେୟୀ କେବଳ ଜଣେ ରାଜନେତା ନୁହେଁ, ସେ ଥିଲେ ଭାରତୀୟ ଗଣତନ୍ତ୍ରର ଏକ ଉଜ୍ଜ୍ୱଳ ଆଲୋକବର୍ତ୍ତିକା। ସ୍ୱର୍ଗତ ବାଜପେୟୀଙ୍କ ଦୂରଦର୍ଶୀ ନେତୃତ୍ୱ, ଅଦମ୍ୟ ରାଷ୍ଟ୍ରପ୍ରେମ ଓ ସୁଦୃଢ଼ ନିଷ୍ପତ୍ତି ଭାରତକୁ ବିଶ୍ୱମଞ୍ଚରେ ଏକ ନୂତନ ପରିଚୟ ଦେଇଥିଲା। ଦେଶର ସାମରିକ ସାମର୍ଥ୍ୟକୁ ଦୃଢ଼ କରିବାଠାରୁ ଆରମ୍ଭ କରି ଯୋଗାଯୋଗ, ସଡ଼କ ଓ ଭିତ୍ତିଭୂମି ବିକାଶ ପର୍ଯ୍ୟନ୍ତ ତାଙ୍କର ଯୁଗାନ୍ତକାରୀ ପଦକ୍ଷେପ ଆଧୁନିକ ଭାରତ ଗଠନରେ ଏକ ସୁଦୃଢ଼ ଭିତ୍ତି ସ୍ଥାପନ କରିଥିଲା। ରାଜନୈତିକ ମତଭେଦର ଊର୍ଦ୍ଧ୍ୱରେ ଉଠି ଦେଶର ସ୍ୱାର୍ଥ ପାଇଁ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ତାଙ୍କ ଅଦ୍ୱିତୀୟ ସାମର୍ଥ୍ୟ ତାଙ୍କୁ ସମଗ୍ର ଦେଶର ପ୍ରିୟ ନେତା ଭାବେ ପ୍ରତିଷ୍ଠିତ କରିଥିଲା। ଶ୍ରୀ ଦତ୍ତ ଆହୁରି କହିଥିଲେ, ଅଟଳଜୀଙ୍କ ବ୍ୟକ୍ତିତ୍ୱରେ ରାଜନୀତି ଓ ସାହିତ୍ୟର ଏକ ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୋଇଥିଲା। ତାଙ୍କ ଶବ୍ଦରେ ଥିଲା ଓଜସ୍ୱିତା, ଚିନ୍ତାରେ ଥିଲା ଗଭୀରତା ଏବଂ କାର୍ଯ୍ୟରେ ଥିଲା ରାଷ୍ଟ୍ର ପ୍ରତି ଅତୁଟ ସମର୍ପଣ। ତାଙ୍କ କବିତା, ଚିନ୍ତନ ଓ ରାଷ୍ଟ୍ରନୀତି ଆଗାମୀ ପିଢ଼ିକୁ ନିରନ୍ତର ଦେଶସେବା ପାଇଁ ପ୍ରେରଣା ଯୋଗାଇବ। ତାଙ୍କ ପ୍ରଦର୍ଶିତ ରାଷ୍ଟ୍ରସେବାର ପଥରେ ଆଗେଇ ଯାଇ ଏକ ସଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନରେ ନିଜ ନିଜ ସ୍ତରରେ ଅବଦାନ ରଖିବାକୁ ଉପସ୍ଥିତ ସମସ୍ତେ ସଂକଳ୍ପ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗୌରାଙ୍ଗ ଦାସ, ଉପେନ୍ଦ୍ର ଶତପଥୀ, ଲୋକନାଥ ଭୂୟାଁ, ସଚିନ ପାଞ୍ଜା, ପବନ କମିଳା, ରଞ୍ଜନ ଦାସ ଓ ଶୁଭଙ୍କର ପଣ୍ଡା ଉପସ୍ଥିତ ଥିଲେ।

# ବାଲେଶ୍ୱର ଜିଲ୍ଲାର ପ୍ରତିମା ସେବା ସଦନରେ ୮୦ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ



ବାଲେଶ୍ୱର , ୧୭/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ତେଲେଙ୍ଗା ସାହି ପ୍ରତିମା ସେବା ସଦନରେ ୮୦ ତମ ସ୍ୱାଧୀନତା ଦିବସ ସାଂସଦ ପ୍ରାର୍ଥୀନୀ, ବରିଷ୍ଠ ଆଇନଜୀବୀ ଶ୍ରୀମତୀ ବସନ୍ତ ଲତା ପଟ୍ଟନାୟକ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସ୍ୱାଧୀନତା ଦିବସରେ ବସନ୍ତ ଲତା ପଟ୍ଟନାୟକ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ପତାକା ଉତ୍ତୋଳନ ସମୟ ରେ ବହୁ ବୁଦ୍ଧିଜୀବୀ , ଗୁନିଜ୍ଞାନି ଲୋକ ଓ ପ୍ରତିମା ସେବା ସଦନରେ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଜାତୀୟ ସଙ୍ଗୀତ ଗାନ କରିବା ସଙ୍ଗେ ସଙ୍ଗେ ବନ୍ଦେ ମାତରଂ ମଧ୍ୟ ବୋଲିଥିଲେ । ସମ୍ପାଦକ ଇଞ୍ଜିନିୟର ଚନ୍ଦ୍ରାୟ ହେମ୍ବ୍ରମ ଉପସ୍ଥିତ ଥିଲେ। ସଭାପତି ଶ୍ରୀମତୀ ବସନ୍ତ ଲତା ପଟ୍ଟନାୟକ ଛାତ୍ର ଛାତ୍ରୀ ଙ୍କୁ ଦେଶ ପ୍ରୀତି ବିଷୟରେ ଉଦବୋଧନ ଦେଇ କହିଥିଲେ ସବୁଧର୍ମ , ଜାତି , ବର୍ଗ , ଉର୍ଦ୍ଧ୍ୱରେ ଆମ ଭାରତ ମାତା ତାଙ୍କ ମାତ୍ର ପାଇଁ ଏକତ୍ରିତ ହୋଇ ନିଜ ନିଜର କର୍ତ୍ତବ୍ୟ କରିବାକୁ ସୁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଭାରତର ବହୁ ମହାପୁରୁଷ ନିଜର ଜୀବନର ବଳିଦାନ ଦେଇ ଦେଶକୁ ସ୍ୱାଧୀନତା ଦେଇଛନ୍ତି ସେହି ମହାପୁରୁଷଙ୍କ ନିକଟରେ ପ୍ରଣାମ ଜଣାଇ ଥିଲେ । ସେହି ମହାପୁରୁଷଙ୍କ ଦେଖାଇଥିବା ରାସ୍ତାକୁ ଚାଲିବ ପାଇଁ ପରାମର୍ଶ ଦେବା ସହ ଆମ ଦେଶ ମାତୃଭୂମି ପାଇଁ କିଛି କାମ କରିବା ପାଇଁ ଚେଷ୍ଟା କରିବା ଉଚିତ୍। ସେହିପରି ସମ୍ପାଦକ ଇଞ୍ଜିନିୟର ଚାନ୍ଦ୍ରାୟ ହେମ୍ବ୍ରମ ତାଙ୍କ ବକ୍ତବ୍ୟରେ କହିଥିଲେ ଯେଉଁମାନେ ଆମ ଦେଶ ରେ ଅଛନ୍ତି ଆଉ ଯେଉଁ ମାନେ ଦେଶ ବାହାରେ ଅଛନ୍ତି ସମସ୍ତଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା । ଆମ ଦେଶ ବହୁତ୍ ଉନ୍ନତି ହୋଇଛି ଆଗକୁ ଯାଉଛି । କିନ୍ତୁ ପ୍ରଶ୍ନ ରହେ ଆମେ ଦେଶକୁ ଆଗକୁ ଯାଉଛି ସତ କିନ୍ତୁ ବହୁ ବେରୋଜଗାରୀ ଯୁବକ ଯୁବତୀ ମାନେ ନିଜର ରୋଜଗାର ପାଇଁ ସଂଘର୍ଷ ଜାରି ରଖିଛନ୍ତି । ତେଣୁ ଏହି ସବୁ ଦୂର ହେଲେ ଆମର ପ୍ରକୃତ ସ୍ୱାଧୀନତା ପାଇବୁ ବୋଲି ଆଶା କରିବା ଦେଶ ଜାତି ପାଇଁ ନିଜକୁ ନିୟୋଜିତ କରିବା ତାହାହେଲେ ପ୍ରକୃତ ସ୍ୱାଧୀନତା ଅନୁଭବ କରି ପାରିବା ବୋଲି କହିଥିଲେ । ଅନ୍ୟ ବକ୍ତା ମାନେ ଦେଶ ପ୍ରୀତି ଗୁଣ ଗାନ କରିଥିଲେ । ଏହି କାର୍ଯ୍ୟ କ୍ରମକୁ ସାଗର ଦାସ , ଗୌତମ ଦାସ , ଚନ୍ଦନ ବେହେରା , ଚାନ୍ଦିନୀ ହାସଦା , ବିଷ୍ଣୁ ହାସଦା, ନିରଞ୍ଜନ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆଇନଜଗତର କିମ୍ବଦନ୍ତୀ ପୁରୁଷ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ଚାନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୭/୮ (ନି.ପ୍ର): ଆଇନଜଗତର କିମ୍ବଦନ୍ତୀ ପୁରୁଷ ପ୍ରବୀଣ ଆଇନଜୀବୀ ପ୍ରଶାନ୍ତ କୁମାର ଚାନ୍ଦଙ୍କ ବିୟୋଗରେ ଆଜି ବାଲେଶ୍ୱର ଓକିଲ ସଂଘରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଂଘର ସଂପାଦକ ସଂବିତ୍ କୁମାର ନନ୍ଦୀ ଏ ଚାନ୍ଦଙ୍କ ସଂପର୍କରେ ପ୍ରାରମ୍ଭିକ ସୂଚନା ଦେବାପରେ ସଂଘର ସଭାପତି ମନୋଜ କୁମାର ନାୟକ ସଭାର ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ଦାସ, ପୁରୁଷୋତମ ବିଶ୍ୱାଳ ପ୍ରମୁଖ ସ୍ମୃତିଚାରଣ କରି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ଏ ଚାନ୍ଦ ବାଲେଶ୍ୱରରେ ପବ୍ଲିକ୍ ସ୍କୁଲ୍, ରୋଟାରୀ କ୍ଲବ୍, ବାଲେଶ୍ୱର ଲ' କଲେଜ୍ ପ୍ରତିଷ୍ଠା କରିବା ସହ ବିଭିନ୍ନସାମାଜିକ ଅନୁଷ୍ଠାନ ଓ ଶିକ୍ଷା ଅନୁଷ୍ଠାନ ସହ ଜଡ଼ିତ ରହି କେବଳ ବାଲେଶ୍ୱର ନୁହେଁ ସମଗ୍ର ଓଡ଼ିଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ସରକାରୀ ପିପି ଓ ଜି.ପି. (ସରକାରୀ ଓକିଲ) ଭାବେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବା ସହ ରାଜ୍ୟ ଆଇନଜୀବୀ ପରିଷଦ ଓଡ଼ିଶାକୁ ଅନେକଥର ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ (ଭାଇସ୍ ଚେୟାରମ୍ୟାନ୍) ଭାବେ ନିର୍ବାଚିତ ହେବା ସହ ମଧ୍ୟ ଅଧ୍ୟକ୍ଷ ଭାବେ ଅନେକ ଦିନ ଧରି ଇନ୍‌ଚାର୍ଜ ଅଧକ୍ଷ କାର୍ଯ୍ୟ ତୁଲାଇଥିଲେ। ଆଇନ୍ ଜଗତରେ ସେ ଜଣେ ଜାଜ୍ୱଲ୍ୟମାନ ବ୍ୟକ୍ତିତ୍ୱ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କର ବିୟୋଗରେ ଆଇନଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର କର, ଦୀପକ୍ କୁମାର ଦାସ, ବୈଲୋଚନ ଦାସ, ଅଶୋକ କୁମାର ସେନାପତି, ଅବଦୁଲ ମୀର ମଜ୍ଜିଦ୍, ଜିତେନ୍ଦ୍ର କୁମାର ଉପାଧ୍ୟାୟ, ପର୍ଶୁରାମ ପ୍ରଧାନ, ଦୀପକ କୁମାର ଦାଶ, ସୁଧାକର ମହାନ୍ତି, ଜୟନ୍ତ କୁମାର ସାହୁ, ସତ୍ୟଜିତ୍ ମିଶ୍ର, ନିରଞ୍ଜନ ପରିଡ଼ା, ଭରତ ଲେଙ୍କା, ସ୍ନେହଲତା ଦାସ, ସରୋଜ ପଣ୍ଡା, ଅରୁଣ ଜେନା, ପ୍ରଭାତ ଦାସ, ସୌରୀଶଙ୍କର ପରିଡ଼ା, ଅକ୍ଷୟ ପାତ୍ର, ଦେବାଶିଷ ପାତ୍ର, ଗୀତାଞ୍ଜଳି ପାଢ଼ୀ, ହେମଲତା ମହାପାତ୍ର, ଲକ୍ଷ୍ମୀକାନ୍ତ ବେହେରା, ଭୁବନାନନ୍ଦ ଦାସ, ତୁଷାରକାନ୍ତି ମହାପାତ୍ର, ଚକ୍ରଧର ମହାନ୍ତି, ମହମ୍ମଦ ଇସଲାମ, ବାସନ୍ତୀ ସାହୁ, ରାମଚନ୍ଦ୍ର ଜେନା, ଗୌତମ ଦାସ, ଭାଗବତ ଜେନା, ଧୀରେନ୍ଦ୍ର ମିଶ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଂଘର ଅନ୍ୟତମ ଆଇନଜୀବୀ ଅଜିତ୍ କୁମାର ଦତଙ୍କର ମଧ୍ୟ ଗତକାଲି ଦେହାନ୍ତ ହୋଇଥିବାରୁ ସଭାରେ ମଧ୍ୟ ତାଙ୍କର ଅମର ଆତ୍ମାର ସତ୍‌ଗତି କାମନା କରାଯାଇଥିଲା।

**AFFIDAVIT**

I Prabhati Mukhi, W/o Rakesh Gochhayat, Vill. Renupada, P.O. Barada, Dist. Balasore hereby declared that wrongly my name is mentioned in my Aadhar as Prabhat Mukhi. In virtue of the affidavit in the Court of Executive Magistrate, Basta I will be known as Prabhati Mukhi instead of Prabhat Mukhi in every document.

*Sd-*
*Prabhati Mukhi*

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ନିଟ ପରୀକ୍ଷାରେ ସଫଳ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ବସ୍ତା ବିଧାୟିକା ସୁବାସିନୀ ଜେନା



ବାଲିଆପାଳ ୧୭.୮(ଆପ୍ର) ନିଟ ପରୀକ୍ଷାରେ ସଫଳଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା । ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଅଧିନସ୍ଥ ଦେଉଳା ଗ୍ରାମର ହରେନ୍ଦ୍ର ଗିରି ଓ ଜୟନ୍ତୀ ପ୍ରଧାନଙ୍କ ପୁଅ ଜ୍ୟୋତିପ୍ରକାଶ ଗିରି ୭୨୦ ରୁ ୬୩୦ ମାର୍କ ସହ କୃତକାର୍ଯ୍ୟ ହାସଲ କରିଛନ୍ତି । ସେହିପରି ଘଣ୍ଟୁଆ ପଞ୍ଚାୟତ ଅଧିନସ୍ଥ ଧର୍ମଦ୍ୱାର ଗ୍ରାମର ରଘୁନାଥ ଦାସ ଏବଂ ମମତା ଦାସଙ୍କ ପୁଅ ଚିନ୍ମୟ କୁମାର ଦାସ ୭୨୦ ରୁ ୫୯୨ ନମ୍ବର ରଖି ବାଲିଆପାଳ ବ୍ଲକ ତଥା ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏହି ଅବସରରେରବିବାର ବସ୍ତାର ମାନ୍ୟବର ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଉଭୟଙ୍କ ବାସଭବନରେ ପହଞ୍ଚି ନିଟ ରେ ସଫଳ ଛାତ୍ରଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏବଂ ତାଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଥିଲେ । ମହାପ୍ରଭୁଙ୍କ ନିକଟରେ ସଫଳ ଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ବିଧାୟିକାଙ୍କ ସହ ଦେଉଳା ସଭାପତି ଅଧୀର ପାତ୍ର, ଦେଭୋଗ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ସିମୁଳିଆ ରାଜନୀତୀରେ ହଲଚଲ: ବିଜେପି ଛାଡିଲେ ଶତାଧିକ କର୍ମୀ



ଖଇରା, ୧୭/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ୨ଥରର ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ ସମେତ ବହୁ ନେତୃବୃନ୍ଦ ସୋମବାର ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ସହ ପୁର୍ବତନ ସରପଞ୍ଚ ଭବଜ୍ୟୋସ୍ନା ନାୟକ, ପୁର୍ବତନ ସମିତିସଭ୍ୟା ସୁନିତା ସାହୁ, ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଶଶାଙ୍କ ଶେଖର ନାୟକ, ୱାର୍ଡସଭ୍ୟା ବାସନ୍ତୀ ପାତ୍ର, ରିନା ନାୟକ, ଶଙ୍କୁନ୍ତଳା ମହାରଣା, ସଭ୍ୟ ଗୌରା ନାଇକ ଙ୍କ ସମେତ ଭାଜପାର ବହୁ ପଞ୍ଚାୟତ ସ୍ତରୀୟ କର୍ମୀ ଏଥିରେ ସାମିଲ ହେବା ପରେ ସିମୁଳିଆ ରାଜନୀତୀରେ କମ୍ପନ ସୃଷ୍ଟି ହୋଇଛି । ସେମାନେ ତାଙ୍କର ଇସ୍ତଫା ପତ୍ର ଜିଲା ସଭାପତି ଙ୍କୁ ପଠାଇଦେଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ନିର୍ବାଚନ ବେଳେ ସେମାନେ ବିଜେଡି ଛାଡି ବିଜେପି ପ୍ରାର୍ଥୀଙ୍କୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ଜିତାଇଥିଲେ । ହେଲେ ଭାଜପା କ୍ଷମତାକୁ ଆସିବା ପରେ ଦୁର୍ଦ୍ଦିନରେ ଛିଡା ହୋଇଥିବା କର୍ମୀଙ୍କୁ ଅଣଦେଖା କଲା । କେବଳ ସେତିକି ନୁହେଁ ନିର୍ବାଚନ ସମୟରେ ଦଳ ଦେଇଥିବା ପ୍ରତିଶୃତି ପାଳନ ନକରିବା, ନିର୍ବାଚନ ବେଳେ ଦଳ ବିରୋଧରେ କାର୍ଯ୍ୟକରୁଥିବା ବ୍ୟକ୍ତି ଦଳରେ ୧ନମ୍ବର ହେବା, ସଙ୍ଗଠନ ଭିତରେ ସମନ୍ୱୟ ଅଭାବ ଯୋଗୁଁ ସେମାନେ ଅତିଷ୍ଠ ହୋଇ ଦଳ ଉପରୁ ଆସ୍ଥା ହରାଇ ମୁହଁ ଫେରାଇଥିବା କହିଛନ୍ତି । କର୍ମୀମାନଙ୍କ ସହ ଆଲୋଚନା ପରେ ଆଗାମୀ ରଣନିତୀ ସମ୍ପର୍କରେ ବିଚାର କରାଯିବ ବୋଲି ଶ୍ରୀ ରାଉତ କହିଛନ୍ତି । ଏଭଳି ବଡଧରଣର ଇସ୍ତଫା ପରେ ସିମୁଳିଆ ରାଜନୀତିରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ପଞ୍ଚାୟତ ନିର୍ବାଚନ କୁ ପ୍ରଭାବିତ କରିବା ର ଆଶଙ୍କା ସୃଷ୍ଟି ହୋଇଛି ।

# ସାମାଜିକ ସୁରକ୍ଷାରୁ ବଂଚିତ ସୋମବାରି, ବୁଧିରାମ ଓ ପାଣ୍ଡୁରାମ



ଉଦଳା , ୧୭/୮ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ବହୁବନ୍ଧ ପଂଚାୟତ ଅନ୍ତର୍ଗତ ଗୋଧିମରା ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ଦେବେନ୍ଦ୍ର ସିଂଙ୍କ ସହଧର୍ମିଣି ସୋମବାରି ସିଂ, ସ୍ୱର୍ଗତଃ ରଥିଆ ସିଂଙ୍କ ପୁତ୍ର ବୁଧିରାମ ସିଂ ଓ ସ୍ୱର୍ଗତଃ ଗୋରା ସିଂଙ୍କ ପୁତ୍ର ପାଣ୍ଡୁରାମ ସିଂ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଆଧାର କାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ସୋମବାରିଙ୍କୁ ବର୍ତ୍ତମାନ ବୟସ ୬୭ ବର୍ଷ ହୋଇଥିବା ବେଳେ ବୁଧିରାମଙ୍କୁ ୬୨ ବର୍ଷ ଓ ପାଣ୍ଡୁରାମ ଙ୍କୁ ୬୮ ବର୍ଷ ଛୁଇଁଲା । ଦିନମଜୁରିଆ ଭାବରେ କାମ କରି ଏହି ବ୍ୟକ୍ତି ମାନେ ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବେଳେ ବୟସ ଅଧିକ ହୋଇ ଯାଇଥିବାରୁ ଏବେ ଆଉ ଆଗଭଳି କାମ କରି ପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର ଏମାନେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ପୁଣି ଜଳକାରେ ବନ୍ୟା: ଦୁଇପାର୍ଶ୍ୱ ଭେଡିବନ୍ଧରୁ ଅତଡା ଖସୁଛି, ଭୟଭୀତ ନଦୀକୂଳବାସୀ



ବସ୍ତା, ୧୭/୮ (ନି.ପ୍ର): ଜଳକାନଦୀରେ ବନ୍ୟା ପାଣିରେ ବସ୍ତା ଅଞ୍ଚଳର ୧୫ରୁ ଉର୍ଦ୍ଧ ପଞ୍ଚାୟତ ଜଳମଗ୍ନ ହୋଇଥିବା ବେଳେ ହଜାର ହଜାର ହେକ୍ଟର ଧାନଚାଷ ପାଇଁ ରୁଆ ଯାଇଥିବା ବିହୋନ ଓ ତଳି ସମ୍ପୁର୍ଣ୍ଣ ନଷ୍ଟ ହୋଇଯାଇଛି । ପୁଣି ଆଜି ଜଳକା ନଦୀ ରେ ପ୍ରବଳ ବନ୍ୟାପାଣି ପ୍ରବେଶ କରୁଛି । ମୟୁରଭଞ୍ଜ ଜିଲ୍ଲା ଚକ ସୁଳିଆପଦା ମୋରଡା ରାସଗୋବିନ୍ଦ ପୁର ଅଞ୍ଚଳରୁ ୩ଦିନ ଧରି ଲଗାତାର ବର୍ଷା ହେଉଥିବା ବେଳେ ମଥାନୀ ଠାରେ ଜଳକାନଦୀ ମଥାନୀ ଠାରେ ବିପଦ ସଂଙ୍କେତ ସକାଳେ ୬.୫୦ଥିବା ସ୍ଥଳେ ଅପରାହ୍ନ ରେ ୬.୬୬ ରେ ପ୍ରବାହିତ ହେଉଛି । ପ୍ରତି ୫ମିନିଟକୁ ଜଳସ୍ତର ଖିପ୍ରଗତିରେ ବଢିବାରେ ଲାଗିଛି । ତେବେ ରାତି ୧୦ ଟା ବେଳକୁ ବସ୍ତାର ବିଭିନ୍ନ ସ୍ଥାନ ବାହ୍ୟ ଜଗତରୁ ବିଛିନ୍ନ ହୋଇ ପାରେ ବୋଲି ଅନୁମାନ କରାଯାଉଛି । ମଥାନୀ ବାୟପାସରୁ ବସ୍ତା ଗାନ୍ଧିଛକ କୁ ସଂଯୋଗ ରାସ୍ତା ବାହାଦା ଚଟାଣ ରେ ପୁଣି ବନ୍ୟାପାଣି ପ୍ରବାହିତ ହେଉଛି । ମଥାନୀ ପଞ୍ଚାୟତ ଦେଇ ପ୍ରବାହିତ ଜଳକାନଦୀ ର ଦୁଇପାର୍ଶ୍ୱ ଭେଡି ବନ୍ଧ ଶିବଗତିଆ ପୁରୋସ୍ତମ ବେହେରା ଘର ଠାରୁ ଜଗବନ୍ଧୁ ଭୂୟାଁ ଘର ନିକଟ ଭେଡିବନ୍ଧ ୨ଶହମିଟର କୁ ବାଉଁଶ ବାଲିବସ୍ତା ଦେଇ ପାଣିକୁ ଆକଟ କରାଯାଇଥିବା ବେଳେ ବିଜୟ ସିଂହ ଘର ଠାରୁ ବଡବନ୍ଧ ସହଦେବ ସିଂହ ଘର ପାଖ ଭେଡିବନ୍ଧ ୫ଶହ ମିଟର ବାଲିବସ୍ତା ଦିଆଯାଇଛି ।ପୁଣି ବଡବନ୍ଧ ନିକଟରେ ବାଉଁଶ ବାଲିବସ୍ତା ପକାଇଥିଲେ ମଧ୍ଯ ପ୍ରବଳ ବନ୍ଯାପାଣି ସ୍ରୋତରେ ଅତଡାଖସୁଛି । ଯାହାଫଳରେ ନଦୀ କୁଳର ଗାଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ମଥାନୀ ଇରିଗେସନ ଜେଇ ସବୁ ସମୟରେ ବାଲିବସ୍ତା ଓ ବାଉଁଶ ଗଛିତ ରଖିଛନ୍ତି ।ତେବେ ଜଳକାବନ୍ଯା ପାଣି ଛାଡିନଥିବା ବେଳେ ପୁଣି ବନ୍ଯାପାଣି ଆଶିବା ପଳରେ ଅଞ୍ଚଳବାସୀଙ୍କ ମଧ୍ଯରେ ଭୟର ବାତାବରଣ ସୃହୋଇଛି ।

# ଉଦଳାରେ କଂଗ୍ରେସ ଦଳ ତରଫରୁ ୮୦ତମ ସ୍ୱାଧିନତା ଦିବସ ପାଳିତ

ଉଦଳା , ୧୭/୮ (ନି.ପ୍ର): ଉଦଳା ସହର ମଧରେ କଂଗ୍ରେସ ଦଳ ତରଫରୁ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପତାକା ଉତୋଳନ, ସାଧାରଣସଭା ଓ କଂଗ୍ରେସ କାର୍ଯ୍ୟାଳୟର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କଂଗ୍ରେସ ଦଳର ଜିଲ୍ଲା ସାଧାରଣ ସଂପାଦକ ନଳିନ କୁମାର ପଟ୍ଟନାୟକ ଜାତୀୟ ପତାକା ଉତୋଳନ କରିବା ପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ବୋଲିଥିଲେ । ଏହାପରେ 'ଭାରତ ମାତାକି ଜୟ', 'ବନ୍ଦେ ମାତରମ୍' ଇତ୍ୟାଦି ସ୍ଲୋଗାନ ଦେଇଥିଲେ । ପରେ ଆୟୋଜିତ ସାଧାରଣ ସଭାରେ ସଂଜୀବ କୁମାର ମହାନ୍ତି ଅଧକ୍ଷତା କରି ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧିନତା ସଂଗ୍ରାମର ଇତିହାସକୁ ମନେପକାଇବା ପାଇଁ କିପରି ଏହି ଦିବସ ପ୍ରତିବର୍ଷ ପାଳିତ ହେଉଛି ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧରେ ଏସ୍.କେ. କାଲାମୁଦିନ, ମୟୁଖ ନାରାୟଣ ଦାସ, ଯୋଗନ୍ଦ୍ରେନାଥ ବାରଶାଳିଆ ପ୍ରମୁଖ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଦେଶରେ ଚାଲିଥିବା ଅହିଂସା ଆନେନ୍ଦାଳନ କିପରି ଇଂରେଜ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲା ଏବଂ ଶେଷରେ ଦେଶଛାଡ଼ି ଚାଲିଯିବାକୁ ବାଧ କରିଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଏହାପରେ ସହର ମଧରେ ନୁଆକରି ପ୍ରତିଷ୍ଠା କରାଯାଇଥିବା କଂଗ୍ରେସ କାର୍ଯ୍ୟାଳୟକୁ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ନଡ଼ିଆ ଫଟାଇ ଉଦ୍‌ଘାଟନ କରାଯାଇଥିଲା । ଆଜିର ଏହି ଉତ୍ସବକୁ ସଫଳ କରିବା ପାଇଁ ମାନସ କୁମାର ସେଠୀ, ବିନୋଦ ଘଡ଼େଇ, ବିଶ୍ୱନାଥ ମୁର୍ମୁ, ଜଇରାମ ହାଁସଦା, ଉମେଶ ସୋରେନ, ଚନ୍ଦନ ବିଶ୍ୱାଳ, ମନୋଜ କୁମାର ମିଶ୍ର, ଅନୀଲ ନାୟକ, ରବିନ୍ଦ୍ର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

# ଦିବ୍ୟାଙ୍ଗ ତଥା ଦୃଷ୍ଟିହୀନ ପିଲାଙ୍କ ସହ ନିଜ ଝିଅର ଜନ୍ମଦିନ ପାଳିଲେ ସୁଶାନ୍ତ




ତିହିଡ଼ି, ୧୭/୮ (ନି.ପ୍ର): ସାମ୍ପ୍ରତିକ ସ୍ଥିତି ରେ ଆମ୍ଭେ ଆମର କିମ୍ବା ଆମ ପରିବାରର ଯଦି କାହାର ଜନ୍ମ ଦିନ ପାଳନ କରିବା ତେବେ କେମିତି କରିବା। ପ୍ରଥମେ ତ ଆମ ମନକୁ କୁ ଆସିବ ଆମ ମାନଙ୍କର ସାଙ୍ଗ, ସାଥୀ ବନ୍ଧୁ ପରିଜନ ମାନଙ୍କୁ ଡାକି କେକ୍ କାଟି ଭୋଜି ଭାତ କରି ମଜା ମସ୍ତି ରେ ଜନ୍ମଦିନ ପାଳନ କରିବା। ଆଉ ଯାହାର ଅଧିକ ଟଙ୍କା ଥିବ ବା ବଡ ବଡିଆ ଲୋକ ମାନେ ସେମାନଙ୍କର ଜନ୍ମଦିନ କେଉଁ ମଣ୍ଡପ ହେଉ କିମ୍ଵା ବଡ ବଡ ରେଷ୍ଟୁରାଣ୍ଟ ରେ ମଦ, ମାଂସ ରେ ଜନ୍ମଦିନ ଟିକୁ ଏକ ଉତ୍ସବ ଭାବେ ପାଳନ କରି ଉପଭୋଗ କରିଥାନ୍ତି।କିନ୍ତୁ ଆମେ ଏମିତି ଜଣେ ବାପାଙ୍କ ବିଷୟରେ ଏଠାରେ ଆଲୋଚନା କରୁଛୁ। ଯିଏକି ନିଜ ଝିଅର ତୃତୀୟ ଜନ୍ମ ବାର୍ଷିକ ଟିକୁ କୌଣସି ମଣ୍ଡପ କି ସାଙ୍ଗ ସାଥି ମାନଙ୍କ ଗହଣ ପାଳନ ନ କରି ଦିବ୍ୟାଙ୍ଗ ତଥା ଦୃଷ୍ଟି ହୀନ ପିଲାମାନଙ୍କ ଗହଣ ରେ ପାଳନ କରିଛନ୍ତି। ଯାହାକି ବର୍ତ୍ତମାନ ସମୟ ପାଇଁ ଏକ ନିଆରା ଉଦାହରଣ ସୃଷ୍ଟି କରିବା ସହ ସମାଜ କୁ ଏକ ନୂତନ ବାର୍ତ୍ତା ଦେଇଛନ୍ତି। ସେହି ବାପା ଜଣଙ୍କ ହେଉଛନ୍ତି ସୁଶାନ୍ତ କୁମାର ଯିଏକି ଜଣେ ଦକ୍ଷ ମେକାନିକାଲ ଇଞ୍ଜିନିୟର। ଭଦ୍ରକ ଜିଲ୍ଲା ତିହିଡି ଅଞ୍ଚଳ ରେ ତାଙ୍କ ଘର।ତାଙ୍କ ପାଖରେ ଟଙ୍କାର ଅଭାବ ନ ଥିଲା କି ତାଙ୍କର ସାଙ୍ଗ ସାଥି କମ୍ ନ ଥିଲେ। ତେବେ ସେ ଚିନ୍ତା କଲେ ତାଙ୍କ ଝିଅ ସୌମ୍ୟା ର ଜନ୍ମଦିନ ଦୃଷ୍ଟିହୀନ ପିଲା ମାନଙ୍କ ସହ ପାଳନ କରିବାକୁ। ଏବଂ ସେ ବାଲେଶ୍ୱର ସହର ଉପକଣ୍ଠ ବାଲିପାଟଣା ଠାରେ ଥିବା ଦୃଷ୍ଟି ହୀନ ଦିବ୍ୟାଙ୍ଗ ଆଶ୍ରମ ରେ ତାଙ୍କ ଝିଅ ସୌମ୍ୟା ର ଜନ୍ମଦିନ ଆଶ୍ରମ ରେ ଥିବା ପିଲା ମାନଙ୍କ ସହ ପାଳନ କଲେ। ପଚାରିଲେ ସୁଶାନ୍ତ କୁହନ୍ତି ଛୋଟ ବେଳୁ ଯଦି ଆମ୍ଭେ ପିଲା ମାନଙ୍କୁ ସତ୍ ମାର୍ଗରେ ନେବା, ସେବା ମନସ୍କ କରିବା ତେବେ ସେମାନେ ବଡ ହେଲେ ବିପଥଗାମୀ ନ ହୋଇ ସମାଜ ର ସେବା କରିବା ସହ ପରିବାର ର ପିତା ମାତା ସମସ୍ତ ଙ୍କ ର ଟେକ ରଖିବ। ସବୁଠାରୁ ବଡ କଥାଟିଏ କହିଛନ୍ତି ସୁଶାନ୍ତ କୁମାର, ଆଶ୍ରମ ରେ ଦୃଷ୍ଟି ହୀନ ଦିବ୍ୟାଙ୍ଗ ପିଲା ମାନେ ଅଛନ୍ତି। ସେମାନଙ୍କର ଜନ୍ମଦିନ ଆସୁଥିବ ସେମାନଙ୍କର ଜନ୍ମଦିନ କେହି ପାଳନ କରୁନଥିବେ, ତା ସହିତ ସେମାନେ ବି ବାହାର ଦୁନିଆ କୁ ଦେଖି ପାରୁନାହାନ୍ତି କି ଦୁନିଆ ସହିତ ମିଶି ନିଜ ମନର କଥା କହି ପାରୁ ନାହାଁନ୍ତି। ତେଣୁ ନିଜର କିମ୍ବା ନିଜ ପିଲା ମାନଙ୍କ ର ଜନ୍ମଦିନ ଏହି ପିଲା ମାନଙ୍କ ସହ ପାଳନ କଲେ ପିଲାମାନେ ଖୁସି ହେବା ସହ ସମାଜ ର ମୁଖ୍ୟ ସ୍ରୋତ ରେ ଦିବ୍ୟାଙ୍ଗ ଓ ଦୃଷ୍ଟି ହୀନ ପିଲାମାନେ ଅଛନ୍ତି ବୋଲି ଅନୁଭବ କରିବେ। ଶେଷରେ ସୁଶାନ୍ତ କୁମାର ଆଶ୍ରମ ପିଲା ମାନଙ୍କ ସହ ନିଜ ଝିଅର ଜନ୍ମ ଦିନ ପାଳନ କରିବା ପରେ ଆଶ୍ରମ ରେ ଭୋଜି ଭାତ କରି ପିଲା ମାନଙ୍କୁ ଆପ୍ୟାୟିତ କରିଥିଲେ। ତେବେ ସୁଶାନ୍ତ କୁମାର ଙ୍କ ଏହିଭଳି କାର୍ଯ୍ୟ କୁ ସମାଜ ର ପ୍ରତ୍ୟେକ ବର୍ଗ ର ଲୋକ ଉଚ୍ଚ ପ୍ରଶଂସା କରୁଥିବା ବେଳେ। ତାଙ୍କ ପତ୍ନୀ ଲିଜା ମଲ୍ଲିକ, ବାପା ଗୟାଧର ମହାଲିକ, ମା ସବିତା ବେହୁରା ଓ ପରିବାର ଲୋକ, ସାଙ୍ଗ ସାଥି ଏହି କାର୍ଯ୍ୟ ରେ ଯୋଗଦାନ କରି ସହୋଯୋଗ କରିଥିଲେ।

# ଓଡିଶା ସାମ୍ବାଦିକ ସଂଘ ପାରାଦ୍ୱୀପ ଶାଖାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ




ପାରାଦ୍ୱୀପ, ୧୭/୮ (ନି.ପ୍ର): ଓଡିଶା ସାମ୍ବାଦିକ ସଂଘ, ପାରାଦୀପ ଶାଖା ପକ୍ଷରୁ ନୂଆବଜାରସ୍ଥିତ ସଙ୍ଘ କାର୍ଯ୍ୟାଳୟ ଠାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଓଜେୟୁ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅନ୍ୟ ମାନଙ୍କ ମଧରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର କୁମାର ବିଶ୍ୱାଳ, ଉପ-ସଭାପତି ପ୍ରଶାନ୍ତ ଦାସ, ସମ୍ପାଦକ ସମୀର କୁମାର ମହାନ୍ତି, ଉପଦେଷ୍ଟା ଅଜିତ୍ ଦାସ, ବସନ୍ତ କୁମାର ସାହୁ, ବଟ କୃଷ୍ଣ ଦାସ, ଶୁଭ୍ରାଂଶୁ ଶେଖର ପୃଷ୍ଟି, ପୁରୁଷୋତ୍ତମ ଶତପଥୀ, ବାପି ବେହେରା, ହିମାଂଶୁ ଭୂଷଣ ନାୟକ ଓ ନିଶାକର ପାତ୍ର ପ୍ରମୁଖ ଯୋଗ ଦେଇ ଜାତୀୟ ସଙ୍ଗୀତ ଗାନ କରିଥିଲେ।

**AFFIDAVIT**

By virtue of an affidavit before the executive Magistrate Balasore, I, Tanmaya Sribastaba Das, aged about 18 yrs, Son of Sudam Krushna Das, resident of Vill- Talapada, Po- Dwarika, P.s- Khantapada, Dist- Balasore declare that my name has been mentioned in my Aadhaar Card No. 7200 9339 0249 as Tanmaya Sribastab Das inadvertanly instead of Tanmaya Sribastaba Das which needs to be corrected in my Aadhaar Card. Both that both the names Tanmaya Sribastaba Das & Tanmaya Sribastab Das is same & one person. I will be known as Tanmaya Sribastaba Das in all purpose.

**Tanmaya Sribastaba Das**

# ଭୁବନେଶ୍ୱର ସ୍ଥିତ ଗେଟାଲାଇଭର ହେଲଥ କେୟାରରେ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ




ଭୁବନେଶ୍ୱର , ୧୭/୮ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଗେଟାଲାଇଭର ହେଲଥ କେୟାରରେ ୮୦ତମ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହର ସହିତ ପାଳନ କରାଯାଇଛି। ଏହି ଉତ୍ସବରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିଓଥେରାପିଷ୍ଟର(ଆଇ.ଏ.ପି) ଉତ୍କଳ ଶାଖାର ସଭାନେତ୍ରୀ ଡ଼ଃ ସ୍ମିତିପ୍ରଜ୍ଞା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଗେଟାଲାଇଭର ହେଲଥ କେୟାର ଅଧିକାରୀ, କର୍ମଚାରୀ ଓ ରୋଗୀଙ୍କ ପରିବାର ସଦ୍ୟସ ମାନେ ଏକତିତ୍ର ହୋଇ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଡ଼ଃ ସ୍ମିତିପ୍ରଜ୍ଞା ଦଳବେହେରା ସ୍ୱାଧୀନତା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାନ ଜନନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଭକ୍ତିପୁତ୍ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗେଟାଲାଇଭ ହେଲଥ କେୟାର ନିର୍ଦ୍ଦେଶକ ଡ଼ା ପ୍ରଭଞ୍ଜନ ରାୟସମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଇ.ଏ.ପି ଉତ୍କଳ ଶାଖାର ଉପସଭାପତି ଡ଼ଃ ଭୁବନା ନନ୍ଦ ପାଣି, ଗେଟାଲାଇଭର ହେଲଥ କେୟାର ବରିଷ୍ଠ ଡ଼ଃ ଅବକାଶ ଯାଦବ ପ୍ରମୁଖ ସାମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତା ପାଇଁ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଅମୂଲ୍ୟ ତ୍ୟାଗକୁ ସ୍ମରଣ କରିବା ସହିତ ସ୍ୱାଧୀନତା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଗେଟାଲାଇଭ ହେଲଥ କେୟାର ଅନ୍ୟାତ୍ତମ ନିର୍ଦ୍ଦେଶକ ମିହିର ନନ୍ଦ ଗୋସ୍ୱାମି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଟଳବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ବାଜପେୟୀଙ୍କ ଅଷ୍ଟମ ପୁଣ୍ୟତିଥି ସମାରୋହ




ପାରାଦୀପ, ୧୭/୮ (ନି.ପ୍ର): ପାରାଦ୍ୱୀପର ଅନ୍ୟାତ୍ତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ' ପକ୍ଷରୁ ମହାନ ରାଷ୍ଟ୍ର ନାୟକ, ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ତଥା ପ୍ରଜ୍ଞାପୁରୁଷ ଅଟଳବିହାରୀ ବାଜପେୟୀଙ୍କ ଅଷ୍ଟମ ପୁଣ୍ୟତିଥି ନୂଆବଜାର ସ୍ଥିତ ଟ୍ରଷ୍ଟ ପ୍ରାଙ୍ଗଣରେ ପାଳିତ ହୋଇ ଯାଇଛି । ପ୍ରଭାତରେ ବାଜପେୟୀ ପାର୍କରେ ଅବସ୍ଥିତ ଅଟଳଜିଙ୍କ ପୂର୍ଣ୍ଣ ଅବୟବ ମୂର୍ତ୍ତିରେ ଟ୍ରଷ୍ଟର ସଦସ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟା ଅର୍ପଣ, ଶ୍ରୀକାନ୍ତ ଶତପଥୀଙ୍କ ଦ୍ୱାରା ଗୀତ ପାଠ କରାଯାଇଅଛି । ସାମ୍ବାଦିକ ଧ୍ରୁବ ଚରଣ ମହାପାତ୍ର, ଶ୍ରମିକ ନେତା ଅନନ୍ତ କୁମାର ଦାସ, ଗୋଲାପ ସାହୁ, ତୁଳସୀ ବରାଳ, ପ୍ରେମଲତା ବାରିକ, କୁନି ଅପା, ନିହାରିକା, ବିଚିତ୍ରାନନ୍ଦ, ସଂଜୀବ ଦାସ ପ୍ରଭୃତିଙ୍କ ଦ୍ୱାରା ବାଜପେୟୀଙ୍କ ଉଦ୍ଦ୍ୟେଶରେ ଅପରାହ୍ନରେ ଟ୍ରଷ୍ଟ ପରିସରରେ କବିତା ପାଠୋତ୍ସବ କରାଯାଇଥିଲା। ଟ୍ରଷ୍ଟର ସହ ସମ୍ପାଦକ ସଂଜୀବ ମିଶ୍ର ସମସ୍ତ କବି ଓ କବିୟତ୍ରୀଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟର ଅଧକ୍ଷ ଅଜିତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ସମ୍ମାନିତ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରି ଈଶ୍ୱରୀୟ ବିଦ୍ୟାଳୟ ପାରାଦୀପ ଶାଖାର ମୁଖ୍ୟ ସୁମନ ଭଉଣୀ, ସାମ୍ବାଦିକ ପ୍ରଶାନ୍ତ ରାଉତ, ଓଜେୟୁ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକ ପାତ କରିଥିଲେ। ପ୍ରଜାପିତା ବ୍ରାହ୍ମକୁମାରୀର ସୁମନ ଭଉଣୀ ନିଶାମୁକ୍ତ ଭାରତ ନିମନ୍ତେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । 'ପାରାଦ୍ୱୀପ ପତ୍ରକାର ପରିଷଦ' ସହଯୋଗରେ ସମସ୍ତଙ୍କୁ ଅଁଳା ବୃକ୍ଷ ପ୍ରଦାନ କରାଯାଇଥିଲା। ସମ୍ପାଦକ ଅରୁଣ କୁମାର ସ୍ୱାଇଁ ସଭା ସଂଚାଳନ କରିଥିବା ବେଳେ ବରିଷ୍ଠ ଆଇନଜିବି କୈଳାଶ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Editor: Sairindhree Sahoo
❒ Managing & Executive Editor : Srustidhar Parida